بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସଂଖ୍ୟା 11

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ମାର୍ଚ୍ଚ 2019 14 ଅମାନ୍ 1398 ହି.ଶ 06 ରଜବ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

رَبَّنَآ اٰمَنَّا بِمَآ اَنْزَلْتَ وَاتَّبَعْنَا الرَّسُوْلَ فَاكْتُبْنَا مَعَ الشّٰهِدِيْنَ ۝

(آل عمران:54)

**ଅନୁବାଦ** - ''ହେ ଆମମାନଙ୍କର ପାଳନକର୍ତା ! ତୁମେ ଯାହାକିଛି ଅବତୀର୍ଣ୍ଣ କରିଅଛ ଆମେମାନେ ତାହା ଉପରେ ବିଶ୍ୱାସ କରିଅଛୁ; ଏବଂ ଆମେମାନେ ସେହି ରସୁଲଙ୍କର ଅନୁଗାମୀ ହୋଇଅଛୁ; ସୁତରାଂ ତୁମ୍ଭେ ଆମମାନଙ୍କୁ ସାକ୍ଷୀମାନଙ୍କ ମଧ୍ୟରେ ତାଲିକାଭୁକ୍ତ କରିନିଅ'' ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ. କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଜଣେ ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି) ଙ୍କୁ ପରକାଳର ଜୀବନ ସମ୍ବନ୍ଧରେ ଇହକାଳରେ ହିଁ ଦର୍ଶନ କରାଇ ଦିଆଯାଏ, ତାଙ୍କୁ ଇହକାଳରେ ହିଁ ଇଶ୍ୱର ମିଳିଥାନ୍ତି, ଦେଖାଦେଇଥାନ୍ତି ଏବଂ ତାଙ୍କ ସହିତ କଥା ହୋଇଥାନ୍ତି । ଜଣେ ଓ୍ୱଲିଙ୍କର କଥନ ଅଛି କି ଯାହାକୁ ନିଜ ଜୀବନରେ ଗୋଟିଏ ମଧ୍ୟ ସଚ୍ଚା ସ୍ୱପ୍ନ ପ୍ରାପ୍ତ ହୋଇନାହିଁ ତା ପରିଣାମ ଭୟଙ୍କର ଅଟେ । ସୁତରାଂ ଏହାକୁ ଦୃଷ୍ଟି ଆଗରେ ରଖି ଜଣେ ମନୁଷ୍ୟ ନମାଜରେ ବ୍ୟାକୁଳ ହୋଇ ପ୍ରାର୍ଥନା କରିବା ଉଚିତ୍ ଏବଂ ଏ ଅଭିଳାଷ ରଖୁ କି ସେ ମଧ୍ୟ ଉକ୍ତ ଲୋକମାନଙ୍କ ମଧ୍ୟରେ ଗଣା ହେଉ ଯେଉଁମାନେ ଉନ୍ନତି କରି ଅନ୍ତଃଜ୍ଞାନ ଲଭିଛନ୍ତି ।**

## ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ନୀତିବାଣୀ

### ମୁତ୍‌ତକି (ଧର୍ମନିଷ୍ଠ ବ୍ୟକ୍ତି) ଙ୍କୁ ପରକାଳର ଜୀବନ ସମ୍ବନ୍ଧରେ ଏଠାରେ (ଅର୍ଥାତ୍ ଇହକାଳରେ ) ଅବଗତ କରାଇଦିଆଯାଏ ।

ଏହା ଏକ ନେମତ୍ (ଅର୍ଥାତ୍ ପୁରସ୍କାର ) ଅଟେ କି ଓ୍ୱଲିମାନଙ୍କୁ ଖୁଦାଙ୍କ ଫରିସ୍ତା (ଦେବଦୂତ) ଦେଖାଯାଇଥାନ୍ତି । ଆସନ୍ତା ଜୀବନ (ଅର୍ଥାତ ପରକାଳର ଜୀବନ ) କେବଳ ବିଶ୍ୱାସ ଉପରେ ଆଧାରିତ । କିନ୍ତୁ ଜଣେ ମୁତ୍‌ତକିଙ୍କୁ ପରକାଳର ଜୀବନ ବିଷୟରେ ଏଠାରେ ହିଁ ଦେଖାଇଦିଆଯାଏ । ତା'ଙ୍କୁ ଏ ଜୀବଦଶାରେ ହିଁ ଖୁଦା ମିଳିଥାଏ, ଦେଖାଦେଇଥାଏ ଏବଂ ସେମାନଙ୍କ ସହିତ ବାର୍ତାଳାପ କରିଥାଏ । ସୁତରାଂ ଯଦି କାହା ଜୀବନରେ ଏପରି ଭାଗ୍ୟନାହିଁ ତେବେ ତାର ମୃତ୍ୟୁ ଏବଂ ସଂସାରକୁ ଛାଡି ଚାଲିଯିବା ବହୁତ ଖରାପ । ଜଣେ ଓ୍ୱଲିଙ୍କ କଥନ ଏପରି ଅଛି କି ଯଦି କାହାକୁ ସାରା ଜୀବନରେ ଗୋଟିଏ ସଚ୍ଚା ସ୍ୱପ୍ନ ହୋଇନାହିଁ ତେବେ ତା'ର ପରିଣାମ ଭୟଙ୍କର । ଯେପରି କି ପବିତ୍ର କୋରାନ୍ ଏହାକୁ ମୋମିନ୍ (ବିଶ୍ୱାସକାରୀ) ନିମନ୍ତେ ନିଦର୍ଶନ ରୂପେ ଅଭିହିତ କରିଛି । ଶୁଣ ! ଯାହାଙ୍କଠାରେ ଏହି ନିଦର୍ଶନ ନାହିଁ ତା'ଠାରେ ତକ୍‌ଓ୍ୱା (ଧର୍ମପରାୟଣତା ) ନାହିଁ । ସୁତରାଂ ଆମ ସମସ୍ତଙ୍କୁ ଏ ପ୍ରାର୍ଥନା କରିବା ଉଚିତ୍ କି ଉକ୍ତ ସର୍ତଟି ଆମଦ୍ୱାରା ପୂରଣ ହେଉ ।

ମୁତ୍‌ତକିଙ୍କୁ ଆହୁରି ବହୁତ କିଛି ବରକାତ୍ (ବୈଭବ ) ମିଳିଥାଏ । ଉଦାହରଣ ସ୍ୱରୁପ ପବିତ୍ର କୋରାନ୍‌ର ପ୍ରାରମ୍ଭରେ ସୁରଃ ଫାତିହାରେ ଅଲ୍ଲାଃତାଲା ମୋମିନ୍‌ଙ୍କୁ ହିଦାୟତ୍ (ଅର୍ଥାତ୍ ନିର୍ଦ୍ଦେଶ) ଦେଇଛନ୍ତି କି ସେ ଏହି ପ୍ରାଥନାଟି କରୁ **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ । ସିରାତଲ୍ ଲଜ୍ଜିନା ଅନ୍‌ଅମ୍‌ତା ଆଲୈହିମ୍ ଗୈରିଲ୍ ମଗ୍‌ଜୁବେ ଆଲୈହିମ୍ ଓ୍ୱଲଜ ଜ୍ୱାଲ୍ଲିନ୍** । (ଅଲ୍‌ଫାତିହା :୬-୮) ଅର୍ଥାତ୍ : ଆମମାନଙ୍କୁ ସରଳମାର୍ଗରେ ପରିଚାଳିତ କରାଅ , ସେମାନଙ୍କ ମାର୍ଗରେ ଯେଉଁମାନଙ୍କୁ ତୁମେ ପୁରସ୍କୃତ କରିଅଛ । ଏହା ଏଇଥିପାଇଁ ଶିଖାଇଛନ୍ତି କି ମଣିଷ ଏହାଦ୍ୱାରା ଦୃଢ ସାହସିକତାର ସହିତ ସୃଷ୍ଟିକର୍ତାଙ୍କ ଇଛାକୁ ବୁଝିବ ଓ ତାହା ହେଉଛି ଏପିରିକି ଏ ଜାତି ପଶୁଙ୍କପରି ଜୀବନ ଅତିବାହିତ ନକରୁ ବରଂ ତା'ର ସମସ୍ତ ପରଦା ଖୋଲିଯାଉ ଯେପରିକି ଶିହାମାନଙ୍କର ପ୍ରଥା ରହିଛି ଯେ ଓ୍ୱଲାୟତ୍ ବାରଜଣ ଇମାମ୍‌ଙ୍କ ପରେ ଶେଷ ହୋଇଯାଇଛି । ତା'ର ଓଲଟା ଉକ୍ତ ଦୁଆ (ପ୍ରାର୍ଥନା) ରୁ ଏହା ପ୍ରକାଶ ହେଉଛି କି ଖୁଦା ପ୍ରଥମରୁ ଏ ସଂକଳ୍ପ କରିରଖିଛନ୍ତି କି ଯିଏ ମୁତ୍‌ତକି (ଧର୍ମପରାୟଣ) ହେବ ଓ ଖୁଦାଙ୍କ ଇଚ୍ଛା ମୁତାବକ ହେବ , ସେ ଏପରି ପଦମର୍ଯ୍ୟାଦାକୁ ହାସଲ କରିପାରିବ, ଯେଉଁ (ପଦମର୍ଯ୍ୟାଦାକୁ ) ଅମ୍ବିୟାମାନେ ଅର୍ଥାତ୍ ଅବତାରମାନେ ଏବଂ ସୁଫିସନ୍ଥମାନେ ହାସଲ କରିଛନ୍ତି । ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ ମନୁଷ୍ୟକୁ ବହୁତ୍ ଗୁଡିଏ ଶକ୍ତି ମିଳିଛି ଯାହାର ବିକାଶ ଓ ବୃଦ୍ଧି ହେବାକୁ ଅଛି ଏବଂ ସେ ବହୁତ ଉନ୍ନତି କରିପାରିବ । ହଁ ଗୋଟିଏ ଛେଳି ଯେହେତୁ ସେ ଗୋଟିଏ ମଣିଷ ନୁହେଁ ତା'ର ଅନ୍ତଃଶକ୍ତି ଉନ୍ନତି କରିପାରେନାହିଁ ।

ଉଚ୍ଚ ସାହସ ସମ୍ପନ୍ନ ବ୍ୟକ୍ତି ଯେତେବେଳେ ରସୁଲ୍ ଏବଂ ଅବତାରମାନଙ୍କ ଅବସ୍ଥା ବିଷୟରେ ଶୁଣିଥାନ୍ତି ଅର୍ଥାତ୍ ସେହି ସମସ୍ତ ପୁରସ୍କାର ଯାହା ଏହି ଆଧାତ୍ମିକ ଗୋଷ୍ଠିକୁ ପ୍ରାପ୍ତ ହୋଇଅଛି ତା' ଉପରେ ନା କେବଳ ବିଶ୍ୱାସ ହେଉ ବରଂ ଧିରେ ଧିରେ ଏହି ସବୁ ପୁରସ୍କାର ଗୁଡିକ ଉପରେ ତାର ଇଲମୁଲ୍ ୟକିନ୍ (ଅର୍ଥାତ୍ ବିଶ୍ୱାସ ଆଣିବା ପାଇଁ ଜ୍ଞାନର ଆବଶ୍ୟକତା), ଅଇନୁଲ ୟକିନ୍ (ଅର୍ଥାତ୍ ଆଖିରେ ଦେଖି ବିଶ୍ୱାସ ଆଣିବା) ଏବଂ ହକ୍‌କୁଲ୍ ୟକିନ୍ (ଅର୍ଥାତ୍ ବାସ୍ତବିକ ବିଶ୍ୱାସ ) ସୃଷ୍ଟି ହେବ ।

### ଜ୍ଞାନର ତିନୋଟି ସ୍ତର

ଜ୍ଞାନ (ଆହାରଣ କରିବାର) ତିନୋଟି ସ୍ତର ରହିଛି । ଇଲ୍‌ମୁଲ୍ ୟକିନ୍ , ଅଇନୁଲ୍ ୟକିନ୍, ହକ୍‌କୁଲ୍ ୟକିନ୍ । ଉଦାହରଣ ସ୍ୱରୁପ କୌଣସି ସ୍ଥାନରେ ଧୂଆଁ ବାହାରିବାର ଦେଖି ନିଆଁ ଲାଗିଛି ବୋଲି ବିଶ୍ୱାସ କରିନେବା ହେଉଛି ଇଲ୍‌ମୁଲ୍ ୟକିନ୍ । କିନ୍ତୁ ନିଜେ ଆଖିରେ ନିଆଁକୁ ଦେଖିନେବା ହେଉଛି ଅଇନୁଲ୍ ୟକିନ୍ । ତା'ଠାରୁ ବଳି ଯେଉଁ ସ୍ତର ରହିଛି ତାହା ହେଉଛି ହକ୍‌କୁଲ୍ ୟକିନ୍ ଅର୍ଥାତ୍ ନିଆଁରେ ହାତ ଲଗାଇ ଜଳିବାର ଓ ତାପ ସମ୍ବନ୍ଧରେ ବିଶ୍ୱାସ କରିବା କି ନିଆଁ ମହଜୁଦ୍ ଅଛି । ସୁତରାଂ ସେ ବ୍ୟକ୍ତି କେଡେ ଅଭାଗା ଯାହାକୁ ଉପରୋକ୍ତ ତିନୋଟି (ସ୍ତର ) ମଧ୍ୟରୁ ଗୋଟିଏ ସ୍ତର ମଧ୍ୟ ପ୍ରାପ୍ତ ନାହିଁ । ଏହି ଆୟତ ମୁତାବକ ଯାହା ଉପରେ ଅଲ୍ଲାଃଙ୍କର କୃପା ନାହିଁ ସେ ଅନ୍ଧକୁ ଅନୁସରଣ କରିବାରେ ଲାଗିଛି । ଅଲ୍ଲାଃତାଲା କହୁଛନ୍ତି : ***ଓ୍ୱଲ୍‌ଲଜିନା ଯାହାଦୁ ଫିଁଇନା ଲନହ୍‌ଦିୟନ୍ନହୁମ୍ ସୁବୁଲନା*** (ଅନ୍‌କବୁତ୍ : ୭୦) ଅର୍ଥାତ୍ ଯିଏ ଆମ ମାର୍ଗରେ ଉଦ୍ୟମ କରିବ ଆମେ ତା'କୁ ନିଜର ରାସ୍ତା ଦେଖାଉଦେବୁ । ଏହା ତ ଏକ ପ୍ରତିଶୃତି । ଏପଟେ ଏ ଦୁଆ ରହିଛି କି ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ (ଫାତିହା : ୬)

ସୁତରାଂ ମନୁଷ୍ୟ ସେ ସବୁକୁ ଦୃଷ୍ଟିଆଗରେ ରଖି ନମାଜରେ ବ୍ୟାକୁଳ ହୋଇ ଦୁଆ ଅର୍ଥାତ୍ ପ୍ରାର୍ଥନା କରୁ ଏବଂ ଏ ଅଭିଳାଷ ରଖୁ କି ସେ ମଧ୍ୟ ଉକ୍ତ ଲୋକମାନଙ୍କ ମଧ୍ୟରେ ଗଣା ହେଉ, ଯେଉଁମାନେ ଉନ୍ନତି କରି ଅନ୍ତଃଜ୍ଞାନ ଲଭିଛନ୍ତି । ଏପରି ନ ହେଉକି ଏ ସଂସାରରୁ ସେ ଅଜ୍ଞାନ ଓ ଅନ୍ଧ ସଦୃଶ ହୋଇ ଚାଲିଯାଉ । (ଅଲ୍ଲାଃ) କହୁଛନ୍ତି : **ମନ କାନା ଫି ହାଜିହି ଆମା ଫହୁଓ୍ୱ ଫିଲ୍ ଆଖିରତି ଆମା** (ବନି ଇସ୍‌ରାଇଲ୍ :୭୩) ଅର୍ଥାତ୍ ଯିଏ ଇହକାଳରେ ଅନ୍ଧ ସେ ପରକାଳରେ ମଧ୍ୟ ଅନ୍ଧ (ରହିବ) । ତାହାର (ଅର୍ଥାତ୍ ଖୁଦାଙ୍କର) ଇଚ୍ଛା ଏହା ଅଟେ କି ପରକାଳକୁ ଦେଖିବା ପାଇଁ ଇହକାଳରୁ ଆମେ ଆଖି ନେଇଯିବା । ଆସନ୍ତା ସଂସାର (ଅର୍ଥାତ ପରକାଳ) କୁ ଅନୁଭବ କରିବା ପାଇଁ ଇହକାଳରେ ହିଁ ଚେତନାର ପ୍ରସ୍ତୁତି କରାଯିବ । ସୁତରାଂ କଣ ଏ ସମ୍ଭାବନା ହୋଇପାରେ କି ଅଲ୍ଲାଃତାଲା ପ୍ରତିଶୃତି କରି ପୁଣି ତାହା ପୁରଣ ନ କରିବ ।

### ଅନ୍ଧ କିଏ ?

ଅନ୍ଧର ଅର୍ଥ ହେଉଛି ସେ ଯିଏ ଆଧାତ୍ମିକ ଜ୍ଞାନ ଏବଂ ଆଧାତ୍ମିକ ଆନନ୍ଦ ଲାଭ କରି ନାହିଁ ଜଣେ ବ୍ୟକ୍ତି ଅନ୍ଧକୁ ଅନୁକରଣ କରିବା ଦ୍ୱାରା ଅର୍ଥାତ ମୁସଲମାନ ଘରେ ଜନ୍ମ ହୋଇଗଲା (ତେଣୁ) ମୁସଲମାନ ବୋଲାଇଲା । ଅନ୍ୟପଟେ ଜଣେ ଇସାଇ (ଅର୍ଥାତ ଖ୍ରୀଷ୍ଟିଆନ୍) ଇସାଇଙ୍କ ଘରେ ଜନ୍ମ ହୋଇ ଇସାଇ ହୋଇଗଲା । ଏହି କାରଣରୁ ଏପରି ବ୍ୟକ୍ତି ଖୁଦା, ରସୁଲ୍ ଏବଂ କୋରାନ୍‌ର କୌଣସି ସମ୍ମାନ କରେ ନାହିଁ । ତା'ର ଧର୍ମ ସହିତ ଥିବା ପ୍ରେମଭାବରେ ମଧ୍ୟ ସନ୍ଦେହ । ଖୁଦାର ଏବଂ ରସୁଲ୍‌ଙ୍କୁ (ଅର୍ଥାତ ଇଶ୍ୱର ଓ ତା' ଅବତାରମାନଙ୍କୁ) ଅସମ୍ମାନ କରୁଥିବା (ବ୍ୟକ୍ତି) ମାନଙ୍କ ସହିତ ତା'ର ସମ୍ବନ୍ଧ ଥାଏ । ଏହାର କାରଣ କେବଳ ଏତିକି ଯେ ସେହି ବ୍ୟକ୍ତିର ଆଧାତ୍ମିକତା ଚକ୍ଷୁ ନାହିଁ । ତା'ଠାରେ ଧର୍ମପ୍ରତି ପ୍ରେମଭାବ ନାହିଁ । ଏତତ୍ ଭିନ୍ନ ପ୍ରେମ କରୁଥିବା ବ୍ୟକ୍ତି ପ୍ରେମିକା ବିରୋଧରେ କଣ କିଛି ପସନ୍ଦ କରିଥାଏ କି ? ସୁତରାଂ ଅଲ୍ଲାଃତାଲା ଶିକ୍ଷା ଦେଇଛନ୍ତି କି ମୁଁ ତ ଦେବାକୁ ପ୍ରସ୍ତୁତ ରହିଛି ଯଦି ତୁ ନେବାକୁ ପ୍ରସ୍ତୁତ ଅଛୁ । ସୁତରାଂ ଏହି ପ୍ରାର୍ଥନା କରିବା ଦ୍ୱାରା ହିଁ ହିଦାୟତ୍‌କୁ ଗ୍ରହଣ କରିବାର ପ୍ରସ୍ତୁତି ଅଟେ ।

ଏହି ଦୁଆ (ପ୍ରାର୍ଥନା) ପରେ ସୁରଃ ବକ୍‌ରାଃର ଆରମ୍ଭରେ ହିଁ ଯେଉଁ **ହୁଦଲ୍ ଲିଲ୍ ମୁତ୍‌ତକିନ୍** (ବକରାଃ :୩) କୁହାଯାଇଅଛି, ଯେପରି ଇଶ୍ୱର ଦେବା ପାଇଁ ପ୍ରସ୍ତୁତ ଚଳାଇଛନ୍ତି ଅର୍ଥାତ ଏ ପୁସ୍ତକ ମୁତ୍‌ତକିଙ୍କୁ ଶିଖରରେ ପହଂଚାଇବା ପାଇଁ ପ୍ରତିଶୃତି ଦେଇଛନ୍ତି । ସୁତରାଂ ଏହାର ଅର୍ଥ ହେଉଛି ଏପରିକି ଏହି ପୁସ୍ତକ ସେମାନଙ୍କ ପାଇଁ ହେଉଛି ହିତକାରୀ ଯେଉଁମାନେ ସତ୍ୟନିଷ୍ଠତାର ସହ ଉପଦେଶ ଗୁଡ଼ିକୁ ଶୁଣିବା ପାଇଁ ପ୍ରସ୍ତୁତ ଅଛନ୍ତି । ଏ ସ୍ତରରେ ମୁତ୍‌ତକି (ଧର୍ମନିଷ୍ଠ) ହେଉଛି ସେ ଯିଏ ଅହଂ ଭାବରୁ ମୁକ୍ତ ହୋଇ ସତ୍ୟକଥା ଶୁଣିବାକୁ ପ୍ରସ୍ତୁତ ଅଛି । ଯେପରି ଯେବେ କିଏ ମୁସଲ୍‌ମାନ ହୁଏ ତେବେ ମୁତ୍‌ତକି ବନିଯାଏ । ଯଦି ଅନ୍ୟ କୌଣସି ଧର୍ମରେ ଭଲ ଦିନ ଆସେ, ତେବେ ତା ଭିତରେ ଧର୍ମନିଷ୍ଠା ଜନ୍ମ ନିଏ । ଅଜବ, ଅହଙ୍କାର ଓ ଗର୍ବ ଦୂର ହୁଏ । ଏହିପରି ଯେଉଁ ସମସ୍ତ ପ୍ରତିବନ୍ଧକ ଥିଲା ତାହା ଦୂର ହୋଇଗଲା । ସେ ସବୁ ଦୂର ହେବା ଦ୍ୱାରା ଅନ୍ଧାର ଘରର ଝରକା ଖୋଲିଗଲା ଫଳତଃ (ସୂର୍ଯ୍ୟ) କିରଣ (ଘର) ଭିତରେ ପ୍ରବେଶ କଲା ।

ଏ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି କି ଏ ପୁସ୍ତକ ମୁତ୍‌ତକିଙ୍କ ନିମନ୍ତେ ହିଦାୟତ (ଅର୍ଥାତ ପଥପ୍ରଦର୍ଶକ) । **ହୁଦଲ୍ ଲିଲ୍ ମୁତ୍‌ତକିନ୍** ବାବ ଇଫତ୍‌ଆଲ୍‌ରୁ ଆସିଛି ଯାହାର ଅର୍ଥ ହେଉଛି ଉନ୍ନତି କରିବା ଏବଂ ଏହି ବାବ୍ ତକଲ୍ଲୁଫ୍ ପାଇଁ ଆସିଥାଏ । ଅର୍ଥାତ ଏଥିରେ ଇସାରା ରହିଛି କି ଆମେ ଯେଉଁ ମାତ୍ରରେ ଏଠାରେ ତକ୍‌ଓ୍ୱା (ଧର୍ମପରାଣୟତା) ଚାହୁଁଅଛୁ ତାହା ତକଲ୍ଲୁଫରୁ ଖାଲି ନାହିଁ ଯାହାର ସୁରକ୍ଷା ନିମନ୍ତେ ଏହି ପୁସ୍ତକରେ ଶିକ୍ଷା ଦିଆଯାଇଅଛି । ଅର୍ଥାତ ମୁତ୍‌ତକି (ଧର୍ମନିଷ୍ଠ ବ୍ୟକ୍ତି) ଙ୍କୁ ପୁଣ୍ୟ କରିବାକୁ ହେଲେ କଷ୍ଟ କରିବାକୁ ପଡ଼େ ।

**(ମଲଫୁଜାତ୍ ଖଣ୍ଡ-୧ , ପୃଷ୍ଠା-୧୨-୧୪)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...

ବାକି ସମସ୍ତ ପ୍ରକୃତ ମସ୍‌ଯିଦ୍ ଗୁଡ଼ିକ କାହାର ପ୍ରତୀକ ଅଟନ୍ତି ।

ହଜୁର ଅନ୍‌ଓ୍ୱର୍ ଅ:ବ:ଅ କହିଲେ ମସ୍‌ଯିଦ୍ ନିର୍ମାଣ ହେବାର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ରୁପେ ଏକ ଇଶ୍ୱରଙ୍କ ଉପାସନା ନିମନ୍ତେ ଉଦ୍ଦିଷ୍ଟ । ତେଣୁ ମସ୍‌ଯିଦ୍ ହେଉଛି ଏପରି ଏକ ସ୍ଥାନ ଯେଉଁଠି ମୁସଲ୍‌ମାନେ ,ଏକାଠି ହୋଇଥାନ୍ତି । ଏବଂ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହୋଇଥାନ୍ତି । ଏବଂ ତା'ର ଉପାସନା କରଥାନ୍ତି । ଏପରି ଉପାସନା ଦିନରେ ପାଂଚଥର କରାଯାଏ ଯାହାକୁ ନମାଜ କୁହାଯାଏ । ଏହା ପ୍ରତ୍ୟେକ ମୁସଲ୍‌ମାନଙ୍କ ଇମାନ୍‌ର ମୂଳ ଅଂଶ ଅଟେ ଯାହାକୁ ତା'ପାଇଁ କରିବା ବାଞ୍ଛନୀୟ । ମସ୍‌ଯିଦ୍ ନିର୍ମାଣର ଦ୍ୱିତୀୟ ଗୁରୁତ୍ୱପୁର୍ଣ ଉଦ୍ଧେଶ୍ୟ ହେଉଛି ଯେଉଁଠି ମୁସଲ୍ ମାନମାନେ ଏକତ୍ରିତ ହୋଇ ଉପାସନା କରିବା ସହିତ ଆପୋଷ ଭାତୃଭାବକୁ ସୁଦୃଢ଼ କରି ସହଜରେ ଏକତା ସୃଷ୍ଟି କରିପାରିବେ । ସୁତରଂ ମସ୍‌ଯିଦ୍ ଜରିଆରେ ମୁସଲ୍‌ମାନ ଅଧିକା ସୁବିଧାରେ ସହିତ ସଦ୍‌ବ୍ୟବହାର, ସହାନୁଭୂତି ଏବଂ ଭାଇଚାରାର ବାତାବରଣ ସ୍ଥାପନ କରିପାରିବେ । ତୃତୀୟ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ କୌଣସି ମସ୍‌ଯିଦ୍‌ର ହେଉଛି ଏହା କି ଅଣମୁସ୍‌ଲମାନ ମାନଙ୍କୁ ଇସ୍‌ଲାମ୍‌ର ଶିକ୍ଷା ସମ୍ବନ୍ଧରେ ଅବଗତ କରାଯାଉ ଏବଂ ସମାଜର ସମସ୍ତ ଅଧିକାରକୁ ପ୍ରଦାନ କରଯାଉ । ଏହି ମସ୍‌ଯିଦ୍ ଏକ ପ୍ଲାଟ୍‌ଫର୍ମ ଯୋଗାଇଥାଏ ଯଦ୍ୱାରା ମୁସଲମାନ୍ ଏକ ହୋଇ ନିଜ ସ୍ଥାନୀୟ ଅଧିବାସୀଙ୍କ ସେବା କରିପାରିବେ । ଏବଂ ସମାଜର ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସେବା କରିପାରିବେ ।

ଅଲ୍ଲାଃତାଲା ପବିତ୍ର କୋରାନ୍‌ର ସୁରଃ ନିସା ଆୟତ ନମ୍ବର ୩୭ ରେ କହଛନ୍ତି "ଏବଂ ତୁମେମାନେ ଅଲ୍ଲାଃଙ୍କର ଉପାସନା କର ଏବଂ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରନାହିଁ । ଏବଂ ପିତାମାତାଙ୍କ ପ୍ରତି ଓ ନିକଟ ସମ୍ପର୍କୀୟମାନଙ୍କ ପ୍ରତି ଓ ଅନାଥ ମାନଙ୍କ ପ୍ରତି ଓ ଦରିଦ୍ର ମାନଙ୍କ ପ୍ରତି ଓ ସମୀପବର୍ତୀ ବ୍ୟକ୍ତିମାନଙ୍କ ପ୍ରତି ଓ ପଥିକମାନଙ୍କ ପ୍ରତି ଏବଂ ଯେଉଁମାନେ ତୁମମାନଙ୍କର କତୃତ୍ୱାଧିନ ହୋଇଛନ୍ତି ସେମାନଙ୍କ ପ୍ରତି ସଦୟ ହୁଅ । ବାସ୍ତବାରେ ଅଲ୍ଲାଃ ଅହଙ୍କାରୀ ଓ ଆତ୍ମାଭିମାନୀ ମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହି ।"

ଏହି ପବିତ୍ର ଆୟତ୍‌ରେ ପବିତ୍ର କୋରାନ୍ ମୁସଲ୍‌ମାନ ମାନଙ୍କୁ ଏ ଶିକ୍ଷା ଦେଇଛିକି ସବୁଲୋକଙ୍କ ସହିତ ସହାନଭୂତି ଦେଖାଇବା ଓ ସଦ୍ ବ୍ୟବହାର କରଯାଉ । ଇସ୍‌ଲାମ୍ ମୁସଲ୍‌ମାନଙ୍କୁ ଏ ନର୍ଦ୍ଦେଶ ଦେଉଛି କି ସେ ମାଆ ବାପା ଘରର ସଦସ୍ୟ ଓ ଅନ୍ୟାନ୍ୟ ସମ୍ପର୍କୀୟ ଏବଂ ସମାଜର ଅସହାୟ ଲୋକମାନଙ୍କ ସେବା କରୁ । ପବିତ୍ର କୋରାନ୍ ପଡ଼ୋଶୀମାନଙ୍କ ଅଧିକାର ପ୍ରଦାନ କରିବା ନିମନ୍ତେ ବହୁତ ଜୋର୍ ଦେଇଛି । ପଡ଼ୋଶୀର ଅର୍ଥ କେବଳ ସେହିଲୋକମାନେ ନୁହନ୍ତି ଯେଉଁମାନେ ଘର କଡ଼ରେ ରହିଥାନ୍ତି ବରଂ ଇସ୍‌ଲାମ୍‌ରେ ପଡ଼ୋଶୀର ଅର୍ଥ ବହୁତ ବ୍ୟାପକ । ଏଥିରେ ସେହି ସମସ୍ତ ସାଥିମାନେ ସାମିଲ୍ ଅଛନ୍ତି ଯେଉଁମାନେ ତା ସହିତ କାମ କରୁଛନ୍ତି ବା ତା ସହିତ ଯାତ୍ରାକରୁଥାନ୍ତି । ଏବଂ ସେମାନେ ମଧ୍ୟ ସାମିଲ୍ ଅଛନ୍ତି ଯେଉଁମାନଙ୍କ ସହିତ ତା'ର ସମ୍ପର୍କ ଅଛି । ତେଣୁ ସକ୍ଷିପ୍ତରେ ଏହି ସହରର ସମସ୍ତ ଲୋକେ ହେଉଛନ୍ତି ଏହି ମସ୍‌ଯିଦ୍‌ର ପଡ଼ୋଶୀ ତେଣୁ ପ୍ରକୃତ ମସ୍‌ଯିଦ ସମାଜର ଶାନ୍ତି ନଷ୍ଟକରିବା ପରିବର୍ତେ ସମାଜର ବିଭିନ୍ନ ଲୋକ ଓ ଧର୍ମ ମଧ୍ୟରେ ଶାନ୍ତିକୁ ପ୍ରୋତ୍ସାହନ ଦେଇଥାଏ ଓ ଲୋକ ମାନଙ୍କ ଅଧିକାରକୁ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ । ଏପରି ମସ୍‌ଯିଦ୍‌ର କିଛି ଲାଭନାହିଁ ଯାହା ଉ୍ପରୋକ୍ତ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟକୁ ପୂରଣ କରିନଥାଏ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ: ଆମ ଇତିହାସ ଏ କଥାର ସାକ୍ଷୀ ଅଛିକି ଆମେ ଯେବେ ମସ୍‌ଜିଦ୍ ବନାଇଥାଉ ତେବେ ତା'ର ଉଦ୍ଦେଶ୍ୟଗୁଡ଼ିକୁ ପୁରଣ କରିବାପାଇଁ ଚେଷ୍ଟା କରିଥାଉ । ଯାହା ମୁଁ ଏବେ ବର୍ଣ୍ଣନା କଲି ଆମେ ନିଜର ସଦ୍ ବ୍ୟବହାର ଏବଂ ନିଜର ପୂଣ୍ୟ ବ୍ୟବହାରକୁ କାର୍ଯ୍ୟରେ ପ୍ରକାଶ କରିବା ପାଇଁ ଚେଷ୍ଟା କରିଥାଉ ଆମ ଜମାତ୍‌ର ମୋଟୋ ହେଉଛି ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ'' ତେଣୁ ଆମେ ଏହାକୁ ଜୀବିତ ରଖିଛୁ । ଆମେ ଅନ୍ୟ ମସୁଲ୍‌ମାନ ସମୂହ ଏବଂ ଅଣମୁସ୍‌ଲିମ୍‌ଙ୍କ ସହିତ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କରିଥାଉ । ଆମେ ସମସ୍ତ ଧର୍ମ ସହିତ ବର୍ତାଳାପ କରିବାକୁ ପ୍ରେତ୍ସାହନ ଦେଇଥାଉ ଆମେ ନିଜ ପଡ଼ୋଶୀମାନଙ୍କ ସହିତ ସୁବ୍ୟବହାର କରି ସେମାନଙ୍କ ଧ୍ୟାନ ରଖିଥାଉ ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଥାଉ ଆମେ ଦୁର୍ବଳ ଓ ବଂଚିତ ଶ୍ରେଣୀର ଲୋକମାନଙ୍କ ଅଧିକାରକୁ ପ୍ରଦାନ କରିଥାଉ ଆମେ ସବୁଠାରେ ସମାଜ ସେବା କରିବା ପାଇଁ ପ୍ରସ୍ତୁତ ରହିଥାଉ ଏବଂ ଆମେ ହେଉଛୁ ଦେଶଭକ୍ତ ନାଗରିକ ଏହା ହିଁ ଆମର ଧର୍ମ ଏବଂ ଶିକ୍ଷା ଅଟେ । ଏହି ସମସ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆମେ ମସ୍‌ଜିଦ୍ ନିର୍ମାଣ କରିଥାଉ । ମୁଁ ଆଶା କରୁଛିକି ଆପଣ ସମସ୍ତେ ବୁଝିଯାଇଥିବେ କି ମସ୍‌ଜିଦ୍ ଏପରି କୌଣସି ସ୍ଥାନ ନୁହେଁ ଯାହାକୁ ଭୟ କରାଯିବ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ: ପ୍ରକୃତ ମସ୍‌ଜିଦ୍ କେବଳ ଖୁଦାଙ୍କ ଉପାସନା କରିବାର ସ୍ଥାନ ହିଁ ନୁହେଁ ବରଂ ଏପରି ଏକ ସ୍ଥାନ ଯେଉଁଠି ସେମାନେ ଏକତ୍ର ମିଳିମିଶି ସମାଜର ବାକି ସଦସ୍ୟମାନଙ୍କ ଅଧିକାରକୁ ପ୍ରଦାନ କରିଥାନ୍ତି । ପବିତ୍ର କୋରାନ୍‌ର ସୁରଃ ମାଉନ୍‌ର ଆୟତ ସଂଖ୍ୟା ୫ ରୁ ୭ରେ ବର୍ଣ୍ଣନା ହୋଇଛି କି: ''ସୁଂତରା ଏପରି ନମାଜ୍ ପଢ଼ିଥିବା ଲୋକମାନଙ୍କର ମଧ୍ୟ ସର୍ବନାଶ ହେବ ଯେଉଁମାନେ ନିଜ ନମାଜ୍ ପାଠରୁ ଅମନୋଯୋଗୀ ହୁଅନ୍ତି । (ଏବଂ) ଯେଉଁମାନେ କେବଳ ଲୋକ ଦେଖାଣିଆ କାର୍ଯ୍ୟ କରନ୍ତି''

ଏହି ଆୟତ ଗୁଡ଼ିକ ସ୍ୱଷ୍ଟରୂପେ ବର୍ଣ୍ଣନା କରୁଛନ୍ତି କି ସେହିସବୁ ଲୋକମାନଙ୍କର ନମାଜ୍ କୁ ରଦ୍ଦ କରିଦିଆଯିବ ଯେଉଁମାନେ ଅଲ୍ଲାଃଙ୍କ ଉପାସନା ତ କରୁଛନ୍ତି କିନ୍ତୁ ସୃଷ୍ଟଜଙ୍କ ଅଧିକାରକୁ ପ୍ରଦାନ କରୁନାହାନ୍ତି ତେଣୁ ସେମାନଙ୍କ ନମାଜ୍ ଓ ମସ୍‌ଜିଦରେ ଉପସ୍ଥିତ ହେବାରେ କୌଣସି ବାସ୍ତବିକତା ନାହିଁ ବରଂ ସେମାନେ କେବଳ ଲୋକ ଦେଖାଣିଆ କାର୍ଯ୍ୟ କରୁଛନ୍ତି ପବିତ୍ର କୋରାନ୍ ଅତ୍ୟନ୍ତ ସ୍ୱଷ୍ଟରୂପେ ବର୍ଣ୍ଣନା କରିଦେଇଛି ଯେ ସେମାନଙ୍କ ନମାଜ୍ ହେଉଛି ନିରର୍ଥକ ।

ପ୍ରକୃତ ବାସ୍ତବିକତା ହେଉଛି ଏହା କି, ଯେଉଁ ସଚ୍ଚା ମୁସଲ୍‌ମାନ ମାନେ ନିଷ୍ଠାର ସହିତ ଅଲ୍ଲାଃଙ୍କ ଉପାସନା କରୁଛନ୍ତି ସେମାନେ ଏପରି କୌଣସି କାର୍ଯ୍ୟ କରିପାରିବେ ନାହିଁ ଯଦ୍ୱାରା ସମାଜର ହିତ ବା ଶାନ୍ତି ନଷ୍ଟ ହେଉଥିବ ନା ସେମାନେ ଅନ୍ୟମାନଙ୍କ ଅଧିକାରକୁ ଛଡ଼ାଇନେବା ପାଇଁ ଚେଷ୍ଟା କରିଥାନ୍ତି । କାରଣ ଏପରି କରିବା ଦ୍ୱାରା ସେମାନଙ୍କ ଇମାନ୍ ଖରାପ ହେଇଯାଏ ଓ ଏପରି କାର୍ଯ୍ୟ ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷାର ବିରୋଧ ଅଟେ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ ସେଇଥିପାଇଁ ମୁଁ ଆପଣମାନଙ୍କୁ ପୁଣିଥରେ ଏ ବିଶ୍ୱାସ ଦେବାକୁ ଚାହୁଁଛି ଯେ, ଏହି ମସ୍‌ଜିଦ୍ ସମ୍ବନ୍ଧରେ ଆପଣମାନଙ୍କୁ କୌଣସି ପ୍ରକାରର ସନ୍ଦେହ ରଖିବାର ଆବଶ୍ୟକତା ନାହିଁ ଏହି ମସ୍‌ଜିଦର ଦ୍ୱାର ସଦାସର୍ବଦା ଶାନ୍ତି ପ୍ରୀୟ ଲୋକମାନଙ୍କ ନିମନ୍ତେ ଖୋଲା ରହିବ ଯେଉଁମାନେ ମାନବତାର ସମ୍ମାନ କରୁଛନ୍ତି ଏ ମସ୍‌ଜିଦ ସେମାନଙ୍କ ପାଇଁ ଖୋଲା ରହିବ । ମୁଁ ଆପଣମାନଙ୍କୁ ପୂର୍ଣ୍ଣ ବିଶ୍ୱାସରେ କହିପାରେ କି, ଇନ୍‌ଶାଅଲ୍ଲାଃ ଏହି ମସ୍‌ଜିଦ୍ ଶାନ୍ତିର ପ୍ରତୀକ ହୋଇ ମୁଣ୍ଡ ଟେକିବ ଏବଂ ସେଥିରୁ ଯେଉଁ ପ୍ରେମ, ଭଲପାଇବା ଏବଂ ଭାଇଚାରା ପ୍ରଚାର ପ୍ରସାର ହେବ ତାହା ଏହି ସହର ବ୍ୟତିତ ଆଗକୁ ଆଗକୁ ମାଡ଼ିଚାଲିବ ଏହା ଗୋଟିଏ ଏପରି ମିନାରା ହେବ ଯାହା ଚର୍ତୁପାଶ୍ୱରେ ଆଲୋକକୁ ବିଛୁରିତ କରିବ । ଏହା ଶାନ୍ତିର ଏପରି ଏକ ସ୍ଥାନ ହେବ ଯେଉଁଠି ଏକତ୍ରିତ ହୋଇ ଉପାସନା କାରିମାନେ ନିଜ ପଡ଼ୋଶୀମାନଙ୍କ ସହିତ ସଦ୍‌ବ୍ୟବହାର କରିବେ ଏବଂ ସେମାନଙ୍କ ଅଧିକାରକୁ ପ୍ରଦାନ କରିବେ ଏହା ଇସ୍‌ଲାମର ଜ୍ୟୋତିପୂର୍ଣ୍ଣ ଶିକ୍ଷାକୁ ପରିପ୍ରକାଶ କରିବ ଏବଂ ସବୁ ପ୍ରକାରର ଭୟର ବାତାବରଣକୁ ଦୂର କରିଦେବ ଯାହା ଆମ ଧର୍ମ ସମ୍ବନ୍ଧରେ ମିଳିଥାଏ । ଇନ୍‌ଶାଅଲ୍ଲାଃ ସ୍ଥାନିୟ ଲୋକମାନଙ୍କ ହୃଦୟରେ ଥିବା ସବୁପ୍ରକାରର ଭୟ ଦୂରେଇ ଯିବ ଯେବେ ସେମାନେ ଏହି ମସ୍‌ଜିଦ କୁ ଦେଖିବେ ଓ ଲୋକମାନଙ୍କ ସହିତ ମିଶିବେ, ଯେଉଁ ମାନେ ଏଠାରେ ଉପାସନା କରିବେ । ସେତେବେଳେ ସେମାନେ ଖୁବ୍ ଶ୍ରୀଘ୍ର ବୁଝିଯିବେ କି, କୌଣସି ଅସୁବିଧା ଏବଂ ଅଶାନ୍ତିର ଆବଶ୍ୟକ ନାହିଁ । ଯଦିଚ ଦାବି କରିବା ହେଉଛି ସହଜ କିନ୍ତୁ ଖୁବ୍ ଶୀଘ୍ର ଆପଣମାନେ ମୋର ଏହି ଦାବିଗୁଡ଼ିକୁ ନିଜେ ହିଁ ତସ୍‌ଦିଗ କରିବେ କି, ଅହେମଦୀ ମୁସଲ୍‌ମାନ ମାନେ ତାହା ହିଁ କରିଥାନ୍ତି ଯାହାର ସେମାନେ ତବ୍‌ଲିଗ କରୁଛନ୍ତି । ଏବଂ ଇସ୍‌ଲାମର ଶାନ୍ତିପ୍ରୀୟ ଶିକ୍ଷାର କେବଳ ଦାବି କରନ୍ତି ନାହିଁ ବରଂ ତାକୁ ଅଗ୍ରାଧିକାର ଦିଅନ୍ତି ତେଣୁ ମୋର ଏ ବିଶ୍ୱାସ ଅଛି କି ସ୍ଥାନୀୟ ଲୋକମାନେ ଖୁବ୍ ଶୀଘ୍ର ଏ କଥାକୁ ଅନୁଭବ କରିବେ ଅର୍ଥାତ୍ ଯାହା କିଛି ମୁଁ ମସ୍‌ଜିଦର ଉଦ୍ଦେଶ୍ୟ ନିମନ୍ତେ ଏବେଏବେ ବର୍ଣ୍ଣନା କଲି ତାହା କୌଣସି କାହାଣୀ ନୁହେଁ ବରଂ ସତ୍ୟ ଉପରେ ଆଧାରିତ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ ବର୍ତମାନ ମୁଁ ଏହା ମଧ୍ୟ କହିବାକୁ ଚାହିଁବି କି ଏହା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତବ୍ୟ ସେ ମୁସଲ୍‌ମାନ ହୁଅନ୍ତୁ ବା ଅଣ ମୁସଲମାନ ହୁଅନ୍ତୁ, ଧାର୍ମିକ ହୁଅନ୍ତୁ ବା ଅର୍ଧମି ଅର୍ଥାତ୍ ପୃଥିବିର ଅନ୍ନତି ସାଧନ ଓ ଶାନ୍ତି ପାଇଁ ମିଳିମିଶି କାମ କରନ୍ତୁ । ଜଣେ ଅନ୍ୟ ଜଣକ ଉପରେ ଆରୋପ ଲଗାଇବା ଓ ଅନ୍ୟର ଦୋସ ଦୁର୍ବଳତା ଉପରେ ଆଙ୍ଗୁଳି ଉଠାଇବା ପରିବର୍ତେ ଆମେ ନିଜ ହୃଦୟକୁ ବିଶାଳ କରି ସହାନୁଭୁତି ଏବଂ ସଦ୍‌ବ୍ୟବହାରକୁ ପରିପ୍ରକାଶ କରିବା ଉଚିତ୍ ଜଣେ ଅନ୍ୟ ଜଣଙ୍କ ଧର୍ମ ଉପରେ ଆକ୍ରମଣ କରିବା ଏବଂ ବିନା କାରଣରେ ଅନ୍ୟମାନଙ୍କୁ ଭଡ଼କାଇବା ପରିବର୍ତେ ଏହା ସମୟର ତତ୍‌କ୍ଷଣାତ୍ ଆବଶ୍ୟକ କି ଆମେ ଆପୋଷରେ ସମାନ ଏବଂ ଧର୍ଯ୍ୟର ପରିପ୍ରକାଶ କରିବା ବାସ୍ତବିକ ଏବଂ ଲମ୍ବା ଅବଧି ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ଅଚାନକ କାୟମ ହୁଏ ନାହିଁ ବରଂ ଏହା ଆମ ସମସ୍ତଙ୍କର ଦାୟିତ୍ୱ କି ଆମେ ଏହି କଥା ଗୁଡ଼ିକ ଉପରେ ନିଜର ଧ୍ୟାନକୁ ଆର୍କଷଣ କରିବା ଯାହା ଆମକୁ ଆପୋଷରେ ମିଳାଇଥାଏ ଏବଂ ଏକାଠି କରିଥାଏ ନା' କି ଆମ ବିଭେଦତା ଆମକୁ ବିଭାଜନ କରିଦେଉ ଓ ଏ ସମାଜକୁ ଧ୍ୱଂସ କରିଦେଉ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ ନିଶ୍ଚିତ ରୂପେ ମୁଁ ସ୍ୱୀକାର କରୁଛି କି ଆମେ ପୃଥିବୀ ଇତିହାସର ଜଟିଳ ମାର୍ଗଦେଇ ଗତି କରୁଅଛେ ଯେଉଁଠି ଏ ପୃଥିବୀ ଜାତିୟ ଏବଂ ଅର୍ନ୍ତଜାତୀୟ ସ୍ତରରେ ବଭାଜନ ଏବଂ ଖଣ୍ଡିତ ହେଉଅଛି ଆମେ ଧ୍ୱଂସରେ ଦ୍ୱାରଦେଶରେ ଛିଡ଼ା ହେଇଛେ ତେଣୁ ଏବେ ବେଳ ଅଛିକି ମୂଳରୁ ଅନୁଧ୍ୟାନ କରିବା ଓ ନିଜର ସମସ୍ତ ଶକ୍ତିକୁ ମଣିଷର ଭବିଷ୍ୟତକୁ ସୁରକ୍ଷିତ ରଖିବାପାଇଁ ବିନିଯୋଗ କରବା । ବର୍ତମାନ ଆମେ ନିଜର ମନୁଷ୍ୟ ପଣିଆକୁ ପ୍ରକାଶ କରିବା ଓ ନିଜ ସମାଜ, ଜାତି ବରଂ ସାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଏହା ସେତେବେଳେ ଯାଇ ସମ୍ଭବ ହେବ ଯେତେବେଳେ ଆମେ ଆପୋଷରେ ମିଶିଯିବା ଓ ଜଣେ ଅନ୍ୟ ଜଣଙ୍କ ଆସ୍ଥାକୁ ସମ୍ମାନ କରିବା ତେବେ ଯାଇ ଆମେ ଏହି ଶୁନ୍ୟତାକୁ ପୁରଣ କରିପାରିବା ଯାହା ଏ ସଂସାରରେ ବ୍ୟାପି ସାରିଛି । ତେବେ ଯାଇ ଆମେ ଆମ ଶନ୍ତାନମାନଙ୍କ ପାଇଁ ଆଶାର କିରଣ ସୃଷ୍ଟି କରିପାରିବା ଓ ଆମ ପର ପିଢ଼ିଙ୍କ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ପୃଥିବୀକୁ ଛାଡ଼ିପାରିବା ଆମକୁ ନିଜ ସ୍ୱାର୍ଥ ଓ ଲୋଭ ଯୋଗୁଁ ଅନ୍ଧ ହୋଇଯିବା ଉଚିତ୍ ନୁହେଁ ବରଂ ଆମେ ନିଜର ଆଖି ଖୋଲିବା ଉଚିତ୍ ଓ ସମୁହ ହିତ ଉପରେ ଦୃଷ୍ଟି ଦେବା ଉଚିତ୍ ।

ହଜୁର୍ ଅନ୍‌ଓ୍ୱର ଅ:ବ:ଅ କହିଲେ ମୁଁ ଆଶା କରୁଛି ଓ ଦୁଆ କରୁଛି କି, ଆମେ ସମସ୍ତେ ଧର୍ମ ଓ ବିଶ୍ୱାସର ଲୋକମାନେ ଏକାଠି ମିଳିମିଶି ଉନ୍ନତି ସାଧନ ନିମନ୍ତେ ଉତ୍ସାହିତ ହୋଇ କାମ କରିପାରିବା ଆମ ସମସ୍ତଙ୍କର ଏ ଇଚ୍ଛା ରହିବା ଉଚିତ୍ କି ଆମେ ଆମ ପର ପିଢ଼ିମାନଙ୍କ ପାଇଁ ଏ ପୃଥିବୀକୁ ଗୋଟିଏ ଉତମ ସ୍ଥାନ ବନାଇବା ଆମ ସମସ୍ତଙ୍କର ଉଦ୍ଦେଶ୍ୟ ହେଉଛି ଶାନ୍ତି ସ୍ଥାପନ କରିବା ଓ ସମାଜର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ଏକତା ଓ ଭାଇଚାରା ସୃଷ୍ଟି କରିବା ଆମକୁ ଅନବରତ ଏ ଚେଷ୍ଟା କରିବାକୁ ହେବ ଯେ ଆମେ ନିଜ ପଛରେ ନିଜ ସନ୍ତାନମାନଙ୍କ ପାଇଁ ଗୋଟଏ ଶାନ୍ତିପୂର୍ଣ୍ଣ ସଂସାର ଛାଡ଼ିବେ ଯେଉଁଠି ଲୋକମାନେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଜଣେ ଅନ୍ୟ ଜଣଙ୍କ ସହିତ ମିଳିମିଶି ରହିପାରିବା ଅଲ୍ଲାଃତାଲା ଆମକୁ ଶକ୍ତି ଦିଅନ୍ତୁ କି, ଆମେ ସମସ୍ତେ ମିଳିମିଶି ମାନବ ଜାତିର ହିତ ସାଧନ ନିମନ୍ତେ କାମ କରିପାରିବା । ଆମିନ୍ । (କ୍ରମଶଃ)

(ବହ୍‌ଓ୍ୱାଲା ଅଖବାର ବଦର ଉର୍ଦ୍ଦୁ ୧୭, ୨୪ ଜାନୁୟାରୀ ୨୦୧୯)

# ଖୁତ୍‌ବା ଜୁମା

## ''ରସୁଲୁଲ୍ଲାଃ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି କି ମୋର ଏହି ମସ୍‌ଜିଦ୍‌ରେ ଥରେ ନମାଜ୍ ପାଠ କରିବା ଅନ୍ୟସମସ୍ତ ମସ୍‌ଜିଦ୍ ଗୁଡ଼ିକରେ ହଜାର ଥର ନମାଜ୍ ପଢ଼ିବାଠାରୁ ଉତମ କେବଳ କାବାକୁ ବାଦ୍ ଦେଲେ''

## ''ସାହାବା ମାନଙ୍କର ଜୀବନ ଚରିତ ବର୍ଣ୍ଣନା ହେବା ସଙ୍ଗେ ସଙ୍ଗେ କିଛି ସମସ୍ୟା ଗୁଡ଼ିକର ସମାଧାନ ହୋଇଯାଉଅଛି''

## ଆଜ୍ଞାନୁବର୍ଦିତା ଏବଂ ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍‌ରି ସାହାବା ଗଣ

ହଜ୍‌ରତ୍ ଅବୁ ମୁଲେଲ ବିନ୍ ଅଲ୍‌ଅଜ୍‌ଅର୍, ହଜ୍‌ରତ୍ ଅନସ୍‌ବିନ୍ ମୁଆଜ୍ ଅନ୍‌ସାରି, ହଜ୍‌ରତ୍ ଅବୁ ଶେଖ୍ ଉବେି ବିନ୍ ସାବିତ୍, ହଜ୍‌ରତ୍ ଅବୁ ବୁର୍‌ଦାଃ ବିନ୍ ନିୟାର, ହଜ୍‌ରତ ଅସଅଦ୍ ବିନ୍ ୟଜିଦ୍, ହଜ୍‌ରତ ତମିମ୍ ବିନ୍ ୟଆର୍ ଅନ୍‌ସାରି, ହଜ୍‌ରତ ଅଓସ୍‌ବିନ୍ ସାବିତ୍ ବିନ୍ ମୁନ୍‌ଜିର୍, ହଜ୍‌ରତ ସାବିତ୍‌ବିନ ଖୁନ୍‌ସାଆ, ହଜ୍‌ରତ ଅଓସ୍‌ବିନ୍ ସାମିତ୍,ହଜ୍‌ରତ ଅରକ୍‌ମବିନ୍ ଅବିଅରକମ୍, ହଜ୍‌ରତ ବସ୍‌ବସ୍‌ବିନ୍ ଉମ୍‌ରୋ, ହଜ୍‌ରତ ସାଲ୍‌ବାବିନ୍ ଉମ୍‌ରୋ ଅନ୍‌ସାରି, ହଜ୍‌ରତ ସାଲ୍‌ବାବିନ୍ ଗନମାଃ, ହଜ୍‌ରତ ଜାବିର୍‌ବିନ୍ ଖାଲଦି, ହଜ୍‌ରତ ହାରିସ୍‌ବିନ୍ ନୋମାନ୍ ବିନ ଉମୈୟା ଅନ୍‌ସାରି, ହଜ୍‌ରତ ହାରିସ୍‌ବିନ୍ ଅନ୍‌ସ ଅନ୍‌ସାରି, ହଜ୍‌ରତ ହୁରୈସ୍ ବିନ୍ ଜଏଦ୍ ଅନ୍‌ସାରି ଏବଂ ହଜ୍‌ରତ ହାରିସ୍‌ବିନ୍ ଅସିମାଃ ର:ଅଙ୍କ ପବିତ୍ର ଜୀବନ ଚରିତର ମନମୁଗ୍ଧକାରି ଚର୍ଚ୍ଚା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୦୮ ଫେବୃଆରୀ ୨୦୧୯ ଅନୁଯାୟୀ ୦୮ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ଆଜି ଯେଉଁ ସାହାବା ମାନଙ୍କର ମୁଁ ଏଠାରେ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ପ୍ରଥମ ନାମଟି ହେଉଛି ହଜ୍‌ରତ୍ ଅବୁ ମୁଲୈଲ୍ ବିନ୍ ଅଲ୍‌ଅଜ୍‌ଅର୍ । ତାଙ୍କ ମା'ଙ୍କ ନାମ ଉମ୍ମେ ଉମ୍‌ରୋ ବିନ୍‌ତ ଅଶ୍‌ରଫ୍ ଥିଲା ଏବଂ ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଅଓସ୍ ସହିତ ଥିଲା । ତାଙ୍କୁ ବଦର ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ମିଳିଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୫୩, ଅବୁ ମୁଲୈଲ୍ ବିନ୍ ଅଲ୍‌ଅଜ୍‌ଅର୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦), (ଉସଦୁଲ୍ ଗାବା ଖଣ୍ଡ-୬, ପୃଷ୍ଠା-୨୯୫, ଅବୁ ମୁଲୈଲ୍ ବିନ୍ ଅଲ୍‌ଅଜ୍‌ଅର୍ ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩), ଗୋଟିଏ ରିଓ୍ୱାୟତ୍ ମୁତାବକ ତାଙ୍କ ଭାଇ ହଜ୍‌ରତ୍ ଅବୁ ହବିବ୍ ବିନ୍ ଅଜ୍‌ଅର୍ ମଧ୍ୟ ବଦର ଯୁଦ୍ଧ ଏବଂ ଅନ୍ୟାନ୍ୟ ଯୁଦ୍ଧ ଗୁଡ଼ିକରେ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୬ ପୃଷ୍ଠା-୬୫, ଅବୁ ହବିବ୍ ବିନ୍ ଅଲ୍‌ଅଜ୍‌ଅର୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩) ।

ଦ୍ୱିତୀୟ ସାହାବିଙ୍କର ନାମ ହେଉଛି ଅନସ୍ ବିନ୍ ମୁଆଜ୍ ଅନ୍‌ସାରି । କିଛି ରିଓ୍ୱାୟତ୍ ଅନୁସାରେ ତାଙ୍କ ନାମ ଉନୈସ୍ ବୋଲି ବର୍ଣ୍ଣିତ ଅଛି । ତାଙ୍କର ସମ୍ବନ୍ଧ ଅନ୍‌ସାର୍‌ଙ୍କ କବିଲା ଖଜ୍‌ରଜ୍‌ର ଶାଖା ବନୁ ନଜାର ସହିତ ଥିଲା । ତାଙ୍କ ମା'ଙ୍କ ନାମ ଉମ୍ମେ ଉନାସ୍ ବିନ୍‌ତ ଖାଲିଦ୍ ଥିଲା । ସେ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ରସୁଲୁଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ଓ୍ୱହଦ୍ ଯୁଦ୍ଧରେ ତାଙ୍କ ଭାଇ ହଜ୍‌ରତ୍ ଉବେି ବିନ୍ ମୁଆଜ୍ ମଧ୍ୟ ତାଙ୍କ ସହିତ ସାମିଲ ହୋଇଥିଲେ । ତାଙ୍କ ମୃତ୍ୟୁ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ଅଛି । ଗୋଟିଏ ରିଓ୍ୱାୟତ୍ ମୁତାବକ ତାଙ୍କର ଦେହାନ୍ତ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟରେ ହୋଇଥିଲା । ଯେବେ କି ଅନ୍ୟ ଏକ ରିଓ୍ୱାତ୍‌ରେ ଆସୁଛି କି ହଜ୍‌ରତ୍ ଅନସ୍‌ବିନ୍ ମୁଆଜ୍ ଏବଂ ତାଙ୍କ ଭାଇ ହଜ୍‌ରତ୍ ଉବେି ବିନ୍ ମୁଆଜ ବୈରେ ମାଉନା ଘଟଣା ଦିନ ଶହିଦ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮୧, ଅନସ୍ ବିନ୍ ମୁଆଜ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦), (ଉସଦୁଲ୍ ଗାବା ଖଣ୍ଡ-୧, ପୃଷ୍ଠା-୨୯୯, ଅନସ୍ ବିନ୍ ମୁଆଜ ବିନ୍ ଅନ୍‌ସ ର:ଅ ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩) ।

ଆଉଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଅବୁ ଶେଖ୍ ଉବେି ବିନ୍ ସାବିତ୍ ର:ଅ । ହଜ୍‌ରତ୍ ଉବୈବିନ୍ ସାବିତ୍‌ଙ୍କ ସମ୍ବନ୍ଧ କବିଲା ଖଜ୍‌ରଜ୍‌ର ଶାଖା ବନୁ ଅଦି ସହିତ ଥିଲା । ତାଙ୍କ କୁନିୟତ୍ (ସାଙ୍ଗିଆ) ଅବୁ ଶେଖ୍ ଥିଲା । ତାଙ୍କ ମା'ଙ୍କ ନାମ ସଖ୍‌ତା ବିନ୍‌ତେ ହାରିସାଃ ଥିଲା । ହଜ୍‌ରତ୍ ଉବେି ବିନ୍ ସାବିତ୍ ହଜ୍‌ରତ୍ ହସାନ୍ ବିନ୍ ସାବିତ ର:ଅ ଏବଂ ହଜ୍‌ରତ୍ ଅଓସ୍ ବିନ୍ ସାବିତ୍ ର:ଅଙ୍କ ଭାଇ ଥିଲେ । ସେ ବଦର ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କ ଦେହାନ୍ତ ବୈରେ ମାଉନା ଘଟଣା ଦିନ ହୋଇଥିଲା ।

ହଦରତ୍ ଉବେି ବିନ୍ ସାବିତ୍ ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ କି ନାହିଁ ,ଏ ସମ୍ବନ୍ଧରେ ମତଭେଦ ରହିଛି । ଇତିହାସର ଭିନ୍ନ ଭିନ୍ନ ପୁସ୍ତକମାନ ଅଛି । ଇବ୍‌ନେ ଇସ୍‌ହାକ୍ କହୁଛନ୍ତି କି ହଜରତ୍ ଉବେି ବିନ୍ ସାବିତ୍ ଜାହିଲିୟତ୍ ଯୁଗରେ ମୃତ୍ୟୁବରଣ କରିଛନ୍ତି । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ତାଙ୍କ ପୁତ୍ର ଅବୁଶେଖବିନ୍ ଉବେି ବିନ୍ ସାବିତ୍ ସାମିଲ୍ ହୋଇଥିଲେ । ଯେବେକି ଅଲ୍ଲାମାଃ ବିନ୍ ହୁଶାମ୍ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ହଜରତ୍ ଅବୁଶେଖ୍ ଉବେି ବିନ୍ ସାବିତ୍‌ଙ୍କୁ ଗଣନା କରଛନ୍ତି । ହଜରତ୍ ଉବେି ବିନ୍ ସାବିତ୍‌ଙ୍କ ଦେହାନ୍ତ ବିଷୟରେ ରିଓ୍ୱାୟତ୍ ମିଳୁଛି କି ସେ ବୈରେ ମାଉନା ଘଟଣାଦିନ ମୃତ୍ୟୁବରଣ କରିଛନ୍ତି ଯେବେକି କିଛି ରିଓ୍ୱାୟତ୍ ରେ ମିଳୁଛି ଯେ ତାଙ୍କ ଦେହାନ୍ତ ଓ୍ୱହଦ୍ ଯୁଦ୍ଧରେ ହୋଇଥିଲା । ସେ ଯାହାହେଉ ଏହା ମଧ୍ୟ ରିଓ୍ୱାୟତ୍‌ରୁ ଜଣାପଡୁଛି ଯେ ଯେଉଁ ସାହାବି ଜଣଙ୍କ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ, ସେ ସେହିବ୍ୟକ୍ତି ନଥିଲେ ବରଂ ତାଙ୍କ ଭାଇ ହଜ୍‌ରତ୍ ଅଓସ୍ ବିନ୍ ସାବିତ୍ ଥିଲେ । (ତବ୍‌କାତୁଲ୍ କୁବରା, ଖଣ୍ଡ -୩, ପୃଷ୍ଠା -୩୮୨, ଅବୁ ଶେଖ୍ ଉବେି ବିନ୍ ସାବିତ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ -୧୯୯୦), (ଉସଦୁଲ୍ ଗାବାଃ , ଖଣ୍ଡ -୧, ପୃଷ୍ଠା -୧୬୫ -୧୬୬ , ଉବେି ବିନ୍ ସାବିତ୍ ର:ଅ , ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩), ଅସାବାଃ, ଖଣ୍ଡ -୧, ପୃଷ୍ଠା -୧୭୯, ଉବେି ବିନ୍ ସାବିତ୍ ର:ଅ , ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ,୧୯୯୫), (ସିରତ୍ ଇବ୍‌କେ ହୁଶାମ୍ , ପୃଷ୍ଠା -୩୪୦ ମିନ୍ ହଜର୍ ବଦରନ୍, ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ -୨୦୦୯)

ପୁଣି ଜଣେ ବଦ୍‌ରି ସାହାବି ହେଉଛନ୍ତି ହଜ୍‌ରତ୍ ଅବୁ ବୁର୍‌ଦାଃ ବିନ୍ ନୟାର୍ । ତାଙ୍କ କୁନିୟତ୍ ଥିଲା ଅବୁ ବୁର୍‌ଦାଃ । ସେ ନିଜ କୁନିୟତ୍‌ରେ ବହୁତ ପ୍ରସିଦ୍ଧ ଥଲେ । ତାଙ୍କ ନାମ ବାନୀ ଥିଲା । ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ତାଙ୍କ ନାମ ହାରିସ୍ ଥିଲା ଆଉ ଗୋଟିଏ ରିଓ୍ୱାୟତ୍‌ରେ ତାଙ୍କ ନାମ ମାଲିକ୍ ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କର ସମ୍ବନ୍ଧ କବିଲା ବନୁ କୁଜାଆ ଖାନ୍‌ଦାନ୍‌ର ବଲୈ ସହିତ ଥିଲା । ହଜ୍‌ରତ୍ ଅବୁ ବୁରଦାଃ ହଜ୍‌ରତ୍ ବରାଅ ଇବ୍‌ଜେ ଆଜିବ୍‌ଙ୍କ ମାମୁଁ ଥିଲେ । ଆଉ ଗୋଟିଏ ରିଓ୍ୱାତ୍‌ରେ ଆସୁଛି କି ହଜ୍‌ରତ୍ ଅବୁ ବୁର୍‌ଦାଃ ହଜ୍‌ରତ୍ ବରାଅ ଇବନେ୍ ଆଜିବ୍‌ଙ୍କ ଚାଚା ଥିଲେ । ସେ ବୟତେ ଅକ୍‌ବାଃ ସାନିୟାଃ ରେ ସାମିଲ୍ ହୋଇଥିଲେ । ଏତତ୍ ବ୍ୟତିତ୍ ବଦର, ଓ୍ୱହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ସେ ରସୁଲୁଲ୍ଲାଃ ସ:ଆ:ସ ଙ୍କ ସହିତ ସାମିଲ ଥିଲେ । ଫତାଃ ମକ୍କା (ଅର୍ଥାତ୍ ମକ୍କା ବିଜୟ) ଦିନ ବନୁ ହାର୍‌ସାଃର ଧ୍ୱଜା ହଜ୍‌ରତ୍ ଅବୁ ବୁର୍‌ଦାଃଙ୍କ ନିକଟରେ ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୪, ଅବୁ ବୁର୍‌ଦାଃ ବିନ୍ ନିୟାଜ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅସାବାଃ, ଖଣ୍ଡ-୭, ପୃଷ୍ଠା- ୩୧-୩୨, ଅବୁ ବୁର୍‌ଦାଃ ବିନ୍ ରିୟାର ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩) । ହଜରତ୍ ଅବୁ ଅବସ୍ ଏବଂ ହଜ୍‌ରତ୍ ଅବୁ ବୁରଦାଃ ଯେବେ ଇସ୍‌ଲାମ ଗ୍ରହଣ କରିଥିଲେ, ସେତେବେଳେ ଦୁଇଜଣଯାକ କବିଲା ବନୁ ହାରସାଃର ପ୍ରତିମା ଗୁଡ଼ିକ ଭାଙ୍ଗିଦେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪୩, ଅବୁ ଅବସ୍ ବିନ୍ ଜବର୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ଅର୍ଥାତ୍ ନିଜ କବିଲାର ପ୍ରତିମା ଗୁଡିକୁ ଭାଙ୍ଗିଦେଲେ । ହଜ୍‌ରତ୍ ଅବୁ ଉମାମାଃଙ୍କଠାରୁ ବର୍ଣ୍ଣିତ ହୋଇଛି କି ଯେବେ ରସୁଲୁଲାଃ ସ:ଆ:ର ବଦର ଯୁଦ୍ଧ ନିମନ୍ତେ ବଦର ଆଡ଼କୁ ବାହାରିବାର ମନସ୍ଥ କଲେ, ସେତେବେଳେ ହଜ୍‌ରତ୍ ଅବୁ ଉମାମଃ ମଧ୍ୟ ଆପଣ ସ:ଆ:ସ ଙ୍କ ସାଥିରେ ଯିବା ପାଇଁ ପ୍ରସ୍ତୁତ ହେଲେ । ଏଥିରେ ତାଙ୍କ ମାମୁଁ ହଜ୍‌ରତ୍ ଅବୁ ବୁର୍‌ଦାଃ ବିନ୍ ନିୟାର୍ ତାଙ୍କୁ କହିଲେ ତୁମେ ତୁମ ମା'ଙ୍କ ସେବା କରିବା ପାଇଁ ରହିଯାଅ । ତାଙ୍କ ମା ବେମାର ଥିଲେ (ତେଣୁ) ତାଙ୍କୁ କହିଲେ ଏଠି ରହିଯାଅ । ହଜ୍‌ରତ ଅବୁ ଉମାମାଃ କହିଲେ, ଇସ୍‌ଲାମ୍ ବିରୁଦ୍ଧରେ ଆକ୍ରମଣ କରାଯାଉଅଛି ତେଣୁ ମୁଁ ମଧ୍ୟ ଯୁଦ୍ଧରେ ସାମିଲ ହେବାକୁ ଆଗ୍ରହ ରଖିଛି । ସେ କହିଲେ ସେ ହେଉଛନ୍ତି (ଅର୍ଥାତ ମୋ ମା) ଆପଣଙ୍କର ମଧ୍ୟ ଭଉଣୀ । ମତେ କାହିଁକି କହୁଛନ୍ତି, ଆପଣ ରହି ଯାଆନ୍ତୁ । ଯେତେବେଳେ ଏ ମାମଲା ହଜୁର୍ ସ:ଆ:ସଙ୍କ ନିକଟକୁ ଆସିଲା, ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ଉମାମାଃଙ୍କୁ ରହିଯିବା ପାଇଁ ନିର୍ଦ୍ଦେଶ ଦେଲେ ଅର୍ଥାତ ପୁତ୍ରକୁ ଏବଂ ହଜ୍‌ରତ୍ ଅବୁ ବୁର୍‌ଦାଃ ସେନା ସହିତ ଗଲେ । ଯେବେ ରସୁଲୁଲାଃ ସ:ଆ:ସ ଯୁଦ୍ଧରୁ ଫେରିଲେ ସେତେବେଳେ ହଜ୍‌ରତ୍ ଅବୁ ଉମାମାଃଙ୍କ ମା'ଙ୍କ ଦେହାନ୍ତ ହୋଇସାରିଥିଲା । ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ନମାଜ୍ ଯନାଜାଃ ପଢ଼ିଲେ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୧୫, ଅବୁ ଉମାମାଃ ବିନ୍ ସାଲବାଃ ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) ।

ଓ୍ୱହଦ୍ ଯୁଦ୍ଧ ଦିନ ମୁସଲମାନଙ୍କ ନିକଟରେ ଦୁଇଟି ଘୋଡ଼ା ଥିଲା । ଗୋଟିଏ ଘୋଡ଼ା ରସୁଲୁଲାଃ ସ:ଆ:ସଙ୍କ ନିକଟରେ ଥିଲା ଓ ତା ନାମ ଅସ୍‌ସକବ୍ ଥିଲା ଏବଂ ଦ୍ୱିତୀୟ ଘୋଡ଼ାଟି ହଜ୍‌ରତ୍ ଅବୁ ବୁର୍‌ଦାଃଙ୍କ ନିକଟରେ ଥିଲା । ଯାହାର ନାମ ମୁଲାଓ୍ୱିହ୍ ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୧, ପୃଷ୍ଠା-୩୮୦, ଜିକ୍‌ରେ ଖୈଲ ରସୁଲୁଲ୍ଲାଃ ସ:ଆ:ସ ଓ୍ୱଦଓ୍ୱାବାଃ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ।

ହଜ୍‌ରତ୍ ଅବୁ ବୁରଦାଃ ବିନ୍ ନିୟାର ବର୍ଣ୍ଣନା କରୁଛନ୍ତି କି ନବି କରିମ୍ ସ:ଆ:ସ

କିଛି କବିଲାମାନଙ୍କ ନିକଟକୁ ଗଲେ । ସେମାନଙ୍କ ସପକ୍ଷରେ ଦୁଆ (ପ୍ରାର୍ଥନା) କଲେ କିନ୍ତୁ ଗୋଟିଏ କବିଲାକୁ ଆପଣ ସ:ଆ:ସ ଛାଡ଼ିଦେଲେ ଓ ତାଙ୍କ ନିକଟକୁ ଗଲେ ନାହିଁ । ଏଥିପାଇଁ ଉକ୍ତ କବିଲାର ଲୋକମାନେ କଷ୍ଟ ଅନୁଭବ କରି ଏହାର କାରଣ ପଚାରିଲେ ଯେ କେଉଁ କାରଣ ଯୋଗୁଁ ? ପୁଣି ସେମାନେ ନିଜର ଜଣେ ସାଥିଙ୍କର ତଲାସି ନେଲେ, ତା' ଚାଦର ଭିତରୁ ଗୋଟିଏ ହାର ବାହାରିଲା , ଯାହାକୁ ସେ ଖୟାନତ୍ କରି (ଚୋରି) କରି ନେଇଥିଲା । ପୁଣି ସେମାନଙ୍କ ଉକ୍ତ ହାରଟିକୁ ଫେରସ୍ତ କରିବା ପରେ ଆପଣ ସ:ଆ:ସ ତାଙ୍କ ନିକଟକୁ ଆସି ତାଙ୍କ ପାଇଁ ପ୍ରାର୍ଥନା କଲେ । (ଅଲ ମୁଅଜମୁଲ୍ କବୀର୍ ଲିଲ୍ ତିବ୍ରାନି, ଖଣ୍ଡ-୨୨, ପୃଷ୍ଠା-୧୯୫......ବେରୁତ ୨୦୦୨)

ହଜ୍‌ରତ୍ ଅବୁ ବୁର୍‌ଦାଃ ହଜ୍‌ରତ୍ ଅଲୀଙ୍କ ସହିତ ସମସ୍ତ ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କର ଦେହାନ୍ତ ହଜ୍‌ରତ୍ ମାୱିୟାଃ ର:ଅ ଙ୍କ ପ୍ରାରମ୍ଭିକ ସମୟରେ ହୋଇଥିଲା । ତାଙ୍କ ମୃତ୍ୟୁର ବର୍ଷ ସମ୍ବନ୍ଧରେ ଭିନ୍ନ ଭିନ୍ନ ରିୱାୟତ୍ ମିଳୁଛି । ଗୋଟିଏ ରିୱାୟତ୍ ମୁତାବକ ତାଙ୍କର ଦେହାନ୍ତ ୪୧ ହିଜ୍‌ରିରେ ହୋଇଛି ଯେବେକି ଆଉ ଗୋଟିଏ ରିୱାୟତରେ ୪୨ ବୋଲି ଏବଂ ଅନ୍ୟ ଏକ ରିୱାୟତରେ ୪୫ ହିଜ୍‌ରି ବୋଲି ବର୍ଣ୍ଣିତ ଅଛି । ( ଅସାବାଃ ଖଣ୍ଡ-୭, ପୃଷ୍ଠା-୩୨, ଅବୁ ବୁରଦାଃ ବିନ୍ ରିୟାର ର:ଅ ମୁଦ୍ରଣ ଦାରୁଲ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୫) ।

ହଜ୍‌ରତ୍ ବରାଅ ବିନ୍ ଆଜିବ୍‌ଙ୍କଠାରୁ ବର୍ଣ୍ଣିତ ଅଛି କି ରସୁଲୁଲାଃ ସ:ଆ:ସ ଇଦୁଲା ଅଜିହା ଦିନ ନମାଜ ପରେ ଆମକୁ ସମ୍ବୋଧନ କରି କହିଲେ କି ଯିଏ ଆମ ନମାଜ ପରି ପଢ଼େ ଏବଂ ଆମ କୁର୍‌ବାନୀ ସଦୃଶ କୁର୍‌ବାନୀ ଦିଏ ସେ ଠିକ୍ କୁର୍‌ବାନୀ କରିଛି ଏବଂ ଯିଏ ନମାଜ ପୂର୍ବରୁ କୁର୍‌ବାନୀ କଲା, ତା'ର କୁର୍‌ବାନୀ କେବଳ ମାଂସ ପାଇଁ ଛେଳି ଜବହ କରିବା ତୁମ କୁର୍‌ବାନୀ ଏପରି ହେବାକଥା ନୁହେଁ । ଏଥିରେ ହଜ୍‌ରତ୍ ଅବୁ ବୁରଦାଃ ବିନ୍ ନିୟାର ଉଠିଲେ (ଯେଉଁ ସାହାବିଙ୍କ ଏଠାରେ ଚର୍ଚ୍ଚା କରାଯାଇଛି) ଏବଂ ତାଙ୍କୁ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ତ ନମାଜ ପଢ଼ିବାକୁ ଆସିବା ପୂର୍ବରୁ ହିଁ କୁର୍‌ବାନୀ କରିସାରିଛି ଏବଂ ମୁଁ ଏକଥା ଭାବିଥିଲି କି ଆଜିର ଦିନଟି କେବଳ ଖାଇବା ପିଇବା ନିମନ୍ତେ ଉଦ୍ଦିଷ୍ଟ ଅଛି । ସେଥିଯୋଗୁଁ ଶୀଘ୍ର କୁର୍‌ବାନୀ କଲି । ନିଜେ ମଧ ଖାଇଲି ଓ ନିଜ ଘରଲୋକ ଓ ପଡ଼ୋଶିମାନଙ୍କୁ ମଧ ଖାଇବାକୁ ଦେଲି ଏଥିରେ ରସୁଲାଲ୍ଲାଃ ସ:ଆ:ସ କହିଲେ : ଏହି ଛେଳି ଟି କେବଳ ମାଂସ ପାଇଁ ହେଲା । ଏହା ତୁମର କୁର୍‌ବାନୀ ହେଲା ନାହିଁ । ଏହା ଶୁଣି ହଜ୍‌ରତ୍ ଅବୁ ବୁର୍‌ଦାଃ କହିଲେ ମୋ ପାଖରେ ଗୋଟିଏ ବର୍ଷିକିଆ ପେଣ୍ଡା ମାଇ ଛେଳି ଅଛି ଏବଂ ତାହା ମାଂସ ହିସାବରେ ଦୁଇଟି ଖାସୀ ମାଂସଠାରୁ ମଧ ଭଲ । ଅର୍ଥାତ ଭଲ ହୃଷ୍ଟ ପୃଷ୍ଟ ହୋଇଛି । ଏକ ବର୍ଷର ହୋଇଥିଲେ ମଧ ଦୁଇଟି ଖାସିଠାରୁ ଭଲ (ମାଂସ) ତା' ଦେହରେ ଅଛି । ମୁଁ ଯଦି ଏହାକୁ କୁର୍‌ବାନୀ କରିଦିଏ ତେବେ କ'ଣ ଏହା ମୋ ତରଫରୁ ଯଥେଷ୍ଟ ହେବ କି ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ : ହଁ କୁର୍‌ବାନୀ କରିଦିଅ କିନ୍ତୁ ତୁମ ପରେ ଆଉ କାହା ପାଇଁ ଏପରି ହେବ ନାହିଁ । (ସହି ବୁଖାରୀ, କିତାବୁଲକ ଇଦୈନ୍ ...... ହଦିସ୍ ୯୮୩) ଅର୍ଥାତ ତୁମ ପାଇଁ ତ ଏହା କରିବାକୁ ଅନୁମତି ଅଛି କିନ୍ତୁ ପରେ ଆଉ କାହାପାଇଁ ଅନୁମତି ନାହିଁ ।

ଦ୍ୱିତୀୟ ଆହାଦିସରେ ମଧ ଏହା ମିଳୁଛି କି ପ୍ରଥମତଃ ଇଦ୍ ପଢ଼ିବା ପରେ କୁର୍‌ବାନୀ କରାଯାଉ ଦ୍ୱିତୀୟତଃ ଛେଳି କୁର୍‌ବାନୀ କରିବାର ଏକ ବୟସ ନିର୍ଦ୍ଧାରିତ ରହିଛି ଏବଂ ଏହା ହେବା ଉଚିତ୍ । ସେ ଯାହା ହେଉ ଆପଣ ସ:ଆ:ସ ଯାହା କହିଛନ୍ତି କି ତୁମ ପରେ ଆଉ କାହା ପାଇଁ ଯଥେଷ୍ଟ ହେବ ନାହିଁ , ଏ ସମ୍ବନ୍ଧରେ ଏକଦା ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କ ସଭାରେ ପ୍ରଶ୍ନ କରାଗଲା କି କୁର୍‌ବାନୀ କରାଯାଇଥିବା ଛେଳି/ଖାସିର ବୟସ କେତେ ହେବା ଉଚିତ୍ । ଏଥିରେ ହଜ୍‌ରତ୍ ମସିହ୍ ଆ:ସ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ହଜ୍‌ରତ୍ ମୌଲାନା ନୁରୁଦ୍ଦିନ୍ ର:ଅ, ଯିଏ ସେଠାରେ ବସିଥିଲେ, ତାଙ୍କୁ କହିଲେ କି ଆପଣ ଉତର ଦିଅନ୍ତୁ । ଏଥିରେ ସେ କହିଲେ କି ଅହ୍‌ଲେ ହଦିସ୍ (ଫିର୍କା)ଙ୍କ ନିକଟକୁ ଦୁଇ ବର୍ଷ ହେବା ଜରୁରୀ ଅଟେ । (ମଲ୍‌ଫୁଜାତ, ଖଣ୍ଡ-୧୦, ପୃଷ୍ଠା-୧୦୦)

ବା ଆମ ଦେଶରେ ଏ ପ୍ରଥା ରହିଛି କି ସେମାନେ କୁହନ୍ତି ଦୁଇଟି ଦାନ୍ତ ହେବା ଆବଶ୍ୟକ ଅର୍ଥାତ ସମ୍ମୁଖର ଦୁଇଟି ବଡ଼ ଦାନ୍ତ ବାହାରିଥିବା ଜରୁରୀ, ସେ ଯାହାହେଉ ସେ ସମୟରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ବୁରଦାଃ କୁ ଯାହା କହିଥିଲେ କି ମୁଁ ଏହି ଏକ ବର୍ଷର ପେଣ୍ଠାକୁ କରିବା ନିମନ୍ତେ, ତାହା ବର୍ତମାନ ଅନୁମତି ଦେଇଅଛି କିନ୍ତୁ ଆସନ୍ତାକୁ କାହା ପାଇଁ ଏପରି ହେବ ନାହିଁ । ବରଂ ଯୱାନ (ଅର୍ଥାତ ଯୁବକ) ଛେଳି ବା ଖାସି ହେବା ଉଚିତ । ଏହି ପ୍ରକାରର ଶୈଳୀ ଆମ ଯମାତ୍‌ରେ ପ୍ରଚଳିତ ରହିଛି ବା ଆମ ଫତ୍‌ୱାରେ ରହିଛି ଯେପରି କି ମୁଁ କହିଲି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ମଧ କହିଲେ ।

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଅସ୍‌ଅଦ୍ ବିନ୍ ୟଜିଦ୍ । ହଜ୍‌ରତ୍ ଅସ୍‌ଅଦଙ୍କ ବାପାଙ୍କ ନାମ ୟଜିଦ୍ ବିନ୍ ଅଲ୍‌ଫାକିହ୍ ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାର୍‌ଙ୍କ କବିଲା ଖଜ୍‌ରଜ୍‌ର ଶାଖା ବନୁ ଜୁରୈକ୍ ସହିତ ଥିଲା । ସେ ବଦର୍ ଯୁଦ୍ଧ ଓ ୱହଦ୍ ଯୁଦ୍ଧରେ ସାମିଲ ହୋଇଛନ୍ତି । ଅଲ୍ଲାମାଃ ଇବ୍‌ନେ ଇସ୍‌ହାକ୍ ଅସ୍‌ଅଦ୍‌ଙ୍କ ପରିବର୍ତେ ସାଆଦ୍ ବିନ୍ ୟଜିଦ୍‌ଙ୍କ ନାମ ବଦରୀ ସାହାବା ମାନଙ୍କ ମଧରେ ଲେଖିଛନ୍ତି । ହଜ୍‌ରତ୍ ଅସ୍‌ଅଦ୍ ବିନ୍ ୟଜିଦଙ୍କ ନାମ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ଅଛି । କିଛି ବ୍ୟକ୍ତି ତାଙ୍କ ନାମକୁ ସାଆଦ୍ ବିନ୍ ଜଏଦ୍ ସଇଦ୍ ବିନ୍ ଅଲ୍‌ଫାକିହ୍ ଏବଂ ସାଆଦ୍ ବିନ୍ ୟଜିଦ୍ ବୋଲି ବର୍ଣ୍ଣନା କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୫, ସାଆଦ୍ ବିନ୍ ୟଜିଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୪୫୦, ସାଆଦ୍ ବିନ୍ ଅଲ୍‌ଫାକିହ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩)

ପୁଣି ଜଣେ ବଦ୍‌ରି ସାହାବି ହେଉଛନ୍ତି ହଜ୍‌ରତ୍ ତମିମ୍ ବିନ୍ ୟଆର ଅନ୍‌ସାରି । ହଜ୍‌ରତ୍ ତମିମ୍‌ଙ୍କ ବାପାଙ୍କ ନାମ ୟଆର ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍‌ର ଶାଖା ବନୁ ଯଦାରାଃ ବିନ୍ ଅଓଫ୍ ବିନ୍ ଅଲ୍‌ହାରିସ୍ ସହିତ ଥିଲା । ସେ ବଦର ଏବଂ ୱହଦ୍ ଯୁଦ୍ଧରେ ରସୁଲାଲ୍ଲାଃ ସ:ଆ:ସ ଙ୍କ ସହିତ ସାମିଲ ଥିଲେ । ହଜ୍‌ରତ୍ ତମିମ୍‌ଙ୍କ ସନ୍ତାନ ମାନଙ୍କ ମଧରେ ତାଙ୍କ ପୁତ୍ର ରବିଇ ଏବଂ ପୁତ୍ରି ଯମିଲା ଥିଲେ । ତାଙ୍କ ମାଙ୍କ କବିଲା ବନୁ ଉମ୍‌ରୋ ର:ଅ ଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୭, ତମିମ୍ ବିନ୍ ୟଆର ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ ଅଓସ୍ ବିନ୍ ସାବିତ୍ ବିନ ମୁନ୍‌ଜିର୍ । ସେ ମଧ ଅନ୍‌ସାରୀ ଥିଲେ । ତାଙ୍କ କୁନିୟତ ଅବୁ ସଦାଦ୍ ଥିଲା । ହଜ୍‌ରତ ଅଓସ୍‌ଙ୍କ ବାପାଙ୍କ ନାମ ସାବିତ୍ ଥିଲା । ତାଙ୍କ ମା'ଙ୍କ ନାମ ସଖ୍‌ତା ବିନ୍‌ତ୍ ହାରିସାଃ ଥିଲା । ସେ ପ୍ରସିଦ୍ଧ ସାହାବି ହଜ୍‌ରତ୍ ଶଦାଦ୍ ବିନ୍ ଅଓସ୍‌ଙ୍କ ବାପା ଥିଲେ । ତାଙ୍କର ସମ୍ବନ୍ଧ ଅନ୍‌ସାର୍‌ଙ୍କ କବିଲା ବନୁ ଉମ୍‌ରୋ ବିନ୍ ମାଲିକ ବିନ୍ ନଜ୍ଜାର୍ ସହିତ ଥିଲା । ସେ ଅକ୍‌ବାଃ ସାନିୟାରେ ସାମିଲ ଥିଲେ ଏବଂ ସେଠାରେ ଇମାନ୍ ଆଣିଥିଲେ । ବଦର ଏବଂ ୱହଦ୍ ଯୁଦ୍ଧରେ ସେ ଇସୁଲୁଲ୍ଲାଃ ସ:ଆ:ସ ଙ୍କ ସହିତ ସାମିଲ ଥିଲେ । ହଜ୍‌ରତ୍ ହସାନ ବିନ୍ ସାବିତ୍ ସେ ର:ଅ (ଯିଏ ପ୍ରସିଦ୍ଧ କବି ଥିଲେ) ଏବଂ ହଜ୍‌ରତ୍ ଉବୈ ବିନ୍ ସାବିତ୍ ତାଙ୍କର ଭାଇ ଥିଲେ । ହଜ୍‌ରତ୍ ଉସ୍‌ମାନ ବିନ୍ ଅଫ୍‌ଫାନ ର:ଅ ଯେବେ ହିଜ୍‌ରତ୍ କରି ମଦିନା ଆସିଲେ, ତାଙ୍କ ଘରେ ସେ ରହିଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ ବିନ୍ ଅଫ୍‌ଫାନ୍ ଏବଂ ହଜ୍‌ରତ୍ ଅଓସ୍ ବିନ୍ ସାବିତ୍‌ଙ୍କ ମଧରେ ମୁଆଖାତ୍ (ଅର୍ଥାତ୍ ଭାଇ ଭାଇ) ବନାଇ ଥିଲେ । ତାଙ୍କ ମୃତ୍ୟୁ ସମ୍ବନ୍ଧରେ ଅବ୍‌ଦୁଲ୍ଲାଃ ବିନ୍ ମୁହମ୍ମଦ୍ ବିନ୍ ଉମାରାଃ ଅନ୍‌ସାରୀ କହୁଛନ୍ତି କି ତାଙ୍କ ମୃତ୍ୟୁ, ତାଙ୍କର ଶାହାଦତ୍ ୱହଦ୍ ଯୁଦ୍ଧ ଅବସରରେ ହୋଇଥିଲା । ଆଉ କିଛି ବ୍ୟକ୍ତି ଏଥିରେ ସହମତ ନୁହନ୍ତି, ସେମାନେ ହେଉଛନ୍ତି ଦୃବଳ ରାୱି (ଅର୍ଥାତ୍ ବର୍ଣ୍ଣନା କାରୀ) । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮୨,୪୧ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍, ଅଓସ୍ ବିନ୍ ସାବିତ୍ ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଜଣେ ସାହାବ ହେଉଛନ୍ତି ହଜ୍‌ରତ୍ ସାବିତ୍ ବିନ୍ ଖନ୍‌ସାଆ । ତାଙ୍କ ସମ୍ବନ୍ଧରେ କବିଲା ବନୁ ଗନମ୍‌ବିନ୍ ଅଦିବିନ୍ ନଜ୍ଜାରା ସହିତ ଥିଲା । ବଦର ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ସେ ପାଇଛନ୍ତି । ତାଙ୍କ ସମ୍ବନ୍ଧରେ ଏତିକି ହିଁ ତଥ୍ୟ ରହିଛି । (ତବକାତୁଲ୍ କୁବ୍‌ରା,ଖଣ୍ଡ-୩, ପୃଷ୍ଠା-୩୮୯, ସାବିତ୍ ବିନ୍ ଖନ୍‌ସାଆ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) ।

ପୁଣି ଜଣେ ସାହାବୀ ଯିଏ ବଦର ଯୁଦ୍ଧରେ ସାମିଲ ହୋଇଥିଲେ, ସେ ହେଉଛନ୍ତି ହଜ୍‌ରତ୍ ଅଓସ୍ ବିନ୍ ଅସ୍‌ସାମିତ୍ । ସେ ହଜ୍‌ରତ୍ ଅବାଦାଃ ବିନ୍ ସାମିତ୍‌ଙ୍କ ଭାଇ ଥିଲେ । ହଜ୍‌ରତ୍ ଅଓସ୍ ବଦର ଓ ୱହଦ୍ ଏବଂ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସହିତ ସାମିଲ ଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ ଅଓସ୍ ବିନ୍ ସାମିତ ଏବଂ ହଜରତ୍ ମର୍‌ସଦ୍ ବିନ୍ ଅବି ମର୍‌ସଦ୍ ଅଲ୍‌ଗନ୍‌ୱିଙ୍କ ମଧରେ ମୁଆଖାତ୍ ପ୍ରତିଷ୍ଠା କରିଥିଲେ । ରିୱାୟତ୍‌ରେ ଆସୁଛିକି ହଜ୍‌ରତ୍ ଅଓସ୍ ନିଜ ପତ୍ନୀ ଖୁୱେଲା ବିନ୍‌ତ୍ ମାଲିକଙ୍କୁ ଜିହାର କରିଥିଲେ (ଅର୍ଥାତ ଏକ ପ୍ରକାର ତଲାକ ଦେଇଥିଲେ) । (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃଷ୍ଠା-୪୧୩, ଅଓସ୍ ବିନ୍ ସାମିତ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୨୩, ଅଓସ୍ ବିନ୍ ସାମିତ୍ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ଜିହାର ପ୍ରଥା ଆରବରେ ପ୍ରଚଳନ ଥିଲା କି ନିଜ ପତ୍ନୀ କୁ ଯଦି ମା' ବୋଲି ସମ୍ବୋଧନ କରାଯାଏ ବା ଭଉଣୀ ବୋଲି କୁହାଯାଏ, ଏପରି କହି ଦେବା ପରେ ନିଜ ସ୍ତ୍ରୀ କୁ ନିଜ ନିମନ୍ତେ ବୈଧ ବିବେଚନା କରାଯାଏ ନାହିଁ । ଅର୍ଥାତ ତୁମେ ମୋର ମା' ସେଥିପାଇଁ ହରାମ୍ (ଅବୈଧ) ହୋଇଗଲ । ଇସ୍‌ଲାମ୍ ଏହି ପ୍ରଥାର ମୂଳୋତ୍ପାଟନ କଲା ଏବଂ ଏ ନିର୍ଦ୍ଦେଶ ଦେଲା କି ଏପରି କରିବା ଦ୍ୱାରା ତଲାକ୍ ହୁଏ ନାହିଁ । ସ୍ତ୍ରୀ କୁ ମା ଭଉଣୀ କହିଦେଲେ ତଲାକ୍ ହୁଏ ନାହିଁ । ହଁ ଏହା ଖରାପ କଥା ଯାହାର ଦଣ୍ଡ ସ୍ୱରୂପ ଇସ୍‌ଲାମ୍ କଫ୍‌ଫାରାଃ ନିର୍ଦ୍ଧାରିତ କରିଛି ହଜ୍‌ରତ୍ ଅଓସ୍ କଫ୍‌ଫାରାଃ ଦେଲେ ନାହିଁ । କଫ୍‌ଫାରାଃ ଦେବା ପୂର୍ବରୁ ନିଜ ପତ୍ନୀ ସଙ୍ଗେ ଯେବେ ସମ୍ପର୍କ ରଖିଲେ ଏଥିରେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଏ ନିର୍ଦ୍ଦେଶ ଦେଲେ କି ଏହା ଭୁଲ୍ କଥା । ପନ୍ଦର ସାଆ ଯଅ ସାଠିଏ ଜଣ ଗରିବ ଲୋକଙ୍କୁ ଖାଇବାକୁ ଦିଅ । ଅର୍ଥାତ କଫାରା ହେଉଛି ଏହା କି ତୁମେ ସାଠିଏ ଜଣଙ୍କୁ ତୁମେ ଖାଇବାକୁ ଦିଅ । ଜିହାର ସମ୍ପର୍କରେ ପବିତ୍ର କୋରାନ୍‌ରେ ମଧ ନିର୍ଦ୍ଦେଶ ରହିଛି । ଅଲ୍ଲାଃତାଲା କହୁଛନ୍ତି କି **ଅଲ୍‌ଲଜିନା ଯୁଜାହିରୁନା ମିନ୍‌କୁମ୍ ମିନ୍ ନିସାଏହିମ୍ ମା ହୁନ୍ନା ଉମ୍ମହାତିହିମ୍ ............. ୱଲିଲ୍ କାଫିରିନା ଅଜାବୁନ୍ ଅଲିମ୍ ।** (ମୁଜାଦଲାଃ : ୩-୫) ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ଆପଣା ପତ୍ନୀ ମାନଙ୍କୁ ମା' କହିଦିଅନ୍ତି (ଓ ସମ୍ପର୍କ ଛିନ୍ନ କରନ୍ତି) ସେମାନଙ୍କର ଏପରି କରିବା ଦ୍ୱାରା ସେମାନେ ସେମାନଙ୍କର ମା' ହୋଇଯାଆନ୍ତି ନାହିଁ । ଯେଉଁମାନେ ସେମାନଙ୍କୁ ଜନ୍ମ ଦେଇଛନ୍ତି ସେହିମାନେ ହିଁ ସେମାନଙ୍କର ମାଆ ଏବଂ (ଯାହାକିଛି ସେମାନେ ଭୁଲବଶତଃ କହିଥା'ନ୍ତି ସେମାନଙ୍କ ସମ୍ବନ୍ଧରେ ଏହା କୁହାଯାଇପାରେ ଯେ) ସେମାନେ ଏକ ଅପସନ୍ଦ ଓ ମିଥ୍ୟା ବିଷୟ କହୁଛନ୍ତି ଏବଂ ଅଲ୍ଲାଃ ବାସ୍ତବରେ ଅତ୍ୟନ୍ତ ମାର୍ଜନାକାରୀ (ଓ) ଅତିଶୟ କ୍ଷମାଶୀଳ ଏବଂ ଯେଉଁ ଲୋକମାନେ ଆପଣା ପତ୍ନୀକୁ ମାଆ ବୋଲି କହିଦିଅନ୍ତି, ଓ ଏହାପରେ (ଅଲ୍ଲାଃ ମନା କରିବା ସତ୍ୱେ) ଯାହା କିଛି ସେମାନେ କହିଥିଲେ ତହିଁରୁ ସେହି ଆଡ଼କୁ ଫେରିଯାନ୍ତି, ତେବେ ସେ ଦୁହେଁ (ଅର୍ଥାତ ପତି ଓ ପତ୍ନୀ) ପରସ୍ପରକୁ ସ୍ପର୍ଶ କରିବା ପୂର୍ବରୁ ଜଣେ କ୍ରୀତଦାସକୁ ମୁକ୍ତିଦେବା ଆବଶ୍ୟକ । ତୁମମାନଙ୍କୁ ଏ ସଂକ୍ରାନ୍ତରେ ଉପଦେଶ ଦିଆଯାଉଅଛି ଏବଂ ଅଲ୍ଲାଃ ତୁମମାନଙ୍କ କାର୍ଯ୍ୟକଳାପ ସଂକ୍ରାନ୍ତରେ ଭଲଭାବରେ ଅବଗତ ଅଛନ୍ତି ଏବଂ ଯେଉଁ ବ୍ୟକ୍ତି (କ୍ରୀତଦାସ) ପାଏନାହିଁ, ସେ ଦୁହେଁ

ପରସ୍ପରକୁ ସ୍ପର୍ଶ କରିବା ପୂର୍ବରୁ କ୍ରମାଗତ ଭାବେ ଦୁଇମାସ (ପର୍ଯ୍ୟନ୍ତ) ରୋଜା ରଖୁ ଏବଂ ଯାହାର ଏପରି କରିବାକୁ ଶକ୍ତି ମଧ୍ୟ ନଥାଏ; ସେ ଷାଠିଏ ଜଣ ଦରିଦ୍ରଙ୍କୁ ଭୋଜନ କରାଉ । ଏ (ଆଦେଶ) ଏଥି ସକାଶେ ଦିଆଯାଉଅଛି ଯଦ୍ୱାରା ତୁମେମାନେ ଅଲ୍ଲାଃ ଓ ତାହାଙ୍କ ଉସୁଲଙ୍କ କଥା ମାନିବ ଏବ୍ ଏହା ଆଲ୍ଲାଃଙ୍କ (ଦ୍ୱାରା ନିର୍ଦ୍ଧାରିତ) ସୀମା । ଏବଂ ଅବିଶ୍ୱାସ କାରୀମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଶାସ୍ତି ନିୟତ ଅଛି ।

ଏହାର ଅନୁବାଦ ହଜରତ୍ ମସିହ୍ ଆ:ସ ମଧ୍ୟ କରିଛନ୍ତି କି : ''ଯେଉଁ ବ୍ୟକ୍ତି ନିଜ ପତ୍ନୀକୁ ମାଆ କହିଦିଏ, ସେ ବାସ୍ତବରେ ତା'ମାଆ ହୋଇଯାଏ ନାହିଁ । ତା'ଙ୍କ ମାଆ ହେଉଛନ୍ତି ସେମାନେ, ଯାହାଙ୍କଠାରୁ ସେ ଜନ୍ମ ହୋଇଛନ୍ତି । ସୁତରାଂ ତାଙ୍କର ଏହି କଥା ସମ୍ପୂର୍ଣ୍ଣ ଭିତିହୀନ ଓ ମିଥ୍ୟା ଅଟେ । ଏବଂ ଖୁଦା ହେଉଛନ୍ତି କ୍ଷମାଦାତା ଏବଂ ଯେଉଁଲୋକମାନେ ମାଆ କହିଦେଇ ପୁଣି ଫେରି ଆସନ୍ତି (ଅର୍ଥାତ ସ୍ତ୍ରୀ ସହିତ ସମ୍ପର୍କ ରଖନ୍ତି) ତେବେ ନିଜ ପତ୍ନୀକୁ ସ୍ପର୍ଶ କରିବା ପୂର୍ବରୁ ଜଣେ କ୍ରୀତଦାସକୁ ମୁକ୍ତ କରୁ । ଏହା ସର୍ବଜ୍ଞ ଖୁଦାଙ୍କ ତରଫରୁ ଉପଦେଶ ଅଛି ଏବଂ ଯଦି କ୍ରୀତଦାସ ମୁକ୍ତ କରିବାକୁ ଅସମର୍ଥ ତେବେ ନିଜ ପତ୍ନୀକୁ ସ୍ପର୍ଶ କରିବା ପୂର୍ବରୁ ଦୁଇମାସ ରୋଜା ରଖୁ ଏବଂ ଯଦି ରୋଜା ରଖିବାକୁ ଅସମର୍ଥ ତେବେ ଷାଠିଏ ଜଣ ଗରିବ ଲୋକଙ୍କୁ ଭୋଜନ କରାଉ ।'' (ଆର୍‌ୟା ଧର୍ମ, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୫୦)

ତାଙ୍କ ପତ୍ନୀ ହଜ୍‌ରତ୍ ଖୁୱେଲା ବିନ୍‌ତ ମାଲିକ ବିନ ସାଲବାଃଙ୍କ ଠାରୁ ବର୍ଣ୍ଣିତ ଅଛିକି ମୋ ସ୍ୱାମୀ ଅଓସ୍ ବିନ୍ ସାମିତ୍ ମୋତେ ଜିହାର୍ କଲେ । ମୁଁ ରସୁଲୁଲ୍ଲାଃ ସ:ଆ:ସ ଙ୍କ ନିକଟକୁ ଅଭିଯୋଗ ନେଇ ଗଲି ଏବଂ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ସମ୍ବନ୍ଧରେ ମତେ କହୁଥିଲେ କି ଅଲ୍ଲାଃଙ୍କ ଭୟ ରଖ ସେ ତୁମ ଚାଚା ପୁଅ ଭାଇ ମଧ୍ୟ ଅଟନ୍ତି । ମୁଁ ମୋ କଥାରେ ଅଟଳ ରହିଲି ଏପରିକି ପବିତ୍ର କୋରାନ୍‌ରେ ଏହି ଆୟତ୍ ଅବତୀର୍ଣ୍ଣ ହେଲାକି :

*କଦ୍ ସମିଅଲ୍ଲାଃହୁ କୌଲଲ୍ ଲତି ତୁଜାଦିଲୁକା ଫି ଜୌଜିହା* (ମୁଜାଦଲାଃ :୨) ଅର୍ଥାତ୍ - ଅଲ୍ଲାଃ ସେହି ମହିଳାଙ୍କ କଥା ଶୁଣିନେଲେ ଯିଏ ଆପଣ ସ:ଆ:ସ ଙ୍କ ସହିତ ନିଜ ସ୍ୱାମିଙ୍କ ସମ୍ବନ୍ଧରେ ତର୍କ କରୁଥିଲେ ।

ଆପଣ ସ:ଆ:ସ କହିଲେ ତୁମ ସ୍ୱାମୀ ଗୋଟିଏ କ୍ରିତଦାସ ମୁକ୍ତ କରାନ୍ତୁ । ଆୟତରେ ଯାହା ବର୍ଣ୍ଣନା କରାଯାଇଛି , ଏବେ ତାଙ୍କର ଦଣ୍ଡ ହେଉଛି ତାହା, ଅର୍ଥାତ୍ ପବିତ୍ର କୋରାନ୍ ଯାହା ନିର୍ଦ୍ଦେଶ ଦେଇଛି । ଏହାପରେ ସମସ୍ତ ଘଟଣାବଳୀ ରହିଛି ଯାହା ପ୍ରଥମେ ବର୍ଣ୍ଣନା କରାସାରିଛି କି ଗୋଟିଏ କ୍ରିତଦାସକୁ ମୁକ୍ତ କର । ସେ କହିଲେ ତାଙ୍କର (ଅର୍ଥାତ୍ ତାଙ୍କ ସ୍ୱାମୀଙ୍କର ଏହା କରିବା ନିମନ୍ତେ) ଶକ୍ତି ନାହିଁ । କିପରି କରିବେ ? ସେ ତ ଗରିବ ଲୋକ । ଏଥିରେ ଆପଣ ସ:ଆ:ସ କହିଲେ ତା ହେଲେ ଦୁଇମାସ ଲଗାତାର ରୋଜା ରଖନ୍ତୁ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଲଗାତାର ରୋଜା ରଖିବା ପାଇଁ ଆଉ ତାଙ୍କର ବୟସ ନାହିଁ । ତେଣୁ ସେ ରୋଜା ରଖିପାରିବେ ନାହିଁ । ଏହା ଶୁଣି ଆପଣ ସ:ଆ:ସ କହିଲେ ତା ହେଲେ ସେ ଷାଠିଏ ଜଣ ଗରିବ ଲୋକଙ୍କୁ ଭୋଜନ କରାନ୍ତୁ ।

ଏଥିରେ ମୁଁ କହିଲି କି ତା' ନିକଟରେ କିଛି ଧନ ମଧ୍ୟ ନାହିଁ ତା ପାଖରେ କିଛି ନାହିଁ ଯେ ତା ଦ୍ୱାରା ସଦ୍‌କା କରିବ । ଖୁୱେଲା କହୁଛନ୍ତି କି ମୁଁ ସେଠାରେ ବସିଥିବା ଅବସ୍ଥାରେ ଗୋଟିଏ ଖଜୁରୀ କୋଳୀରେ ପରିପୂର୍ଣ୍ଣ ଏକ ବସ୍ତା ପହଂଚିଲା । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମ୍ମୁଖରେ ତାହା ସବୁକୁ କିଏ ଜଣେ ପେଶ୍ କଲେ । ମୁଁ (ତାହା ଦେଖି) କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ମୁ: ଆ ସହିତ ଆଉ ଗୋଟିଏ ଖଜୁରୀବସ୍ତାର ବନ୍ଦୋବସ୍ତ କରିବି । ଅର୍ଥାତ୍ ଯଦି ଏ ବସ୍ତାଟି ମୋତେ ମିଳିଯାଏ ତେବେ ମୁଁ ଆଉ ଗୋଟିଏ ବସ୍ତାର ବ୍ୟବସ୍ଥା କରିନେବି । ଏଥିରେ ଆପଣ ସ:ଆ:ସ କହିଲେ ଠିକ୍ ଅଛି, ଏସବୁକୁ ନେଇଯାଅ । ଏଥିରୁ ତୁମ (ଅର୍ଥାତ୍ ତୁମ ସ୍ୱାମୀଙ୍କ) ତରଫରୁ ଷାଠିଏ ଜଣ ଦରିଦ୍ର ଲୋକଙ୍କୁ ଖୁଆଅ । ଏବଂ ପୁଣି ତୁମେ ନିଜ ଚାଚାଙ୍କ ନିକଟକୁ ଚାଲିଯାଅ । (ସୁନନେ ଅବି ଦାଉଦ୍, କିତାବୁତ୍‌ତଲାକ୍ ....... ହଦିସ୍ ୨୨୧୪) ଅର୍ଥାତ୍ ନିଜ୍ ସ୍ୱାମୀଙ୍କ ନିକଟକୁ ଯାଅ । ତା' କହିବା ରେ ତୁମେ ତା'ର ମାଆ ହୋଇଯାଇନାହଁ । ଏହି ସାହାବା ମାନଙ୍କର ସିରତ୍ (ଜୀବନ୍ ଚରିତ ) ବର୍ଣ୍ଣନା ହେବାଦ୍ୱାରା ବହୁତ୍ କିଛି ସମସ୍ୟା ମଧ୍ୟ ସମାଧାନ ହୋଇଯାଉଛି ।

ହଜ୍‌ରତ୍ ଇବ୍‌ନେ ଅବବାସ ର:ଅ:ଙ୍କ ବୟାନ୍ ଅଛି କି , ଇସଲାମ୍‌ରେ ଯେଉଁ ସର୍ବପ୍ରଥମ ଜିହାର ହୋଇଥିଲା ଅର୍ଥାତ୍ ପତ୍ନୀକୁ ମାଆ କହିବାର (ପ୍ରଥା) , ତାହା ଏହି ସାହାବି ହଜ୍‌ରତ୍ ଅଓସ୍ ବିନ୍ ସାମିତ୍‌ଙ୍କ ଦ୍ୱାରା ହୋଇଥିଲା । ତାଙ୍କ ନିକାହ୍‌ରେ ତାଙ୍କ ଚାଚାଙ୍କର ଝିଅ ଥିଲେ, ତାଙ୍କ ସହିତ ସେ ଜିହାର କରିଥିଲେ । (ଉସ୍‌ଦୁଲ୍ ଗାବାଃ ଖଣ୍ଡ -୧ , ପୃଷ୍ଠା -୩୨୩, ଅଓସ୍ ବିନ୍ ସାମିତ୍ ର:ଅ, ମୁଦ୍ରଣ ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩) ।

ଅଲ୍ଲାଃତାଲା ଏହି ନିୟମ ନିର୍ଦ୍ଧାରଣ କରିଛନ୍ତି । ହଜରତ୍ ମସିଦ୍ ମଉଦ୍ ଆ:ସଙ୍କ ସମୟରେ ମଧ୍ୟ ଏହି ମାମଲା ପେଶ୍ ହୋଇଥିଲା । ଆପଣ ଆ:ସ କହିଲେ କି ଏଥିପାଇଁ ଏହି ଦଣ୍ଡ ରହିଛି । ଖଲିଫା ସାନିଙ୍କ ସମୟରେ ଏହି ଭଳି ଗୋଟିଏ ମାମଲା ପେଶ୍ ହୋଇଥିଲା, ଆପଣ ର:ଅ କହିଲେ କି ଏଥିପାଇଁ ଏହି ଦଣ୍ଡ ବିଧାନ ଅଛି ଏବଂ ଯଦି କିଏ ବହୁତ୍ ଗରୀବ ଓ କରିବା ପାଇଁ ଅସମର୍ଥ ତେବେ ସେ ଇସ୍‌ତେଗ୍‌ଫାର କରୁ । ଏବଂ ତା ସାମର୍ଥ୍ୟ ମୁତାବକ ଦଣ୍ଡ ସ୍ୱରୁପ ଦେଉ । ସୁତୁରାଂ ଅଲ୍ଲାଃତାଲା ପତ୍ନୀକୁ ମାଆ ଅଥବା ଭଉଣୀ କହିବା ନିମନ୍ତେ ଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । କିଛି ଲୋକଙ୍କର ଏ ଅଭ୍ୟାସ ରହିଛି କି ଟିକିଏ ଟିକିଏ କଥାରେ କଳି ଝଗଡା ହେବାଦ୍ୱାରା , ସେ ଏ କଥା କହିଦେଇଥାନ୍ତି କି ମୋ ଉପରେ (ମୋ ସ୍ତ୍ରୀ) ହରାମ୍ ହୋଇଗଲା, ବା ଏପରି ହୋଇଗଲା କି ତୁମେ ମୋ ମାଆଙ୍କ ପରି ଅଟ । ତୁମେ ଅମୁକ । ବା ରାଣ ଖାଇଦିଅନ୍ତି । ତେବେ ଏହା ସବୁ ହେଉଛି ରାଣ ଏବଂ ସେଥିପାଇଁ ଦଣ୍ଡ ବିଧାନ ରହିଛି । ଯଦି କିଏ ଏପରି କହେ , ତେବେ ତାର ଦଣ୍ଡ ହେଉଛି , ଯାହା କୋରାନରେ ବର୍ଣ୍ଣିତ ରହିଛି କି କ୍ରୀତଦାସକୁ ମୁକ୍ତ କର ବା ରୋଜା ରଖ ଅଥବା ଗରିବ ଲୋକଙ୍କୁ ଭୋଜନ କରାଅ ।

ହଜ୍‌ରତ୍ ଅସେ ବିନ୍ ସାମିତ୍ ର:ଅ ମଧ୍ୟ ଜଣେ କବିଥିଲେ । ହଜ୍‌ରତ୍ ଅଓସ ବିନ୍ ସାମିତ୍ ଏବଂ ସଦାଦ୍‌ବିନ୍ ଅଓସ୍ ଅନ୍‌ସାରୀ ବଇତୁଲ୍ ମୋକଦସ୍ ଠାରେ ରହିଛନ୍ତି । ତା'ଙ୍କ ଦେହାନ୍ତ ପାଲେଷ୍ଟାଇନ୍ ଦେଶର ରମାଲାଃ ଠାରେ ୩୪ ହିଜରିରେ ହୋଇଥିଲା । ସେ ସମୟେରେ ତାଙ୍କ ବୟସ ୭୨ ଥିଲା, (ଉସ୍‌ଦୁଲ୍ ଗାବାଃ ଖଣ୍ଡ -୧ ପୃଷ୍ଠା -୩୨୩, ଅଓସ୍ ବିନ୍ ର:ଅ , ମୁଦ୍ରଣ ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩)

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ଅର୍‌କମ୍ ବିନ୍ ଅବି ଅର୍‌କମ୍ । ତାଙ୍କ କୁନିୟତ୍ ଅବୁ ଅବ୍‌ଦୁଲ୍ଲାଃ ଥିଲା । ତାଙ୍କ ମାଆଙ୍କ ନାମ ଉମୈମାଃ ବିନ୍‌ତ୍ ହାରିସ୍ ଥିଲା । କିଛି ରିୱାୟତ୍‌ରେ ତାଙ୍କ ନାମ ତୁମାଜିର୍ ବିନ୍‌ତେ ହୁଜୈମ୍ ଏବଂ ସଫିୟାଃ ବିନ୍‌ତେ ହାରିସ୍ ଭାବେ ବର୍ଣ୍ଣନା ରହିଛି ।

ହଜ୍‌ରତ୍ ଅରକମ୍‌ଙ୍କ ସମ୍ବନ୍ଧ କବିଲା ବନୁ ମଖ୍‌ଜୁମ୍‌ଙ୍କ ସହିତ ଥିଲା । ସେ ଇସ୍‌ଲାମ ଆଣିଥିବା ପ୍ରାରମ୍ଭିକ ସାହାବିମାନଙ୍କ ମଧ୍ୟରେ ଥିଲେ । କିଛିଙ୍କ ମତରେ ତାଙ୍କ ଇସ୍‌ଲାମ୍ ଗ୍ରହଣ ପୂର୍ବରୁ ୧୧ଜଣ ବ୍ୟକ୍ତି ଇସ୍‌ଲାମ୍ ଗ୍ରହଣ କରିସାରିଥିଲେ । କିଛି କୁହନ୍ତି ଯେ ଇସ୍‌ଲାମ୍ ଗ୍ରହଣ କରିବାରେ ତାଙ୍କ କ୍ରମ ସଂଖ୍ୟା ଥିଲା ସାତ । ହଜ୍‌ରତ୍ ଉମ୍‌ରୋ ବିନ୍ ଜୁବୈର୍ ରିୱାୟତ୍ କରୁଛନ୍ତି କି ହଜ୍‌ରତ୍ ଅର୍‌କମ, ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜରାହ୍ ଏବଂ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ଏକାଠି ଏକ ସମୟରେ ଇମାନ୍ ଆଣିଛନ୍ତି । ହଜ୍‌ରତ୍ ଅରକମ୍‌ଙ୍କର ଗୋଟିଏ ଘର ମକ୍କାର ବାହାରେ ଥିବା ସଫା ନାମକ ପାହାଡ଼ ନିକଟରେ ଥିଲା । ତାହା ଇତିହାସରେ ଦାରେ ଅର୍‌କମ୍ ନାମରେ ପ୍ରଶିଦ୍ଧ ଅଛି । ସେହି ଘରେ ରସୁଲୁଲ୍ଲାଃ ସ:ଆ:ସ ଏବଂ ଇସ୍‌ଲାମ୍ ଗ୍ରହଣ କରିଥିବା ସଦସ୍ୟ ବୃନ୍ଦ ଇବାଦତ୍ ଅର୍ଥାତ ଉପାସନା କରୁଥିଲେ । ସେହିଠାରେ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଗ୍ରହଣ କରିଥିଲେ । ହଜ୍‌ରତ୍ ଉମରଙ୍କ ଇସ୍‌ଲାମ୍ ଗ୍ରହଣ କରିବା ପରେ ମୁସଲ୍‌ମାନଙ୍କ ସଂଖ୍ୟା ବଢ଼ି ୪୦ ହୋଇଗଲା । ତା' ପରେ ସେମାନେ ସେହି ଘରୁ ବାହାରକୁ ବାହାରିଥିଲେ । ସେହି ଘରଟି ହଜ୍‌ରତ୍ ଅର୍‌କମ୍‌ଙ୍କ ସମ୍ପତି ମଧ୍ୟରେ ଥିଲା । ପୁଣି ତାଙ୍କ ନାତିମାନେ ସେହି ଘରଟିକୁ ଅବୁ ଜାଫର୍ ମନ୍‌ସୁର୍‌ଙ୍କୁ ବିକ୍ରି କରିଦେଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୧୮୭, ଅର୍‌କମ୍ ବିନ୍ ଅବି ଅରକମ୍ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩), ଅସାବାଃ, ଖଣ୍ଡ- ୧, ପୃଷ୍ଠା- ୧୯୭, ........ ବେରୁତ୍ ୧୯୯୫), (ମୁସ୍‌ତଦରକ୍ ଅଲସ୍ ସହିହୀନ୍ ଖଣ୍ଡ-୩, ପୃଷ୍ଠା- ୫୭୪, ହଦିସ୍ ୬୧୨୭ ..... ବେରୁତ୍ ୨୦୦୨) ।

ଏ ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍, ଏ ସିରତ୍ ଖାତ୍‌ମୁନ୍ ନବୀୟିନ୍ ରେ ଲେଖୁଛନ୍ତି, ଏପରି ବାଖ୍ୟା କରାଯାଇଛି ଯେ ''ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମନରେ ଏ ଭାବନା ସୃଷ୍ଟି ହେଲା କି ମକ୍କାରେ ଗୋଟିଏ ତବ୍‌ଲିଗ୍ ସେଂଟର ସ୍ଥାପନ କରାଯାଉ ଯେଉଁଠି ମୁସଲମାନ୍ ମାନେ ନମାଜ ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଏକାଠି ହୋଇପାରିବେ । ଫଳତଃ ଶାନ୍ତି ଓ ନୀରବତାର ସହ ନିୟମିତ ଇସ୍‌ଲାମ୍‌ର ତବ୍‌ଲିଗ୍ ହୋଇପାରିବ । ଏକାର୍ଯ୍ୟ ନିମନ୍ତେ ଏପରି ଏକ ଘରର ଆବଶ୍ୟକତା ଥିଲା ଯାହା ଏକ କେନ୍ଦ୍ର ସ୍ଥଳୀ ହୋଇପାରିବ । ସୁତରାଂ ଆପଣ ସ:ଆ:ସ ଜଣେ ନୂତନ ମୁସଲ୍‌ମାନ୍ ଅର୍‌କମ୍ ବିନ୍ ଅବି ଅର୍‌କମ୍‌ଙ୍କ ଘରକୁ ପସନ୍ଦ କଲେ । ତାହା ସଫା ପାହାଡ଼ ତଳେ ଥିଲା । ସେଠାରେ ସବୁ ମୁସଲ୍‌ମାନ ଏକତ୍ରିତ ହୋଇ ନମାଜ ପଢ଼ନ୍ତି ଓ ସେଠାକୁ ସତ୍ୟର ସନ୍ଧାନୀମାନେ ଆସନ୍ତି'' । ଅର୍ଥାତ ଯେଉଁମାନେ ଧର୍ମର ଅନ୍ୱେଷଣ କରୁଥିଲେ, ସେମାନେ ସେଠାରେ ଯାଇ ଇସ୍‌ଲାମ୍‌ର ବାର୍ତା ଶୁଣୁଥିଲେ ଓ ବୁଝୁଥିଲେ ବା ଆଁ ହଜ୍‌ରତ୍ ସ:ଆ:ସଙ୍କ ସାନିଧ୍ୟ ହାସଲ କରିବା ନିମନ୍ତେ ଆସୁଥିଲେ ।'' ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ ଇସ୍‌ଲାମର ତବ୍‌ଲିଗ୍ କରୁଥିଲେ । ସେଥିଯୋଗୁଁ ଉକ୍ତ ଘରଟି ଇତିହାସରେ ବିଶେଷ ସ୍ଥାନ ରଖିଛି ଏବଂ ଦାରେ ଇସ୍‌ଲାମ୍ ନାମରେ ପ୍ରସିଦ୍ଧ ଅଛି।

ଆଁ ହଜ୍‌ରତ୍ ସ:ଆ:ସ ଉଣା ଅଧିକେ ତିନିବର୍ଷ ପର୍ଯ୍ୟନ୍ତ ଦାରେ ଅର୍‌କମ୍ ଠାରେ କାର୍ଯ୍ୟ ସମ୍ପାଦନ କଲେ । ଅର୍ଥାତ ଆବିର୍ଭାବ ହେବାର ଚତୁର୍ଥ ବର୍ଷ ତାହାକୁ ନିଜର କେନ୍ଦ୍ରସ୍ଥଳୀ ବନାଇଲେ ଏବଂ ଷଷ୍ଠ ବର୍ଷର ଶେଷ ପର୍ଯ୍ୟନ୍ତ ଆପଣ ସେଥିରେ ନିଜ କାର୍ଯ୍ୟ ସମ୍ପାଦନା କଲେ'' । ନିଜର ଏହି ମିଶନକୁ ଜାରି ରଖିଲେ ଏବଂ ''ଐତିହାସିକ ମାନେ ଲେଖୁଛନ୍ତି କି ଦାରେ ଅର୍‌କମ୍‌ଠାରେ ଯେଉଁ ଶେଷ ବ୍ୟକ୍ତି ଜଣକ ଇସ୍‌ଲାମ୍ ଗ୍ରହଣ କରିଥିଲେ ସେ ଥିଲେ ହଜ୍‌ରତ୍ ଉମର ର:ଅ । ଯାହାଙ୍କ ଇସ୍‌ଲାମ୍ ଗ୍ରହଣ କରିବା ଦ୍ୱାରା ମୁସଲ୍‌ମାନଙ୍କୁ ବହୁତ ଶକ୍ତି ଓ ସାହାସ ମିଳିଲା । ଫଳତଃ ସେମାନେ ଦାରେ ଅର୍‌କମ୍‌ରୁ ବାହାରି ଖୋଲା ଖୋଲି ଭାବେ ତବ୍‌ଲିଗ୍ କରିବାକୁ ଲାଗିଲେ ।'' (ସିରତ୍ ଖାତମୁନ୍ ନବୀୟୀନ୍ ସଙ୍କଳକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅ ପୃଷ୍ଠା-୧୨୯)

ମଦିନା ହିଜ୍‌ରତ୍ କରିବା ପରେ ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଅର୍‌କମ୍ ର:ଅ ଙ୍କ ମୁଆଖାତ୍ ହଜ୍‌ରତ୍ ଅବୁ ତଲ୍‌ହା ଜୈଦ୍ ବିନ୍ ସହଲଙ୍କ ସହିତ ସ୍ଥାପନ କଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୮୫, ବେରୁତ ୧୯୯୦)

ହଜ୍‌ରତ୍ ଅର୍‌କମ୍ ବଦର ଯୁଦ୍ଧରେ ରସୁଲେ କରିମ୍ ସ:ଆ:ସ ଙ୍କ ସହିତ ସାମିଲ ହୋଇଥିଲେ । ଆପଣ ସ:ଆ:ସ ତାଙ୍କୁ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରେ ଜିତାଯାଇଥିବା ବସ୍ତୁ) ମଧ୍ୟରୁ ଗୋଟିଏ ତରବାରୀ ପ୍ରଦାନ କଲେ । ହଜ୍‌ରତ୍ ଅର୍‌କମ୍ ବଦର ଯୁଦ୍ଧ ଓ ଓ୍ୱହଦ ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ସାମିଲ ହୋଇଥିଲେ । ଥରେ ନବି କରିମ୍ ସ:ଆ:ସ ତାଙ୍କୁ ସଦ୍‌କା ଅସୁଲ୍ କରିବା ନିମନ୍ତେ ମଧ୍ୟ ପଠାଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା- ୧୯୮, .... ବେରୁତ୍ ୨୦୦୩) (ଅସାବାଃ ଖଣ୍ଡ-୧, ପୃଷ୍ଠା-୧୮୭, .... ବେରୁତ ୧୯୯୫)

ଇତିହାସରେ ଏହା ମଧ୍ୟ ଉଲ୍ଲେଖ ଅଛି କି ହଜ୍‌ରତ୍ ଅର୍‌କମ୍ ହିଲ୍‌ଫୁଲ୍ ଫୁଜୁଲ୍ ଚୁକ୍ତିରେ ମଧ୍ୟ ସାମିଲ ଥିଲେ । (ଇସ୍ତିଆବ, ଖଣ୍ଡ-୧ ପୃଷ୍ଠା-୧୩୧ .....ବେରୁତ ୧୯୯୨)

। ସେହି ଚୁକ୍ତିଟି ଗରୀବ ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ଇସ୍‌ଲାମ୍ ପୂର୍ବରୁ ମକ୍କାରେ ବଡ଼ ବଡ଼ ଲୋକମାନେ କରିଥିଲେ । ସେଥିରେ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ସାମିଲ ଥିଲେ । ହଜ୍‌ରତ୍ ଅରକମ୍‌ଙ୍କ ପୁତ୍ର ଉସ୍‌ମାନ ବିନ୍ ଅର୍‌କମ୍ ବର୍ଣ୍ଣନା କରୁଛନ୍ତି କି ମୋ ବାପାଙ୍କ ଦେହାନ୍ତ ୫୩ ହିଜ୍‌ରିରେ ହୋଇଛି । ସେତେବେଳେ ତାଙ୍କର ବୟସ ୮୩ ଥିଲା । କିଛି ଲୋକ କୁହନ୍ତି କି ତାଙ୍କ ଦେହାନ୍ତ ୫୫ ହିଜ୍‌ରିରେ ହୋଇଥିଲା । ବୟସ ସମ୍ବନ୍ଧରେ ମତ ଭେଦ ରହିଛି କି ୮୦ ବର୍ଷ ହୋଇଥିଲା ବା ତା' ଠାରୁ ଟିକିଏ ଅଧିକ ହୋଇଥିଲା । ହଜ୍‌ରତ୍ ଅରକମ୍ ୱ୍‌ସିୟତ୍ କରିଥିଲେ କି ତାଙ୍କ ନମାଜ ଯନାଜାଃ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍‌କାସ୍ ର:ଅ ପଢ଼ାଇବେ । ଯିଏ ଜଣେ ସାହାବି ଥିଲେ । ତାଙ୍କ ଦେହାନ୍ତ ସମୟରେ ହଜ୍‌ରତ୍ ସାଆଦ ର:ଅ ଅକିକ୍ ନାମକ ସ୍ଥାନରେ ଥିଲେ । ଓ ଅନେକ ଦୂରରେ ଥିଲେ । ମର୍‌ୱ୍ୱାନ୍ କହିଲେ ଏହା କିପରି ହୋଇପାରେ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସାହାବିଙ୍କୁ କୌଣସି ଅନୁପସ୍ଥିତ ବ୍ୟକ୍ତିଙ୍କ ପାଇଁ ଦଫନ୍ କରାଯିବ ନାହିଁ । ସେ ଉପସ୍ଥିତ ନଥିଲେ ତେଣୁ ସାହାବିଙ୍କୁ ଲାସ୍‌କୁ ସେ ପର୍ଯ୍ୟନ୍ତ ରଖାଯାଉ ଯେପର୍ଯ୍ୟନ୍ତ ସେ ନ ଆସିଛନ୍ତି ଏବଂ ସେ ନିଜେ ନମାଜ୍ ଯନାଜାଃ ପଢ଼ାଇବାକୁ ଚାହିଁଲେ । କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ ଅର୍‌କମ୍ ମର୍‌ୱ୍ୱାନ୍‌ର କଥା ମାନିଲେ ନାହିଁ । ଏବଂ ସାଆଦ୍ ବିନ୍ ଅବିୱ୍ୱାକାସ୍‌ଙ୍କ ଆସିବା ପରେ ହଜ୍‌ରତ୍ ଅର୍‌କମଙ୍କ ନମାଜ ଯନାଜାଃ ପଢ଼ାଗଲା । ଏବଂ ଯନ୍ନତୁଲ୍ ବକିଠାରେ କବର ଦିଆଗଲା । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୧୮୮, ''ଅର୍‌କମ୍ ବିନ୍ ଅର୍‌କମ୍'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ତାଙ୍କ ସମ୍ବନ୍ଧରେ ଗୋଟିଏ ରିୱ୍ୱାୟତ୍ ମଧ୍ୟ ଆସୁଛି କି ଥରେ ହଜ୍‌ରତ୍ ଅର୍‌କମ୍ ବଇତୁଲ୍ ମୋକଦସ୍ ଯିବା ପାଇଁ ଯାତ୍ରା ନିମନ୍ତେ ସାମାନ୍ ପ୍ରସ୍ତୁତ କଲେ । ଯିବାକୁ ଚାହୁଁଥିଲେ । ରସୁଲାଲ୍ଲାଃଙ୍କଠାରୁ ଅନୁମତି ମାଗିଲେ । ଆପଣ ସ:ଆ:ସ ପଚାରିଲେ କି କଣ ତୁମେ ବଇତୁଲ୍ ମୋକଦସ୍ କୌଣସି ଆବଶ୍ୟକତା ଯୋଗୁଁ ଯିବ ବା ବାଣିଜ୍ୟ କରିବା ପାଇଁ ଯିବ ? ଏଥିରେ ହଜ୍‌ରତ୍ ଅର୍‌କମ୍ ଉତର ଦେଲେ କି ହେ ଅଲ୍ଲାଃଙ୍କ ରସୁଲ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ , କୌଣସି କାମ ନାହିଁ ଏବଂ ନା ବାଣିଜ୍ୟ ବେପାରର କୌଣସି ଉଦ୍ଦେଶ୍ୟ ଅଛି ବରଂ ବଇତୁଲ୍ ମୋକଦସ୍‌ଠାରେ ନମାଜ ପଢ଼ିବାକୁ ଚାହୁଁଛି , ଏଥିରେ ରସୁଲାଲ୍ଲାଃଙ୍କ ସ:ଆ:ସ କହିଲେ ମୋର ଏହି ମସ୍‌ଜିଦ୍‌ରେ ଗୋଟିଏ ବେଳା ନମାଜ ପଢ଼ିବା ଅନ୍ୟ ମସ୍‌ଯିଦ୍ ଗୁଡ଼ିକରେ ହଜାର ଥର ନମାଜ ପଢ଼ିବା ଅପେକ୍ଷା ଭଲ । ଅର୍ଥାତ ଏଠି ମଦିନାରେ । କେବଳ କାବା ବ୍ୟତିତ । ଏହା ଶୁଣି ହଜ୍‌ରତ୍ ଅର୍‌କମ୍ ନିଜର ଉଦ୍ଦେଶ୍ୟକୁ ବଦଳାଇ ଦେଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୧୮୭..... ବେରୁତ୍ ୨୦୦୩)

ପୁଣି ଯେଉଁ ସାହାବଙ୍କର ଚର୍ଚ୍ଚ କରାଯିବ ସେ ହେଉଛନ୍ତି ବସ୍‌ବସ୍ ବିନ୍ ଉମ୍‌ରୋଃ । ଗୋଟିଏ ରିୱ୍ୱାତ୍‌ରେ ତାଙ୍କ ନାମ ବସ୍‌ବସ୍ ବିନ୍ ବିଶର୍ ମଧ୍ୟ ବର୍ଣ୍ଣିତ ଅଛି । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ସାଇଦାଃ ବିନ୍ କାଆବ୍ ବିନ୍ ଖଜ୍‌ରଜ୍ ସହିତ ଥିଲା । ଯେବେ କି ଉର୍‌ୱ୍ୱା ବିନ୍ ଜୁବେର୍‌ଙ୍କ ମୁତାବକ ତାଙ୍କର ସମ୍ବନ୍ଧ ହୋଇଥିଲେ । ତାଙ୍କର ଗଣନା ଅନ୍‌ସାରୀ ସାହାବ ମାନଙ୍କ ସହିତ ହୁଏ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୭୩, ବସ୍‌ବସ୍ ବିନ୍ ଅଲ୍‌ଯହ୍‌ନି ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲିମିୟା ବେରୁତ୍ ୨୦୦୩) ସେ ବୁସୌସାଃ , ବୁସୈସ୍ ଏବଂ ବସ୍‌ବାସ ନାମରେ ମଧ୍ୟ ଚିହ୍ନିତ । ( ଉସ୍‌ଦୁଲ୍ ଗାବାଃ ଖଣ୍ଡ-୧, ପୃଷ୍ଠା-୩୭୯, ..... ବେରୁତ ୨୦୦୩) । ବଦର ଯୁଦ୍ଧ ବ୍ୟତିତ ସେ ୱ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିଲେ । (ତବକାକୁଲା କୁବରା ଖଣ୍ଡ-୩, ପୃଷ୍ଠା-୪୨୨, ବସ୍‌ବସ୍ ବିନ୍ ଉମ୍‌ରୋ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ବଦର ଯୁଦ୍ଧ ନିମନ୍ତେ ମଦିନାରୁ ବାହାରିବା ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍‌ରେ ଲେଖୁଛନ୍ତି : '' ମଦିନାରୁ ବାହାରିବା ସମୟାର ଆପଣ ସ:ଆ:ସ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମୁକ୍‌ତୁମ୍‌ଙ୍କୁ ମଦିନାର ଅମୀର ରୂପେ ।ନିୟୋଜିତ କଲେ । କିନ୍ତୁ ଯେବେ ଆପଣ ସ:ଆ:ସ ;ରୌହା ନାମକ ସ୍ଥାନ ନିକଟରେ ପହଂଚିଲେ , ଯାହା ମଦିନାଠାରୁ ୩୬ ମାଇଲ୍ ଦୂରତାରେ ଥିଲା , ସେତେବେଳେ ବୋଧ ହୁଏ ଏ ଭାବନାରେ କି ଅବ୍‌ଦୁଲ୍ଲାଃ ଜଣେ ଅନ୍ଧ ବ୍ୟକ୍ତି ଏବଂ କୁରୈ଼ଶର ସେନା ଆକ୍ରମଣ କରିବା ଆଶଙ୍କା ନିକଟତର ଅଛି, ତେଣୁ ଆପଣ ସ:ଆ:ସ ଙ୍କ ପରେ ମଦିନାର ସ୍ଥିତି ସୁଦୃଢ଼ ରହୁ । ତେଣୁ ଆପଣ ସ:ଆ:ସ ଅବୁ ଲୁବାବାଃ ବିନ୍ ମୁଦ୍‌ଜିରଙ୍କ ମଦିନାର ଅମୀର୍ ରୂପେ ନିୟୋଜିତ କରି ସେଠାରୁ ମଦିନା ପଠାଇଦେଲେ । ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍‌ଙ୍କ ପାଇଁ ଏ ନିର୍ଦ୍ଦେଶ ଦେଲେ କି ସେ କେବଳ ଇମାମୁସ୍ ସଲାତ୍ ଅର୍ଥାତ୍ ନମାଜ ପଢ଼ାଇବେ କିନ୍ତୁ ବ୍ୟବସ୍ଥାପକ କାର୍ଯ୍ୟ ସବୁ ଅବୁ ଲୁବାବାଃ ତୁଲାଇବେ ।'' ସେ ଲେଖୁଛନ୍ତି କି ''ମଦିନାର ଉପରେ ଭାଗର ଥିବା ଜନବସତି ନିମନ୍ତେ ଅର୍ଥାତ୍ କୁବାଇଲାକା ପାଇଁ ଆପଣ ସ:ଆ:ସ ଆସିମ୍ ବିନ୍ ଅଦିଙ୍କୁ ଅଲଗା ଅମୀର ନିୟୋଜିତ କଲେ ।'' ଆପଣ ସ:ଆ:ସ ଯେଉଁ ପରିବର୍ତନ ଅମୀର ନିମନ୍ତେ କଲେ ତାହା ଏହି ସ୍ଥାନରୁ କଲେ । ''ଏହିଠାରୁ ଆପଣ ସ:ଆ:ସ ବସ୍‌ବସ୍ ଏବଂ ଅଦି ନାମକ ଦୁଇଜଣ ସାହାବିଙ୍କୁ ଶତ୍ରୁ ପକ୍ଷରୁ ଚାଲି ଚଳନ ଇତ୍ୟାଦି ବିଷୟରେ ଖବର ନେବା ନିମନ୍ତେ ବଦର ଆଡ଼କୁ ପଠାଇଲେ । ଏବଂ ନିର୍ଦ୍ଦେଶ ଦେଲେ କି ବହୁଶୀଘ୍ର ଖବର ନେଇ ଆସନ୍ତୁ ।'' (ସିରତ୍ ଖାତସୁନ୍ ନବୀୟିନ୍ ଲେଖକ ହଜ୍‌ରତ୍ ମିର୍ଜା ଦଶିର୍ ଅହ୍‌ମଦ୍ ସାହେବ ଏମ୍,ଏ ପୃଷ୍ଠା-୩୫୪)

ଦୁଇ ସପ୍ତାହ ପୂର୍ବେ ଖୁତ୍‌ବାରେ ହଜ୍‌ରତ୍ ଅଦି ବିନ୍ ଉବୈ ଜଗ୍‌ବାଆଙ୍କ ଚର୍ଚ୍ଚା ହୋଇ ସାରିଛି । ଯେଉଁ ମାନଙ୍କୁ ପଠାଯାଇଥିଲା, ସେମାନଙ୍କ ମଧ୍ୟରେ ହଜ୍‌ରତ୍ ବସ୍‌ବସା ଏବଂ ହଜ୍‌ରତ୍ ଅଦି ବିନ୍ ଉବୈ ଜଗ୍‌ବାଆ ଦୁଇଜଣ ଯାକ ସାମିଲ ଥିଲେ । ଯେବେ ଏମାନେ ବଦର ନାମକ ସ୍ଥାନରେ ଖବର ନେବା ପାଇଁ ପହଂଚିଲେ ସେଠାରେ ସେହି ଦୁଇଜଣ ଯାକ କୂଅ ନିକଟରେ ଥିବା ଗୋଟିଏ ଉଚ୍ଚା ସ୍ଥାନରେ ନିଜ ଓଟକୁ ବସାଇ ନିଜ ପାଣିପାତ୍ରକୁ ନେଇ ଉକ୍ତ କୂଅରୁ ପାଣି ଭରିଲେ ଓ ପିଇଲେ । ସେ ସମୟରେ ସେମାନେ କିଛି ମହିଳାମାନଙ୍କୁ ଏକଥା ହେବାର ଶୁଣିଲେ କି ସେମାନେ ଏକ କାଫିଲା (ଅର୍ଥାତ ଦଳ) ଆସିବା ସମ୍ବନ୍ଧରେ କଥା ହେଉଥିଲେ ।

(ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୬୧୭, ବସ୍ ବସ୍ ଏବଂ ଅଦି ..... ମିସ୍‌ର ୧୯୫୫) ଏବଂ ସେଠାରେ ଜଣେ ବ୍ୟକ୍ତି ମଧ୍ୟ ଛିଡ଼ାହୋଇଥିଲା । ପରିବେଶରେ ଏହି ଦୁଇଜଣ ଫେରିଆସି ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ସେହି ମହିଳା ମାନଙ୍କ କଥା ହେଉଥିବା କଥନ ସମ୍ବନ୍ଧରେ ବତାଇଲେ କି ସେମାନେ ଏକ କାଫିଲା ଆସିବା ସମ୍ବନ୍ଧରେ କଥା ହେଉଥିଲେ । ଯେଉଁ ବ୍ୟକ୍ତି ଜଣଙ୍କ ସେଠାରେ ଛିଡ଼ା ହୋଇଥିଲା ତା' ନାମ ମଜିଦି ଥିଲା ଐତିହାସିକ ମାନେ ଲେଖିଛନ୍ତି କି ତା' ପର ଦିନ ଅବୁସୁଫିୟାନ୍ ସେଠାରେ ପହଂଚିଲା ଓ ଏକ କାଫିଲା ମଧ୍ୟ ସେଠାକୁ ଆସିଥିଲା । ସେ ମଜିଦିକୁ ପଚାରିଲା କି ହେ ମଜିଦି ! କଣ ତୁମେ ଏପରି କୌଣସି ବ୍ୟକ୍ତିକୁ ଏଠାରେ ଦେଖିଛ ଯିଏ ଜାସୁସ୍ ଅର୍ଥାତ୍ ଗୁପ୍ତଚର ରୂପେ ଆସିଥିଲା ? ଏବଂ ତତ୍‌ସହିତ ଏହାମଧ୍ୟ କହିଲା କି ଯଦି କୁମେ ଶତୃଙ୍କ ଅବସ୍ଥାକୁ ଲୁଚାଇବା ତେବେ କୁରୈଶମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ତୁମ ସହିତ ସୁଲାଦ କରିବ ନାହିଁ । ମଜ୍‌ଦି କହିଲା ଇଶ୍ୱରଙ୍କ ରାଣ ମୁଁ ଏଠାରେ ସେପରି କାହାକୁ ଦେଖିନାହିଁ ଯାହାକୁ ମୁଁ ଚିହ୍ନିଥିବି । ଏଠାରେ ତୁମର ଓ ୟସ୍‌ରବ୍ ମଧ୍ୟରେ କେହି ଶତୃ ନାହାନ୍ତି । ଯଦି କିଏ ଥା'ନ୍ତା ତେବେ ସେ ମୋ ଠାରୁ ଛପି ରହି ପାରିବ ନାହିଁ । ଏବଂ ନା ତ ମୁଁ ତୁମଠାରୁ ତାକୁ ଲୁଚାଇଥାନ୍ତି । କିନ୍ତୁ ହଁ ଏପରି ହୋଇଛି କି ମୁଁ ଦୁଇଜଣ ଯାତ୍ରୀଙ୍କୁ ଏଠାରେ ଦେଖିଥିଲି । ସେମାନେ ଏଠାରେ ରହିଥିଲେ ସେ ସ୍ଥାନ ଆଡ଼କୁ ଇସାରା କଲା, ଯେଉଁଠି ହଜ୍‌ରତ୍ ବସ୍‌ବସ୍ ଓ ହଜ୍‌ରତ୍ ଅଦି ରହିଥିଲେ । ଏବଂ ସେମାନେ ନିଜ ଓଟକୁ ସେଠାରେ ବସାଇଥିଲେ । ଏଠାରେ ପାଣି ପିଇଥିଲେ ଏବଂ ଏଠାରୁ ଚାଲିଗଲେ । ଅବୁ ସୁଫିୟାନ୍ ସେହି ସ୍ଥାନକୁ ଗଲା , ଯେଉଁଠି ଦୁଇଜଣ ସାହାବ ଓଟକୁ ବସାଇଥିଲେ । ଏବଂ ସେହି ଦୁଇଟି ଓଟର ଲେଣ୍ଡିରୁ ଖଜୁରୀ ମଞ୍ଜି ବାହାରିଲା । ଏହା ଦେଖି ଅବୁ ସୁଫିୟାନ କହିଲେ ଖୁଦାଙ୍କ ରାଣ !! ୟସ୍ରବ୍ ବାସିନ୍ଦାଙ୍କ ଓଟ ଖାଦ୍ୟ ହେଉଛି ଏପରି । ଏମାନେ ତ ସେଠାରୁ ଅର୍ଥାତ ୟସ୍‌ରଦ୍‌ରୁ ଆସିଛନ୍ତି । ସେହି ଦୁଇଜଣ ମୁହମ୍ମଦ୍ ସ:ଆ:ସ ଏବଂ ତାଙ୍କ ସାହାବ ମାନଙ୍କର ଗୁପ୍ତନର ଥିଲେ । ଓଟ ଲେଣ୍ଡିରୁ ମନେ ଏକଥା ଜଣାପଡ଼ିଛି ଯେ ସେମାନେ କାହିଁକି ଏଠାକୁ ଆସିଥିଲେ । ପୁଣି କହିଲା କି ମତେ ଏପରି ଲାଗୁଛି ସେମାନେ ବହୁତ ନିକଟରେ ଅଛନ୍ତି । ତା'ପରେ ସେ (ଅର୍ଥାତ ଅବୁ ସୁଫିଆନ୍) ଶିଘ୍ର ଶିଘ୍ର ସେଠାରୁ ନିଜ କାଫିଲାକୁ ସାଙ୍ଗରେ ଧରି ଚାଲିଗଲା । (କିତାବୁଲ୍ ମଗାଜି ଲିଲ୍ ୱ୍ୱାକିଦି, ପୃଷ୍ଠା-୪୦-୪୧, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୮୪)

ସେହି ଆରବୀୟମାନେ ସେ ଯୁଗରେ ଗୁପ୍ତଚରଙ୍କ ସମ୍ବନ୍ଧରେ ଜାଣିବା ପାଇଁ ପ୍ରବିଣ ଥିଲେ ଏବଂ ତାହା ମଧ୍ୟ ଗୁପ୍ତଜରର ଶୈଳିଥିଲା । ବଦର ଯୁଦ୍ଧ ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବିୟିନ୍ ପୁସ୍ତକରେ ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ ଲେଖୁଛନ୍ତି କି ଯେତେବେଳେ ଆପଣ ସ:ଆ:ସ ବଦର ନିକଟରେ ପହଂଚିଲେ ତେବେ କୌଣସି କାରଣ ବସତଃ , ଯାହାର ଚର୍ଚ୍ଚ ଇସ୍‌ଲମୀୟ ଇତିହାସରେ ମିଳୁନାହିଁ ଆପଣ ସ:ଆ:ସ ହଜ୍‌ରତ୍ ଅବୁବକର ସିଦ୍ଧିକ୍ ର:ଅ ଙ୍କୁ ନିଜ ପଛରେ ଆହୋରଣ କରାଇ ଇସ୍‌ଲାମୀୟ ସେନାଙ୍କଠାରୁ କିଛି ବାଟ ଆଗକୁ ଚାଲିଗଲେ । ସେତେବେଳେ ତାଙ୍କୁ ଜଣେ ବୁଢ଼ା ଗାଉଁଲି ବ୍ୟକ୍ତି ମିଳିଲା ।ଯାହାଙ୍କଠାରୁ କଥା କଥାରେ ଏ ବିଷୟ ଜଣାପଡ଼ିଲା କି ବର୍ତମାନ କୁରୈଶଙ୍କ ସେନା ବିଲ୍‌କୁଲ୍ ବଦର ନିକଟରେ ପହଂଚି ସାରିଛି । ଆପଣ ସ:ଆ:ସ ଏକଥା ଶୁଣି ଫେରିଆସିଲେ । ହଜ୍‌ରତ୍ ଅଲୀ , ଜୁବେର୍ ବିନ୍ ଅୱ୍ୱାମ୍ ଏବଂ ସାଆଦ ବିନ୍ ୱ୍ୱକାସ୍ ର:ଅ ଇତ୍ୟାତି ସାହାବମାନଙ୍କୁ ଅବସ୍ଥା ବିଷୟରେ ଜାଣିବା ପାଇଁ ଆଗକୁ ପଠାଇଲେ । ଏବଂ ଗୋଟିଏ ରିୱ୍ୱାୟତ୍ ମୁତାବକ ପଠାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ହଜ୍‌ରତ୍ ବସ୍‌ବସ୍ ମଧ୍ୟ ସାମିଲ ଥିଲେ । ପୂର୍ବରୁ ମଧ୍ୟ ଏମାନେ ଖବର ନେବା ପାଇଁ ଯାଇଥିଲେ । ବର୍ତମାନ ମଧ୍ୟ ସେନାଙ୍କ ଖବର ପାଇ ଯେଉଁ କାଫିଲା ଯାଇଥିଲେ ସେଥିରେ ମଧ୍ୟ ସେ ସାମିଲ ଥିଲେ । ଯେବେ ଏମାନେ ବଦର ସମତଳ ଭୂମିରେ ପହଂଚିଲେ , ଅଚାନକ ଦେଖିଲେ କି ମକ୍କାର କିଛି ଲୋକ ଗୋଟିଏ ଝରଣାରୁ ପାଣି ଭରୁଛନ୍ତି । ଏହି ସାହାବି ମାନେ ତାଙ୍କ ଉପରେ ଆକ୍ରମଣ କରି ସେମାନଙ୍କ ମଧ୍ୟରୁ ଜଣେ ହବ୍‌ଶି ଗୁଲାମ ଅର୍ଥାତ ନିଗ୍ରୋ କ୍ରୀତଦାସକୁ ଧରିନେଲେ ଓ ତା'କୁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନିକଟକୁ ନେଇଗଲେ । ସେମାନେ ଯେତେବେଳେ ତାକୁ ନେଇ ଆସିଲେ ସେତେବେଳେ ଆପଣ ସ:ଆ:ସ ନମାଜ ପାଠ କରିବାରେ ବ୍ୟସ୍ତ ଥିଲେ । ସାହାବମାନେ ଆପଣଙ୍କୁ ନମାଜ ପଢ଼ିବାର ଦେଖି ଉକ୍ତ ଗୁଲାମକୁ ପଚାରିବା ଆରମ୍ଭ କରିଦେଲେ କି ସୁଫିୟାନ୍‌ର ସେନା କେଉଁଠି ପହଂଚିଲାଣି ? ଏହି ହବିଶ୍ ଗୁଲାମ ଯେହେତୁ ସେହି ସେନା ସାଙ୍ଗରେ ଆସିଥିଲା ଯିଏ ବଦର ଯୁଦ୍ଧ ନିମନ୍ତେ ଆସୁଥିଲା । ତାକୁ କାଫିଲା ସମ୍ବନ୍ଧରେ ଜଣା ନଥିଲା । ସେ ଉତରରେ କହିଲା ଯେ ଅବୁ ସୁଫିୟାନ୍ ବିଷୟରେ ତ ମୁଁ ଜାଣିନାହିଁ କିନ୍ତୁ ଅବୁଲ୍ ହକମ୍ ଅର୍ଥାତ ଅବୁ ହଜଲ୍ , ଉତବାଃ , ଶୈବାଃ ଏବଂ ଉମୈୟାଃଥ ଇତ୍ୟାଦି ଲୋକେ ଏହି ସମତଳ ଭୂମିର ଆରପଟେ ଛାଉଣି ପକାଇଛନ୍ତି । ସାହାବ ମାନେ ଯେହେତୁ ଏକାଥାଇ ଆଂଶଙ୍କା କରିଥିଲେ କି କେବଳ କାଫିଲା ଆସୁଛି ବୋଲି ତେଣୁ ସେମାନେ ଭାବିଲେ ଏ ବ୍ୟକ୍ତି ମିଛ କହୁଛି । ଏବଂ ଜାଣିଶୁଣି କାଫିଲା ବିଷୟରେ କଥା ଲୁଚଉଛି । ତେଣୁ କେତେ ଲୋକ ତାକୁ ମାର୍ ଧର୍ ମଧ୍ୟ କଲେ । କିନ୍ତୁ ସେ ମାଡ଼ ଭୟରେ ଏକଥା କହୁଥିଲା କି ରୁହ ମୁଁ ବତଉଛି । କିନ୍ତୁ ଯେବେ ମାରିବା ଛାଡ଼ିଦେଲେ ସେ ପୁଣି ସେହି ଉତର ଦେଉଥିଲା କି ମଦେ ଅବୁ ସୁଫିୟାନ୍ ଓ ତା କାଫିଲା ସମ୍ବନ୍ଧରେ ଜଣା ନାହିଁ । ହଁ ନିଶ୍ଚିତ ରୂପେ ଅବୁ ଜହଲ୍ ଗୋଟିଏ ସେନା ନେଇ ଆସୁଅଛି ଏବଂ ତାହା ନିକଟରେ ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଶିଘ୍ର ଶିଘ୍ର ନମାଜ ପଢ଼ି ସାରି ସାହାବମାନଙ୍କୁ ମାରିବାରୁ ରୋକିଦେଲେ ଏବଂ କହିଲେ ସେ ଯେବେ ସତକଥା କହୁଛି , ତୁମେତାକୁ ମାରୁଛ ଏବଂ ମିଛ କହିବାରୁ ତାକୁ ଛାଡ଼ିଦେଉଛ । ପୁଣି ଆପଣ ସ:ଆ:ସ ନିଜେ ନମ୍ରତାର ସହ ତାକୁ ପଚାରିଲେ କି ସେନା ଏବେ କେଉଁଠି ଅଛି ? ସେ କହିଲା ବର୍ତମାନ ସେନା ସମ୍ମୁଖରେ ଥିବା

ମୁଣ୍ଡିଆ ପଛପଟେ ଅଛି । ଆପଣ ସ:ଆ:ସ ପଚାରିଲେ କି ସେନା କେତେଜଣ ଲୋକ ଅଛନ୍ତି ? ସେ କହିଲା ବହୁତ କିନ୍ତୁ ସଂଖ୍ୟା ମତେ ଜଣା ନାହିଁ । ଆପଣ ସ:ଆ:ସ ପଚାରିଲେ କି ସେମାନଙ୍କ ପାଇଁ ଖାଦ୍ୟ ଖାଇବା ନିମନ୍ତେ ପ୍ରତ୍ୟହ କେତେଗୋଟି ଓଟ କଟା ହେଉଛନ୍ତି ? ସେ କହିଲା ଦଶଟି, ଖାଇବା ପିଇବା ପାଇଁ ମଧ ଏତେ ମାତ୍ରରେ ସାମାନ ଧରି ଆସିଥିଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସାହାବ ମାନଙ୍କ ଆଡ଼କୁ ଚାହିଁ କହିଲେ ଦଶଟି ଓଟ କଟା ହେଉଛନ୍ତି , ଏହାର ଅର୍ଥ ହେଉଛି ଏକ ହଜାର ଲୋକ ତାଙ୍କ ସହିତ ଆସିଛନ୍ତି ଓ ବାସ୍ତବରେ ସେମାନେ ଏତିକି ହିଁ ଲୋକ ଥିଲେ । (ସିରତ୍ ଖାତସୁନ୍ ନବୀୟିନ୍ ହଜ୍‌ରତ୍ ମିର୍ଜା ବଶଇର୍ ଅହେମଦ୍ ସାହେବ ଏମ୍, ଏ, ପୃଷ୍ଠା–୩୫୫–୩୫୬)

ପୁଣି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ସାଲବା ବିନ୍ ଉମ୍‌ରୋ । ସେ ଅନ୍‌ସାରୀ ଥିଲେ । ତାଙ୍କର ସମ୍ବନ୍ଧ କବିଲା ବନୁ ନଜ୍ଜାର ସହିତ ଥିଲା । ତାଙ୍କ ମାଆଙ୍କ ନାମ କବ୍‌ଶା ଥିଲା ଯିଏ ପ୍ରଶିଦ୍ଧ କବି ହଜ୍‌ରତ୍ ହସ୍‌ମାନ୍ ବିନ୍ ସାବିତଙ୍କ ଭଉଣୀ ଥିଲେ । ହଜ୍‌ରତ୍ ସାଲବା ବଦର ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସହିତ ସାମିଲ ହୋଇଥିଲେ । ଯେଉଁମାନେ ବନୁ ସଲ୍‌ମାଙ୍କ ପ୍ରତିମା ଗୁଡ଼ିକ ଭାଙ୍ଗି ଦେଇଥିଲେ ସେ ତାଙ୍କ ମଧ୍ୟରେ ମଧ ସାମିଲ ଥିଲେ, ତାଙ୍କର ଦେହାନ୍ତ ହଜ୍‌ରତ୍ ଉମର୍‌ଙ୍କ ଖିଲାଫତ୍ ସମୟରେ ଯସର୍ ଯୁଦ୍ଧରେ ଅର୍ଥାତ ପୋଲ ଯୁଦ୍ଧରେ ହୋଇଥିଲା । ଯସର୍ ଯୁଦ୍ଧ ଇରାନୀମାନଙ୍କ ସହିତ ୧୪ ହିଜ୍‌ରିରେ ହୋଇଥିଲା । ତିବ୍‌ରେ ତାହା ୧୩ ବିଜ୍‌ରିରେ ହୋଇଥିବାର ବର୍ଣ୍ଣନା ଅଛି । ଏହି ଯୁଦ୍ଧରେ ଦୁଇଟି ଗୋଷ୍ଠି ଅର୍ଥାତ ହଜ୍‌ରତ୍ ଅବୁ ଉବୈଦାଃଙ୍କ ନେତୃତ୍ୱରେ ମୁସଲମାନଙ୍କ ସେନା ଏବଂ ବାହ୍‌ମନ୍ ଯାଜ୍‌ୱାୟାଃଙ୍କ ନେତୃତ୍ୱରେ ଇରାନୀ ସେନା ଫରାତ ନଦୀ କୂଳରେ ସମ୍ମୁଖୀନ ହେଲେ । ନଦୀ ପାର କରି ଯୁଦ୍ଧ କରିବା ନିମନ୍ତେ ଗୋଟିଏ ଯସର୍ ଅର୍ଥାତ୍ ପୋଲ ନିର୍ମାଣ କରାଯାଇଥିଲା । ସେଥିଯୋଗୁଁ ସେହି ଯୁଦ୍ଧକୁ ଯସର୍ ଯୁଦ୍ଧ କୁହାଯାଏ । କେତେକଙ୍କ ମତରେ ତାଙ୍କ ଦେହାନ୍ତ ହଜ୍‌ରତ୍ ଉସ୍‌ମାନ ର:ଅ ଙ୍କ ଖିଲାଫତ୍ ସମୟରେ ମଦିନାରେ ହୋଇଥିଲା ବୋଲି । (ରୌଜୁଲ୍ ଅନଫ୍ ଖଣ୍ଡ–୩, ପୃଷ୍ଠା–୧୫୮–୧୫୯, ............. ବେରୁତ), (ତବକାତୁଲ୍ କୁବ୍‌ରା ଖଣ୍ଡ–୩, ପୃଷ୍ଠା–୩୮୬, .... ବେରୁତ), (ତାରିଖେ ତିବ୍‌ରି, ଖଣ୍ଡ–୨, ପୃଷ୍ଠା– ୩୬୬, ......... ବେରୁତ), (ତାରିଖେ ଇବ୍‌ନେ ଖୁଲ୍‌ଦୁନ୍,ଖଣ୍ଡ– ୨, ପୃଷ୍ଠା– ୫୨୨ ..... ୨୦୦୦) । ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ସାଲବା ବିନ୍ ଗନମାଃ ।ହଜ୍‌ରତ୍ ସାଲବାଙ୍କ ନାମ ଗୋଟିଏ ରିୱାୟତ୍‌ରେ ସାଲବା ବିନ୍ ଗନମାଃ ବର୍ଣ୍ଣିତ ଅଛି ।ହଜ୍‌ରତ୍ ସାଲବାଙ୍କ ମାଆଙ୍କ ନାମ ଯହିରା ବିନ୍‌ତେ କୈନ୍ ଥିଲା ତାଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ସଲ୍‌ମା ସହିତ ଥିଲା । ଯେଉଁ ସତୁରଇ ଜଣ ସାହାବି ବୟତେ ଅକ୍‌ବା ସାନିଆ ଠାରେ ହଜୁର ସ:ଆସ୍‌ଙ୍କ ହାତରେ ବୟତ କରିଥିଲେ ସେମାନଙ୍କ ମଧ୍ୟରେ ହଦ୍‌ରତ୍ ସାଲବା ଥିଲେ । ହଜ୍‌ରତ୍ ସାଲବା ଇମାନ୍ ଅର୍ଥାଥ ବିଶ୍ୱାସ ଆଣିବା ପରେ ହଦ୍‌ରତ୍ ମୁଆଦ୍ ବିନ୍ ଯବଲ୍ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉନୈସ୍ ଙ୍କ ସହିତ ମିଶି ବନୁ ସଲ୍‌ମା ଅର୍ଥାତ ନିଜ କବିଲାର ପ୍ରତିବା ଗୁଡ଼ିକୁ ଭାଙ୍ଗିଦେଇଥିଲେ ।ସେ ବଦର୍, ଓ୍ୱହଦ୍ ଏବଂ ଖଳକ ଯୁଦ୍ଧରେ ସାମିଲ୍ ହୋଇଥଲେ । ଖଳକ ଯୁଦ୍ଧରେ ହୁବୈରାଃ ବିନ୍ ଉବୈ ଓ୍ୱହବ୍ ହଦ୍‌ରତ୍ ସାଲବାଙ୍କୁ ଶହିଦ୍ କରିଥିଲେ । ଆଉ ଗୋଟିଏ ରିୱାୟତ ମୁତାବକ ହତ୍‌ରତ୍ ସାଲବା ଖୈବର୍ ଯୁଦ୍ଧରେ ଶହିଦ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା ଖଣ୍ଡ–୩ ପୃ – ୪ ୩ ୫ . . . . . . ବେରୁତ୍ ୧୯୯୦)(ଇସ୍ତିୟାବ୍ ଖଣ୍ଡ–୧ ପୃ–୨୦୭......ବେରୁତ୧୯୯୨)

ପୁଣି ଜଣେ ସାହାବି ହେଉଛନ୍ତି ହତ୍‌ରତ୍ ଯାବିର୍ ବିନ୍ ଖାଲିଦ୍ ର:ଅ । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ଦୀନାର୍ ସହିତ ଥିଲା । ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା ଖଣ୍ଡ–୩ ପୃଷ୍ଠା– ୩୯୪......୧୯୯୦)

ପୁଣି ଜଣେ ସାହବେିଙ୍କ ନାମହେଉଛି ହଜ୍‌ରତ୍ ପରେସ୍ ବିନ୍ ନୋମାନ୍ ବିନ୍ ଉମୈୟା । ସେ ଅନ୍‌ସୋଧ ଥିଲେ । ହତ୍‌ରତ୍ ହାରିସ୍‌ଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଅଓସ୍ ସହିତ ଥିଲା । ସେ ବଦର ଓ ଓ୍ୱହଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ ସେ ହାଦ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଯୁବେର୍ ଏବଂ ହଜ୍ରତ୍ ଖସ୍ୱାତ୍ ବିନ୍ ଯୁବେରଙ୍କ ଚାଚା ଥିଲେ । ସିଫିନ୍ ଯୁଦ୍ଧ ଅବସରରେ ହଜ୍‌ରତ୍ ଅଲୀ ର:ଅଙ୍କ ତରଫରୁ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବାଃ ଖଣ୍ଡ–୧ ପୃ–୬୧୪........ ବେରୁତ୨୦୦୩) (ଅସାବା ଖଣ୍ଡ–୧ ପୃଷ୍ଠା–୬୯୪.... ବେରୁତ୧୯୯୫)

ପୁଣି ଜଣେ ସାହାବି ହେଉଛନ୍ତି ହାରିସ୍ ବିନ୍ ଅନସ୍ ଅନ୍‌ସାରି । ତାଙ୍କ ମାଆଙ୍କ ନାମ ହଜ୍‌ରତ୍ ଉମ୍ମେ ଶରିକ୍ ଥିଲା । ଏବଂ ବାପା ଅନସ୍ ବିନ୍ ରାଫେ । ତାଙ୍କ ମାଆ ମଧ ଇସ୍‌ଲାମ୍ ଗ୍ରହଣ କରିଥିଲେ ।ହଜ୍ରତ୍ ହାରିସ୍‌ଙ୍କ ସମ୍ବନ୍ଧ କବିଲା ଅଓସ୍‌ର ଶାଖା ବନୁ ଅବ୍‌ଦୁଲ୍ ଅଶ୍‌ହଲ୍ ସହିତ ଥିଲା ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ । ଓ୍ୱହଦ୍ ଯୁଦ୍ଧରେ ସେ ଶହୀଦ୍ ହୋଇଥିଲେ । ଓ୍ୱହଦ୍ ଯୁଦ୍ଧରେ ଯେଉଁ କେତେଜଣ ସାହାବା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଯୁବେର୍‌ଙ୍କ ସହିତ ଓ୍ୱହଦ୍ ପାହାଡଦ୍ଦର୍‌ରାରେ ଦୃତତାର ସହିତ ଶତୃଙ୍କ ସଙ୍ଗେ ଯୁଦ୍ଧ କରୁଥିଲେ ସେମାନଙ୍କ ମଧରେ ହାରିସ୍ ମଧ ଥିଲେ ଏବଂ ଲଢି ଲଢି ଶହୀଦ୍ ହେଲେ । (ତବକାତୁଲ୍ କୁବ୍‌ରା ଖଣ୍ଡ–୮ ପୃ–୨୭୭ ଉମ୍ମେ ଶରିକ୍ ର:ଅ......ବେରୁତ ୧୯୯୦) ।

ପୁଣି ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ହୁରୈସ୍ ବିନ୍ ଜୈଦ୍ ଅନ୍‌ସାରି । ଗୋଟିଏ ରିୱାୟତ୍‌ରେ ତାଙ୍କ ନାମ ଜଏଦ୍ ବିନ୍ ସାଲବା ଉଲ୍ଲେଖ ଅଛି । ତାଙ୍କର ସମ୍ବନ୍ଧ କବିଲା ଖଜ୍‌ରଦ୍‌ର ଶାଖା ବନୁ ଜୈଦ୍‌ବିନ୍ ହାରିସ୍ ସହିତ ଥିଲେ । ସେ ତାଙ୍କ ଭାଇ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ସହିତ ବିନ୍ ହାରିସ୍ ସହିତ ଥିଲା । ସେ ତାଙ୍କ ଭାଇ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ସହିତବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ । ଯାହାଙ୍କୁ ଅଜାନ୍ ସମ୍ବନ୍ଧରେ ସ୍ୱପ୍ନରେ ଦେଖାଇ ଦିଆଯାଇଥିଲା । ସେ ଓ୍ୱହଦ୍ ଯୁଦ୍ଧରେ ମଧ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବାଃ ଖଣ୍ଡ–୧ ପୃ–୭୧୭–୭୧୮......ବେରୁତ୍ ୨୦୦୩) ତାଙ୍କ ଭାଇଙ୍କ ମଧ୍ୟ ଅଜାନ୍ କହିବାର ଶବ୍ଦଗୁଡ଼ିକ ସମ୍ବନ୍ଧରେ ବତାଯାଉଥିଲା ।

ପୁଣି ଜଣେ ସାହାବି ହେଉଛନ୍ତି ହଜରତ୍ ହାରିସ୍‌ବିନ୍ ଅସିମ୍ମାଃ ।ତ ବୈରେ ମାଉନା ଅବସରରେ ଶହିଦ୍ ହୋଇଥିଲେ । (ଇସ୍‌ତିୟଦ, ଖଣ୍ଡ–୧, ପୃଷ୍ଠା–୨୯୨, ହାରିସ୍ ବିନ୍ ଅସିମ୍ମାଃ ......... ବେରୁତ ୧୯୯୫)

ହଜ୍‌ରତ୍ ହାରିସ୍ ବିନ୍ ଅସିମ୍ମାଃ ବଦର ଯୁଦ୍ଧ ଲଢ଼ିବା ପାଇଁ ରସୁଲୁଲ୍ଲାଃ ସ:ଆ:ସ ଙ୍କ ସଙ୍ଗେ ବାହାରିଲେ । ଯେବେ ରୌହା ନାମକ ସ୍ଥାନରେ ପହଂଚିଲେ, ତାଙ୍କର ଆଉ ଆଗକୁ ଯିବା ପାଇଁ ଶକ୍ତି ନଥିଲା । ତେଣୁ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ମେଦିନା ଫେରାଇ ଦେଲେ । କିନ୍ତୁ ମାଲେ ଗନିମତ୍ (ଯୁଦ୍ଧରେ ଜିତିଥିବା ଧନ ସମ୍ପତି)ରୁ ବଦର ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନଙ୍କ ପରି ଭାଗ ପାଇଲେ । ଅର୍ଥାତ ସେ ସଶରୀରେ ତ ଯୁଦ୍ଧରେ ସାମିଲ ହୋଇନଥିଲେ । ସେ ଉତ୍ସାହିତ ହୋଇ ବାହାରିଥିଲେ, କିନ୍ତୁ ସ୍ୱାସ୍ଥ୍ୟ ବହୁତ ଖରାପ ହେବାରୁ ତାଙ୍କୁ ଅନୁମତି ମିଳିଲା ନାହିଁ । ସେ ସମୟରେ ସ୍ୱାସ୍ଥ୍ୟ ବହୁତ ଖରାପ ହୋଇଯାଇଥିବ ତେଣୁ ତାଙ୍କୁ ସେଠାରୁ ଫେରିଯିବାକୁ ପଡ଼ିଲା । କିନ୍ତୁ ତାଙ୍କ ନିୟତ ଏବଂ ଉତ୍ସାହକୁ ଦେଖି ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବ ମାନଙ୍କ ମଧରେ ଗଣନା କରିଥିଲେ । ସେ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ଯେଉଁ ଦିନ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ , ସେହିଦିନ ହଜ୍‌ରତ୍ ହାରିସ୍ ଦୃଢ଼ତାର ସହି ଲଢ଼ିଥିଲେ । ହଜ୍‌ରତ୍ ହାରିସ୍ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ହାତରେ ମରିବା ପାଇଁ ବୟତ କରିଥିଲେ । ସେ ଉସ୍‌ମାନ ବିନ୍ ଅବ୍‌ଦୁଲାଃ ବିନ୍ ମୁଗିରାଃ ମଖ୍‌ଜୁମିକୁ ହତ୍ୟା କରିଥିଲେ ଏବଂ ତା ଯୁଦ୍ଧ ଅସ୍ତ୍ର ଓ ବସ୍ତ୍ର ସବୁକୁ ନେଇଯାଇଥିଲେ । ରସୁଲାଲ୍ଲାଃ ସ:ଆ:ସ ତାଙ୍କୁ ସେହି ସମସ୍ତ ଜିନିଷ ପ୍ରଦାନ କଲେ । ଯେତେବେଳେ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃକୁ ହତ୍ୟା କରଯିବାର ଖବର ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ମିଳିଲା । ଏହା ଶୁଣି ଆପଣ ସ:ଆ:ସ କହିଲେ ସମସ୍ତ ପ୍ରଶଂସାର ଅଧିକାରୀ ହେଉଛନ୍ତି ଅଲ୍ଲାଃ ଯିଏ ତାକୁ ହଲାକ୍ ଅର୍ଥାତ୍ ନିଃଶେସ କଲେ । (ତବ୍‌କାତୁଲ୍ କୁବ୍‌ରା ଖଣ୍ଡ–୩, ପୃଷ୍ଠା–୩୮୬ .......... ବେରୁତ ୧୯୯୦), (ଉସ୍‌ଦୁଲ୍ ଗାବାଃ, ଖଣ୍ଡ–୧, ପୃଷ୍ଠା–୬୧୫, ହାରିସ୍ ବିନ୍ ଅସିମ୍ମାଃ ............ ବେରୁତ ୨୦୦୩)

ଉସ୍‌ମାନ୍ ଦିନ୍ ଅବ୍‌ଦୁଲ୍ଲାଃ ବହୁତ ଭୟଙ୍କର ଶତୃ ଥିଲେ । ସେ ଜଣେ ମୁଶ୍‌ରିଙ୍କ ଅର୍ଥାତ୍ ପ୍ରତିମା ପୂଜାରି ଥିଲା । ଓ୍ୱହଦ୍ ଯୁଦ୍ଧ ଦିନ ନବୀ କରିମ୍ ସ:ଆ:ସ ଙ୍କୁ କ୍ଷତି ପହଂଚାଇବା ନିମନ୍ତେ ପୁର୍ଣ୍ଣ ପ୍ରସ୍ତୁତ କରି ଅର୍ଥାତ ସବୁ ପ୍ରକାର ଅସ୍ତ୍ର ଶସ୍ତ୍ର ଧରି ସେ ରଣ କ୍ଷେତ୍ରରେ ପହଂଚିଥିଲା । ଓ୍ୱହଦ୍ ଯୁଦ୍ଧ ଦିନ ଆଁ ହଜ୍‌ରତ୍ ସ:ଆ:ସ ଏ କଥା ପଚାରି ବୁଝିଲେ କି ମୋ ଚାଚା ହମ୍‌ଜାଃଙ୍କ ସହିତ କଣ ହେଲା ? ହଜ୍‌ରତ୍ ହାରିସ୍ ତାଙ୍କୁ ଖୋଜିବାକୁ ବାହାରିଲେ । ଯେବେ ହଜ୍‌ରତ୍ ହାରିସ୍‌ଙ୍କ ନିକଟରେ ପହଂଚିଲେ, ଦେଖିବାକୁ ପାଇଲେ କି ହଜ୍‌ରତ୍ ହମ୍‌ଜାଃ ଶହିଦ୍ ହୋଇସାରିଛନ୍ତି । ଦୁଇଜଣ ଯାକ ସାହାବ ଫେରିଯାଇ ନବୀ କରିମ୍ ସ:ଆ:ସଙ୍କୁ (ହମ୍‌ଜାଃଙ୍କ) ଶହୀଦ୍ ହେବା ଖବର ଦେଲେ ।

ହଜ୍‌ରତ୍ ହାରିସ୍ ବର୍ଣ୍ଣନା କରୁଛନ୍ତି କି ଓ୍ୱହଦ୍ ଯୁଦ୍ଧ ଦିନ ରସୁଲାଲ୍ଲାଃ ସ:ଆ:ସ ମତେ କହିଲେ , କଣ ତୁମେ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫଙ୍କୁ ଦେଖିଛ କି ? ମୁଁ କହିଲି ହଁ ମୁଁ ତାଙ୍କୁ ଦେଖିଛି । ସେ ପାହାଡ଼ ପାର୍ଶ୍ୱରେ ଥିଲେ ଏବଂ ତାଙ୍କ ଉପରେ ମୁସ୍‌ରିକ୍ ମାନେ ଆକ୍ରମଣ କରୁଥିଲେ । ମୁଁ ତାଙ୍କୁ ବଂଚାଇବା ପାଇଁ ତାଙ୍କ ଆଡ଼କୁ ବାହାରୁଥିଲି କିନ୍ତୁ ପୁଣି ମୋ ଦୃଷ୍ଟି ସ:ଆ:ସ ଙ୍କ ଉପରେ ପଡ଼ିଲା । ତେଣୁ ମୁଁ ଆପଣା ନିକଟକୁ ଆସିଗଲି । ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଫରିସ୍ତା ମାନେ ଅର୍ଥାତ ଦେବଦୂତମାନେ ତାଙ୍କର ସୁରକ୍ଷା କରୁଛନ୍ତି । ଆଉ ଗୋଟିଏ ରିୱାତ୍‌ରେ ଆସୁଛି କି ନବୀ କରିମ୍ ସ:ଆ:ସ କହିଲେ କି ଫରିସ୍ତାମାନେ ତାଙ୍କ ତରଫରୁ ତାଙ୍କ ସହିତ ଯୁଦ୍ଧ କରୁଛନ୍ତି । ହଜ୍‌ରତ୍ ହାରିସ୍ କହୁଛନ୍ତି କି ମୁଁ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଫେଙ୍କ ନିକଟକୁ ଗଲି । ପୁଣି ଫେରିଯିବା ପରେ ଗଲି । ଯେତେବେଳେ ଯୁଦ୍ଧ ଶେଷ ହେଲା ସେତେବେଳେ ମୁଁ ଦେଖିବାକୁ ପାଇଲି ଯେ ତାଙ୍କ ସମ୍ମୁଖରେ ସାତ ଜଣ ମରି ପଡିଛନ୍ତି । ମୁଁ ପଚାରିଲି କି କଣ ଆପଣ କହିଲେ ଏହି ତିନି ଜଣଙ୍କୁ ତ ମୁଁ ମାରିଛି କିନ୍ତୁ ବାକି ଅନ୍ୟମାନଙ୍କ କଥା ମୁଁ ଯାଣିନାହିଁ କି କିଏ ତାଙ୍କୁ ମାରିଛନ୍ତି । ଏହା ଶୁଣି ମୁଁ କହିଲି ଅଲ୍ଲାଃ ଏବଂ ତା'ରସୁଲ୍ ସତ୍ୟ କହିଥିଲେ । ଅର୍ଥାତ୍ ଦେବଦତ୍ ମାନେ ତାଙ୍କୁ ସାହାଯ୍ୟ କରୁଛନ୍ତି । (ଉସ୍‌ବୁଲ୍ ଗାବାଃ , ଖଣ୍ଡ–୧, ପୃ–୬୧୫, ହାରିସ୍ ବିନ୍ ଅସିମାଃ ......... ବେରୁତ୍ – ୨୦୦୩)

ହଜରତ୍ ହାରିସ୍ ବୈରେ ମାଉନା ଅବସରରେ ସାମିଲ୍ ହୋଇଥିଲେ । ଯେଉଁ ସମୟରେ ଏ ଘଟଣା ହେଲା ଏବଂ ସାହାବାମାନଙ୍କୁ ଶହୀଦ୍ କରିଦିଆଗଲା ସେତେବେଳେ ହଜରତ୍ ହାରିସ୍ ଏବଂ ଉମ୍‌ରୋବିନ୍ ଉମେୟା ଓ ଚରାଇବାକୁ ଯାଇଥିଲେ । ସିରତ୍ ଇବ୍‌ନେ ହୁଶାମ୍ ପୁସ୍ତକରେ ଦୁଇଜଣ ସାହାବିଙ୍କ ନାମ ଅର୍ଥାତ୍ ଉମ୍‌ରୋବିନ୍ ଉମୈୟା ଓ ହଜରତ୍ ମୁନ୍‌ଜିର୍ ବିନ୍ ମୁହମ୍ମଦ୍‌ଙ୍କ ନାମ ଦରଜ୍ ଅଛି । କିଛି ପୁସ୍ତକରେ ରିୱାୟତ୍‌ରେ ଉଲ୍ଲେଖ ଅଛି କି ସେ ଓଟ ଚରାଇବା ପାଇଁ ଯାଇଥିଲେ । ଯେତେବେଳେ ଓଟ ଚରାଇ ଫେରିଲେ ଓ ନିଜ ରହଣି ସ୍ଥାନରେ ପହଂଚିଲେ, ସେତେବେଳେ ଦେଖିବାକୁ ପାଇଲେ ଯେ ପକ୍ଷିମାନେ ସେଠାରେ ବସିଛନ୍ତି, ଏଥିରୁ ସେମାନେ ଜାଣିଗଲେ କି ସେମାନଙ୍କ ସାଥିମାନଙ୍କୁ ଶହିଦ୍ କରି ଦିଆଯାଉଛି । ହଜ୍‌ରତ୍ ହାରିସ୍ ହଜ୍‌ରତ୍ ଉସ୍‌ରୋଙ୍କୁ କହିଲେ କି ଆପଣଙ୍କର ରାୟ କଣ ? ଉମ୍‌ରୋ କହିଲେ ମୋ ରାୟ ଅର୍ଥାତ ମୋ ମତରେ ରସୁଲୁଲ୍ଲାଃ ସ:ଆ:ସ ଙ୍କ ନିକଟକୁ ଫେରିଯାଇ ଏ ସମ୍ବନ୍ଧରେ ଖବର ସେବା ଉଚିତ । ହଜ୍‌ରତ୍ ହାରିସ୍ କହିଲେ ମୁଁ ସେ ସ୍ଥାନରୁ ପଛଘୁଂଚା ଦେଇପାରିବି ନାହିଁ ଯେଉଁଠି ମୁନ୍‌ଜିର୍‌ଙ୍କୁ ହତ୍ୟା କରାଯାଇଅଛି । ସୁତରାଂ ସେ ଆଗକୁ ବଢ଼ି ଯୁଦ୍ଧ କରି ଶହୀଦ୍ ହୋଇଗଲେ । (ଉସ୍‌ଦୁଲ୍ ଗାବାଃ, ଖଣ୍ଡ–୧, ପୃଷ୍ଠା–୬୧୫, ...... ବେରୁତ ୨୦୦୩), (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା–୪୩୯, ....... ବେରୁତ ୨୦୦୯) ।

ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଅବି ବକ୍‌ର ର:ଅ କହୁଛନ୍ତି କି ହାରିସ୍ ଶତୃପକ୍ଷଙ୍କ ଦ୍ୱାରା ଅନବରତ କନ୍ତ ଓ ଭାଲି ମାଡ଼ରେ ଶହୀଦ୍ ହୋଇଥିଲେ ।

(ଉସଦୁଲ୍ ଗାବା, ଖଣ୍ଡ–୧, ପୃଷ୍ଠା–୬୧୫, ହାରିସ୍ ବିନ୍ ଅସିମ୍ମାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩)

ଅଲ୍ଲାଃତାଲା ଏହି ସମସ୍ତ ବଦ୍‌ରି ସାହାବ ମାନଙ୍କ ପଦମର୍ଯ୍ୟାଦାକୁ ଉନ୍ନତିରୁ ଉନ୍ନତ କରି ବଢ଼ାଇ ଚାଲନ୍ତୁ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଓ ଝିଅମାନଙ୍କର ଦଳ ଗୁଡିକ ସମବେତ କଣ୍ଠରେ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଗିତ ଗାଇ ଶୁଣାଉଥାନ୍ତି । ବାଲଟିମ୍ଯୁର୍ ଯମାତ୍ ପାଇଁ ଆଜିର ଦିନଟି କୌଣସି ଇଦ୍ ପର୍ବଠାରୁ କମ୍ ନଥିଲା । ଆଜିର ପବିତ୍ର ଦିନଟି ସେମାନଙ୍କ ପାଇଁ ଆନନ୍ଦ ଆଣିଦେଇଥିଲା ଏବଂ ବହୁତ୍ ବର୍‌କତ୍‌କୁ ସାଥିରେ ନେଇ ଆସିଥିଲା । ହଜୁର୍ ଅନ୍‌ୱରଙ୍କ ମୁବାରକ୍ ପାଦ ତାଙ୍କ ଭୂମିରେ ପ୍ରଥମ ଥର ପାଇଁ ପଡୁଥିଲା । ପୁରୁଷ, ମହିଳା, ଯୁବକ, ଛୋଟ ଛୋଟ ପୁଅ ଏବଂ ଝିଅ ମାନେ ସକାଳୁ ହିଁ ହଜୁରଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଯମାତି ସେଂଟର ମସ୍‌ଜିଦ୍ ''ବଇତୁସ୍‌ସମଦ୍'' ଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ବାଲ୍‌ଟିମ୍ୟୁର୍‌ର ସ୍ଥାନୀୟ ଯମାତ୍ ବ୍ୟତିତ ଆଖପାଖର ଯମାତ୍ ଗୁଡିକରୁ ଅହେମଦୀମାନେ ଆସି ବହୁ ସଂଖ୍ୟାରେ ସେଠାରେ ପହଂଚିଥିଲେ । କିଛି ଲୋକେ ଏପରି ଥିଲେ , ଯେଉଁମାନେ ବହୁତ୍ ଦୂରରୁ ଦୁଇ ତିନି ହଜାର ମାଇଲ୍ ରାସ୍ତା ଅତିକ୍ରମ କରି ଆସି ଏଠାରେ ପହଂଚିଥିଲେ । ହଜୁର୍ ଅନ୍‌ୱର୍‌ଙ୍କ ସ୍ୱାଗତ କରିବାକୁ ଆସିଥିବା ଲୋକମାନଙ୍କର ସଂଖ୍ୟା ପାଖା ପାଖି ଏକ ହଜାର ଆଠ ଶହ ଥିଲା । ହଜୁର୍ ଅନୱର ଅ:ବ:ଅ ହାତକୁ ଉପରକୁ କରି ଶ୍ରଦ୍ଧାଳୁଙ୍କ ସ୍ଲୋଗାନ୍‌ର ଉତର ଦେଉଥିଲେ ।

**ମସ୍‌ଜିଦ୍ ''ବଇତୁସ୍ ସମଦ୍''ର ପରିଦର୍ଶନ ଏବଂ ଉଦ୍‌ଘାଟନ**

ହଜୁର୍ ଅନୱର୍ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ସ୍ଥାପନା କରଯାଇଥିବା ଫଳକଟିର ଉନ୍ମୋଚନ କଲେ ଏବଂ ଦୁଆ କରାଇଲେ । ତା'ପରେ ହଜୁର୍ ଅନ୍‌ୱର୍ ମସ୍‌ଜିଦ୍ ସହିତ ସଂଲଗ୍ନ ଥିବା ଲବିକୁ ଚାଲିଗଲେ ଓ ସେଠାରେ ଫଟୋ ପ୍ରଦର୍ଶନିର ପରିଦର୍ଶନ କଲେ । ଏହି ଲବିର କାନ୍ଥରେ ଭିନ୍ନ ଭିନ୍ନ ଫଟୋଚିତ୍ର ଲଗାଯାଇଥିଲା । ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ପାଂଚଟି ଭାଗରେ ବିଭକ୍ତ କରାଯାଇଅଛି । ପ୍ରଥମ ଭାଗଟି ମସ୍‌ଯିଦ ବଇତୁସ୍ ସମଦ୍‌ର ଫଟୋ ଏବଂ ଆମେରିକାରେ ନିର୍ମିତ ହୋଇଥିବା ଆଉ କିଛି ଅନ୍ୟ ମସ୍‌ଯିଦ୍‌ଗୁଡ଼ିକର ଫଟୋରେ ପରିପୂର୍ଣ୍ଣ ।

ଦ୍ୱିତୀୟ ଭାଗଟି ପୃଥିବୀର ଅନ୍ୟାନ୍ୟ ଦେଶଗୁଡ଼ିକରେ ନିର୍ମାଣ ହୋଇଥିବା ମସ୍‌ଯିଦ୍ ଗୁଡ଼ିକର ଫଟୋ ରହିଛି । ତୃତୀୟ ଅଂଶଟି ଯମାତ୍ ଅହମଦୀୟା ଅମେରିକାର ସଂକ୍ଷିପ୍ତ ଇତିହାସ ଏବଂ ଆମେରିକାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମର ଫଟୋଚିତ୍ର ରହିଛି ଚତୁର୍ଥ ଭାଗଟି ଅହେମଦିୟତ୍‌ର ଖଲିଫମାନଙ୍କ ଆମେରିକା ଗସ୍ତ ଉପରେ ଆଧାରିତ ଫଟୋଚିତ୍ର ରହିଛି ଏବଂ ପଂଚମ ଭାଗଟି ହଜୁର୍ ଅନୱର ଅ:ବ:ଅଙ୍କ ସହିତ ବିଭିନ୍ନ ଜାତି ଏବଂ ବିଭିନ୍ନ ଦେଶର ଲିଡର ମାନଙ୍କ ସାକ୍ଷାତକାର, ତତ୍‌ସହିତ ହଜୁରଙ୍କ ଦ୍ୱାର ପ୍ରଦତ ଅଭିଭାଷଣ ଗୁଡିକ ଯାହା ସେ ଭିନ୍ନ ଭିନ୍ନ ଦେଶରେ ପ୍ରଦାନ କରିଛନ୍ତି, ତା' ଉପରେ ଆଧାରିତ୍ ।

ପ୍ରଦର୍ଶନୀର ପରିଦର୍ଶନ କରିବା ସମୟରେ ହିଁ ବାଲ୍‌ଟିମ୍ୟୁର୍ ଠାରେ ବାସ କରୁଥିବା ଜଣେ ପୁରୁଣା ଆଫ୍ରିକୀୟ ଆମେରିକାନ୍ ଅହେମଦୀ ହଜୁର୍ ଅନୱରଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ହାସଲ କଲେ । ସେ ୧୯୬୦ ମସିହାରେ ବୟତ୍ କରିଥିଲେ । ସେ ମହାଶୟ ଏ ବର୍ଷ ଜଲ୍‌ସା ସାଲ୍‌ନା ୟୁ:କେରେ ଯୋଗଦେବା ପାଇଁ ମନସ୍ଥ କରିଥିଲେ କାରଣ ଜୀବନରେ ଥରେ ହଜୁର୍ ଅନୱରଙ୍କ ସଙ୍ଗେ ସାକ୍ଷାତ୍ କରିପାରିବେ । କିନ୍ତୁ ନିଜର ରୋଗ ଅସୁସ୍ଥତା କାରଣରୁ ଯାତ୍ରାକରିବା ପାଇଁ ଅଯୋଗ୍ୟ ହେଲେ । ଆଜି ଅଲ୍ଲାଃତାଲା ତାଙ୍କ ଇଛାକୁ ତାଙ୍କ ଘରେ ହିଁ ପୁରଣ କରିଦେଲେ । ସେ ଅତ୍ୟନ୍ତ ଆନନ୍ଦିତ ଥିଲେ ଏବଂ ତାଙ୍କର ଆଖିଯୁଗଳ ଅଶ୍ରୁରେ ଭରିଯାଉଥିଲା । ତା'ପରେ ହଜୁର୍ ଅନୱର ପୁରୁଷ ମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଥିବା ହଲ୍ ଭିତରକୁ ପ୍ରବେଶ କଲେ ଏବଂ ତାହା ପରିଦର୍ଶନ କଲେ । ତା' ପରେ ହଜୁର୍ ଅନୱର ରୋଷଶାଳ, ଖାଇବା ଘର ମଧ୍ୟ ପରିଦର୍ଶନ କଲେ । ଶେଷରେ ହଜୁର୍ ଅନୱର ମସ୍‌ଯିଦ୍‌ର ବାହ୍ୟଭାଗକୁ ମଧ୍ୟ ପରିଦର୍ଶନ କଲେ ଏବଂ ଯମାତ୍ ଅହମଦୀୟା ବାଲଟିମ୍ୟୁର୍‌ର ସଦର ସାହେବ ଡାଃ ଫହିମ୍ ୟୁନୁସ୍ କୁରୈଶି ସାହେବ୍‌ଙ୍କଠାରୁ ଏହି ସମସ୍ତ ନିର୍ମାଣରେ କେତେ ଖର୍ଚ୍ଚ ଆସିଛି, ପଚାରି ବୁଝିଲେ । ଏଥିରେ ସେ କହିଲେ ଅଟାଳିକାଟିକୁ କିଣାଯିବା ଏବଂ ତାକୁ ପୁନଃ ନିର୍ମାଣ କରି ମସ୍‌ଯିଦ୍‌ରେ ପରିବର୍ତନ କରିବାରେ ପାଖାପାଖି କୋଡିଏ ଲକ୍ଷ ଡଲାର ଖର୍ଚ୍ଚ ହୋଇଛି । ଏହାର ଅନେକ ଅଂଶ ପରିବର୍ତନ କରାଯାଇ ପୁନଃ ନିର୍ମାଣ କରାଯାଇଛି ।

ଏହି ଅଟ୍ଟାଳିକାଟିକୁ ଅଗଷ୍ଟ ୨୦୧୫ ମସିହାରେ କିଣାଯାଇଥିଲା । ଜାନୁୟାରୀ ୨୦୧୭ରୁ ନଭେମ୍ବର ୨୦୧୭ ପର୍ଯ୍ୟନ୍ତ ଏହାକୁ ପୁନଃ ନିର୍ମାଣ କରାଯାଇ ମସ୍‌ଯିଦ୍‌ର ରୁପରେ ପରିବର୍ତନ କରାଗଲା ।

ମସ୍‌ଯିଦ୍‌ର ମୋଟ ଛାତ ଭାଗର ଅଂଶଟି ୧୩ ହଜାର ବର୍ଗଫୁଟରେ ଆଧାରିତ । ପୁରୁଷ ଓ ମହିଳା ମାନଙ୍କ ନମାଜ୍ ପାଠ ନିମନ୍ତେ ଅଲଗା ଅଲଗା ହଲ୍ ରହିଛି । ଯେଉଁଠି ଉଣା ଅଧିକେ ଚାରିଶହ ଲୋକ ନମାଜ ପଢ଼ିପାରିବେ । ଦୁଇଟି ଡ଼ାଇନିଂ ଏରିୟା ମଧ୍ୟ ମହଜୁଦ୍ ଅଛି । କାର୍ଯ୍ୟକ୍ରମ ମଧ୍ୟ ନିର୍ମାଣ କରାଯାଇଅଛି । ଏତତ୍ ବ୍ୟତିତ ଦୁଇଟି କନ୍ ଫେରେନ୍‌ସ୍ ରୁମ୍ ମଧ୍ୟ ରହିଛି । ଏହି ମସ୍‌ଯିଦ୍‌ରେ ଦୁଇଗୋଟି ଲାଇବ୍ରେରୀ ସ୍ଥାପନ କରାଯାଇଛି । ଗୋଟିଏ କମର୍‌ସିୟାଲ୍ ରୋଷଶାଳା ଅଛି । ଏତତ୍ ବ୍ୟତିତ ଗୋଟିଏ ରେଗୁଲାର କିଚିନ୍ ମଧ୍ୟ ଅଛି ଛାରଟି କ୍ଲାସରୁମ୍ ମଧ୍ୟ ଅଛି ଯେଉଁଠି ପିଲାମାନଙ୍କର ତାଲିମ୍ ଏବଂ ତର୍‌ବିୟତ୍ କ୍ଲାସ୍ ଲଗାଯାଉଛି । ଗୋଟିଏ ଉଚ୍ଚମାନର ଅଡ଼ିଓ ଭିଡ଼ିଓ ସିସ୍‌ଟମ୍ ମଧ୍ୟ ଲଗାଯାଇଛି । ଅତ୍‌ଫାଲ୍ ଏବଂ ନାସିରାତ୍ ପିଲାମାନଙ୍କ ନିମନ୍ତେ ବିଲ୍‌ଡ଼ିଙ୍ଗ୍ ଭିତରେ ଖେଳକୁଦ କରିବାର ସୁବିଧା ଯୋଗାଇ ଦିଆଯାଉଛି ।

ଏହି ମସ୍‌ଯିଦ୍‌ଟି ହାଇୱେ ଅର୍ଥାତ୍ ରାଜରାସ୍ତା ଉପରେ ଅବସ୍ଥିତ । ସେଥିରେ ପ୍ରତ୍ୟହ ଉଣା ଅଧିକେ ୩୫ହଜାର୍ ଗାଡ଼ିରେ ଯାତ୍ରାକରୁଥିବା ଯାତ୍ରୀମାନେ ମସ୍‌ଯିଦ୍‌କୁ ଦଶର୍ନ୍ କରୁଛନ୍ତି । ଏହି ମସ୍‌ଯିଦ୍‌ର ବାହ୍ୟ ଇଲାକାରେ ଶହେରୁ ଅଧିକା ଗାଡ଼ି ପାର୍କ କରିବାର ସ୍ଥାନ ମହଜୁଦ୍ ଅଛି ।

**ନମାଜ ଯନାଜାଃ ହାଜିର୍ (ଉପସ୍ଥିତ)**

ମସ୍‌ଯିଦ୍ ବଇତୁସ୍ ସମଦ୍‌ର ପରିଦର୍ଶନ କରିବା ପରେ ହଜୁର୍ ଅନୱର ଅ:ବ:ଅ ମସ୍‌ଯିଦ୍‌ର ବାହ୍ୟପ୍ରାଙ୍ଗଣରେ ନିମ୍ନଲିଖିତ ଦୁଇଜଣ ମହିଳାଙ୍କ ନମାଜ୍ ଯନାଜାଃ ହାଜିର୍ ପଢ଼ାଇଲେ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କ ସହିତ ସହାନୁଭୁତି ଦେଖାଇଲେ ।

(୧) ମୋକରମା ସିଦିକା ସମିଇ ସାହିବା ଆଫ୍ ସେଂଟ୍ରାଲ୍ ଭର୍‌ଜନିଆ । ତାଙ୍କ ଦେହାନ୍ତ ୧୭ ଅକ୍ଟୋବର ଦିନ ହେଲା । *ଇନ୍ନା ଲ୍ଲିଲାହି ୱ ଇନ୍ନା ଇଲୈହେ ରାଜେଉନ୍ ।* ସେ ତୁଫୈଲ୍ ମଲକ୍ ସାହେବ୍‌ଙ୍କ ସୁପୁତ୍ରୀ ଥିଲେ ଯାହାଙ୍କୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଙ୍କ ହାତରେ ବୟତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମର୍‌ହୁମାଙ୍କ ବିବାହ ମେଜର (ରିଟାଏର୍ଡ୍) ଅବ୍‌ଦୁସ୍ ସମିଇ ସାହେବଙ୍କ ସହିତ ହୋଇଥିଲା । ଯିଏ ହଜ୍‌ରତ ମୁନ୍‌ଶି ଇସ୍‌ମାଇଲ୍ ସାହେବ୍ ସିଆଲକୋଟିକ ନାତି ଅଟନ୍ତି । ମର୍‌ହୁମା ଖିଲାଫତ୍ ସହିତ ବହୁତ୍ ପ୍ରେମ କରୁଥିଲେ । ନିୟମିତ ନମାଜି ଏବଂ ପୁଣ୍ୟବତୀ ମହିଳାଥିଲେ । ମର୍‌ହୁମା ତାଙ୍କ ଅନ୍ତେ ତିନିଜଣ ପୁଅ ଏବଂ ଦୁଇଜଣ ଝିଅ ସ୍ମୃତିଚିହ୍ନ ଛାଡିଯାଇଛନ୍ତି ।

(୨) ମୋକରମା କୌସର୍ ପାଲ୍ ସାହିବା ଆଫ୍ ସେଂଟ୍ରାଲ୍ ଭର୍‌ଜିନିଆ , ଯାହାଙ୍କ ଦେହାନ୍ତ ୧୮ ଅକ୍ଟୋବର ୨୦୧୮ ରେ ହୋଇଥିଲା । ସେ ମନ୍‌ସୁର୍ ଅହେମଦ୍ ପାଲ୍ ସାହେବ୍ ମରହୁମ୍‌ଙ୍କ ପତ୍ନୀଥିଲେ । ବିଗତ ଛଅମାସ ହେବ ବେମାର ପଡିଥିଲେ । ସେ ମୁସିୟା ଥିଲେ । ଯମାତ୍ ସହିତ ତାଙ୍କର ଗଭୀର ସମ୍ପର୍କ ଥିଲା । ତାଙ୍କ ପୁତ୍ର ଫୌଜାନ୍ ପାଲ୍ ସାହେବ୍ ସ୍ଥାନୀୟ ଯମାତ୍‌ରେ ଜେନେରାଲ୍ ସେକ୍ରେଟାରୀ ଏବଂ ଜଇମ୍ ଅନ୍‌ସାରୁଲ୍ଲାଃ ଦାୟିତ୍ୱ ନିର୍ବାହ କରୁଛନ୍ତି । ତାଙ୍କର ଜଣେ ଝିଅ ଦର୍‌ଦାନାଃ ଇକ୍‌ବାଲ୍ ସାହିବା ଅଛନ୍ତି ।

ନମାଜ୍ ଯନାଜାଃ ପାଠ ପରେ ହଜୁର୍ ଅନୱର ମସ୍‌ଯିଦ୍ ଭିତରେ ପ୍ରବେଶ କଲେ ଏବଂ ଜୋହର ଓ ଅସର୍ ନମାଜ୍ ଏକତ୍ର ପଢ଼ାଇଲେ । ନମାଜ୍ ପାଠ ପରେ ହଜୁର ଅନୱର୍ ଅ:ବ:ଅ ଲଜ୍‌ନା ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ମହିଳାମାନେ ହଜୁରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲେ ।

ଏହା ପରେ ହଜୁର୍ ମସ୍‌ଯିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ଚାରା ରୋପଣ କଲେ । ଏହା ପରେ ମୟ୍‌ଲିସ୍ ଆମେଲା ବାଲ୍‌ଟିମ୍ୟୁର୍ ମୟ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ଏବଂ ମୟ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ବାଲ୍‌ଟିମ୍ୟୁର୍ ଅଲଗା ଅଲଗା ହଜୁର୍ ଅନୱରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ମହିଳାମାନଙ୍କ ସଂଖ୍ୟା ଅଧିକ ଥିବାରୁ ପାର୍କିଂ ଏରିୟାରେ ମହିଳାମାନଙ୍କ ପାଇଁ ଗୋଟିଏ ସାମିୟାନା ଲଗାଯାଇଥିଲା । ହଜୁର୍ ଅନ୍‌ୱର ଅ:ବ:ଅ ବହୁତ୍ ସ୍ନେହର ସହିତ ସେହି ସାମିୟାନା ଭିତରକୁ ମଧ୍ୟ ଗଲେ । ମହିଳାମାନେ ଖୁସିରେ ସ୍ଲୋଗାନ୍ ଲଗାଇଲେ ଏବଂ ନିଜ ପ୍ରିୟ ଆକାଙ୍କୁ ଦର୍ଶନ ଲଭିଲେ । ତା'ପରେ ଠିକ୍ ୩:୧୫ ମିନିଟ୍‌ରେ ହଜୁର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

ମସ୍‌ଜିଦ୍ ''ବଇତୁସ୍ ସମଦ୍''ର ଉଦ୍‌ଘାଟନୀ ଉତ୍ସବ ପ୍ରୋଗାମ୍ ମୁତାବକ ସନ୍ଧ୍ୟା ୫ଟା ବେଳେ ହଜୁର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଏବଂ ବାଲଟିମ୍ୟୁର୍ ନିମନ୍ତେ ଯାତ୍ରା ଆରମ୍ଭ କଲେ । ସେଠାରେ ମସ୍‌ଜିଦ୍ ''ବଇତୁସ୍ ସମଦ୍''ର ଉଦ୍‌ଘାଟନର ପ୍ରସଙ୍ଗରେ ଗୋଟିଏ ଉତ୍ସବର ଆୟୋଜନ କରାଯାଇଥିଲା । ପୋଲିସ୍‌ର ପାଂଚଟି ଗାଡି କାଫିଲାକୁ ESCOR କଲା । ୫:୨୦ରେ ହଜୁର୍ ଅ:ବ:ଅ ହୋଟେଲ୍‌ରେ ପହଂଚିଲେ ।

**ପ୍ରେସ୍ କନ୍‌ଫେରେନ୍‌ସ**

ପ୍ରୋଗ୍ରାମ୍ ମୁତାବକ ୫:୪୫ ରେ ହଜୁର ଅ:ବ:ଅ କନ୍‌ଫେରେନ୍‌ସ ରୁମ୍ ଭିତରକୁ ପ୍ରବେଶ କଲେ । ସେଠାରେ ପ୍ରେସ୍ କନ୍‌ଫେରେନ୍‌ସ ଅନୁଷ୍ଠିତ କରାଗଲା । ଏହି ପ୍ରେସ୍ କନ୍‌ଫେରେନ୍‌ସ୍‌ରେ Religious News Service (RNS) ର ତିନିଜଣ ପତ୍ରକାର ଓ ପ୍ରତିନିଧି Aysha Khan, Jack Jenkins ଏବଂ Tom Gallagher ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ Steiner Radio Show ର ପ୍ରତିନିଧି ଏବଂ ସାମ୍ବାଦିକ Marc Steiner ମଧ୍ୟ ସାମିଲ୍ ଥିଲେ । National Public Radio (NPR) ର ପତ୍ରକାର ଏବଂ ପ୍ରତିନିଧି Jerome Soco Lovsky ମଧ୍ୟ ତାଙ୍କ ଗହଣରେ ସାମିଲ୍ ଥିଲେ ।

ଜଣେ ଜର୍ଣ୍ଣାଲିଷ୍ଟ୍ ପଚାରିଲେ କି ଜମାତ୍ ଅହେମଦୀୟା ୟୁ. ଏସ୍. ରେ ଏବଂ ଅନ୍ୟଦେଶ ଗୁଡିକରେ ସ୍ଥାପନ ହୋଇଥିବା ଜମାତ୍ ମଧ୍ୟରେ କଣ ଫରକ୍ ଅଛି ? ଏହି ପ୍ରଶ୍ନର ଉତରରେ ହଜୁର ଅ: ବ: ଅ କହିଲେ : ଆମେ ଅହେମଦୀମାନେ ସବୁସ୍ଥାନରେ ସମାନ୍ । ଯେଉଁମାନେ ଅହେମଦୀ ହେଉଛନ୍ତି ସେମାନଙ୍କ ମଧ୍ୟରେ ଚାରିତ୍ରିକ ପରିବର୍ତନ ହେବାର ଆପଣ ଦେଖିପାରିବେ । ଏବଂ କିଛି ଲୋକଙ୍କଠାରେ ଆଶ୍ଚର୍ଯ୍ୟଜନକ ପରିବର୍ତନ ଆସିଥାଏ । ସେଥିପାଇଁ ସର୍ବଦା ଏହା କହୁଛି ଯେ ଅହେମଦୀମବାନଙ୍କର ଚିନ୍ତାଧାରା, ବିଚାର ଏବଂ ଦୃଷ୍ଟିକୋଣ ସବୁ ଯାଗାରେ ସମାନ । ସେ ୟୁ. ଏସ୍. ଏ ରେ ରହନ୍ତୁ ବା ଉତର ଆମେରିକାରେ, ଦକ୍ଷିଣ ଆମେରିକା, ୟୁରୋପ, ୟୁ. କେ ବା ଏସିଆ ବା ଆରବ ଦେଶଗୁଡିକରେ ରହନ୍ତୁ ବା ଆଫ୍ରିକାର ଥାଆନ୍ତୁ । ସମସ୍ତେ ଏକାପରିକା ଏହା ଏଥିପାଇଁ କି ଆମେ ସଚ୍ଚା ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ । ଉଦାହରଣ ସ୍ୱରୁପ ଦେଶର ସେବା କରିବା, କାନୁନ୍ ମାନି ଚଳିବା, ଏବଂ ଦେଶକୁ ଭଲପାଇବା ଏବଂ ସବୁଠାରୁ ବଳି ସର୍ବଦା ଏ ଚିନ୍ତାଧାର ରଖିବା କି ଇଶ୍ୱର ସର୍ବଦା ଦେଖୁଛନ୍ତି । କିନ୍ତୁ ଏହି ସମସ୍ତ ବିଶେଷତା ଯଦି ଲୋକଙ୍କ ମଧ୍ୟରେ ରହିବ ତେବେ ସେମାନଙ୍କ ସ୍ତର ଏକାପରିକା ହେବ ।

ଆଉ ଜଣେ ପତ୍ରକାର କହିଲେ କି ମୋ ପ୍ରଶ୍ନ ହେଉଛି ସେନା ସମ୍ବନ୍ଧିତ । ମୁଁ ଆହେମଦୀ ଏବଂ ଅନ୍ୟ ମୁସଲ୍‌ମାନ୍ ସୈନିକଙ୍କୁ ଦେଖିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସ୍‌ଲିମ୍ କମ୍ୟୁନିଟ୍ ଏବଂ ଅଣ ମୁସ୍‌ଲିମ୍ କମ୍ୟୁନିଟ୍ ମଧ୍ୟରେ ସମ୍ପର୍କ ବଢ଼ାଇବା ପାଇଁ ଚେଷ୍ଟା କରିଥାନ୍ତି । କଣ ଆପଣ ଭାବୁଛନ୍ତି କି ଯେଉଁମାନେ ସେନାରେ ସେବା କରିଛନ୍ତି, ସେମାନେ ଅଧିକରୁ ଅଧିକ ଆଗକୁ ଆସନ୍ତୁ ଏବଂ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତୁ ? ଏହି ପ୍ରଶ୍ନର ଉତରରେ ହଜୁର୍ ଅ:ବ:ଅ କହିଲେ କି ଅସଲ କଥା ହେଉଛି

ଦେଶର ନାଗରିକ ହୋଇଥିବା ଯୋଗୁଁ ସର୍ବ ପ୍ରଥମ ଦାୟିତ୍ୱ ହେଉଛି ଦେଶଭକ୍ତି । ଇସ୍‌ଲାମ୍ କହୁଛି କି ପ୍ରତ୍ୟେକ ବ୍ୟକ୍ତି ନିଜ ଦେଶ ସହିତ ଭକ୍ତି କରୁ । ତେବେ କେବଳ ସେନାରେ ନୁହେଁ, ଅନ୍ୟ ବିଭାଗ ଗୁଡ଼ିକରେ ମଧ୍ୟ ଯେଉଁ ଲୋକମାନେ ବହୁତ ସଂଖ୍ୟାରେ ଅଛନ୍ତି, ଯେଉଁମାନେ ମୁସ୍‌ଲମାନ୍ ଏବଂ ଅଣମୁସଲ୍‌ମାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂର କରିବା ନିମନ୍ତେ ଚେଷ୍ଟା କରିଥାନ୍ତି । ଯେପରି ମୋର ତ କୌଣସି ସେନା ସହିତ ସମ୍ପର୍କ ନାହିଁ (କିନ୍ତୁ) ମୁଁ ଏ ଚେଷ୍ଟାରେ ଅହରହ ଲାଗି ରହିଛି । ସେହିପରି ଯମାତର ଲୋକମାନେ ମଧ୍ୟ ଲାଗି ରହିଛନ୍ତି ।ଯଦି ଆପଣ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେଉଛନ୍ତି ତେବେ ଇସଲାମ୍ ଏ ଶିକ୍ଷା ଦେଉଛି କି ଅନ୍ୟ ମାନଙ୍କ ସହିତ ଆପୋଷ ପ୍ରେମ, ସ୍ନେହ ଏବଂ ଭାଇଚାରାକୁ ପ୍ରୋତ୍ସାହନ କରି ଜୀବନ ବିତାଅ । ଧର୍ମ ସକ୍ରାନ୍ତରେ କୌଣସି ବାଧ୍ୟ ବାଧକତା ନାହିଁ । ଜଣେ ଅନ୍ୟଜଣଙ୍କ ଧର୍ମର ସମ୍ମାନ କରୁ । ଏହା ଇସ୍‌ଲାମ୍‌ର ଶିକ୍ଷା ଅଟେ । ଏ ସମ୍ବନ୍ଧରେ ଏତେ ମାତ୍ରାରେ ତାଗିଦ୍ କରାଯାଇଛି ଯେ ପବିତ୍ର କୋରାନ୍‌ରେ ବର୍ଣ୍ଣନା ହୋଇଛି ଯେ ଅନ୍ୟ ଧର୍ମର ପ୍ରତିମା ଗୁଡ଼ିକୁ ମଧ୍ୟ ଖରାପ କଥା କୁହନାହିଁ । କାରଣ ସେମାନେ ପ୍ରତିକ୍ରିୟାର ଅଲ୍ଲାଃତାଲ୍ଲାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କଟୁ କଥା କହିବେ । ସେଥିଯୋଗୁଁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ । ତେବେ ଏହା ଇସ୍‌ଲାମୀୟ ଶିକ୍ଷାର ଅଂଶ ବିଶେଷ କି ସମାଜରେ ଆପୋଷ ପ୍ରେମ ଭାବର ପରିବେଶ କାଏମ୍ କର । ମାନବିକତା ଏବଂ ମାନବୀୟ ସମ୍ମାନଙ୍କୁ ପ୍ରାଥମିକତା ଦିଅ । ଆମେ ସମସ୍ତେ ଇଶ୍ୱରଙ୍କ ଶିକ୍ଷାକୁ ପ୍ରଚାର କରୁଅଛେ । ଇଶ୍ୱର ସାରା ବ୍ରହ୍ମାଣ୍ଡକୁ ଖାଦ୍ୟ ଯୋଗାଉଛନ୍ତି । ସେ ଆମର ଜାତି, ଧର୍ମ ଦେଖୁନାହାନ୍ତି କି ଆମେ ମୁସଲ୍‌ମାନ୍ ବା ଇହୁଦୀ ବା ଇସାଇ ବା ହିନ୍ଦୁ ବା ନାସ୍ତିକ । ସମସ୍ତଙ୍କୁ ଇଶ୍ୱର ପାଳୁଛନ୍ତି । ଯେବେ ଇଶ୍ୱର ହିଁ ସମସ୍ତଙ୍କର ପାଳନକର୍ତ୍ତା । ତେବେ କଣ କାରଣ ରହିଛି କି ତାର ସୃଷ୍ଟଜ ଆପୋଷରେ ଲଢ଼ିବେ । ତେଣୁ ଏ ପ୍ରସଙ୍ଗରେ କେବଳ ସେନାରେ ସେବା କରୁଥିବା ବ୍ୟକ୍ତି ବିଶେଷଙ୍କୁ ହିଁ ନୁହେଁ ବରଂ ଜଣେ ମୁସଲମାନ୍ ରୂପେ ପ୍ରତ୍ୟେକଙ୍କୁ ଏ ଚେଷ୍ଟା କରିବା ଉଚିତ୍ ।

ଆଉ ଜଣେ ପତ୍ରକାର ପ୍ରଶ୍ନ ପଚାରିଲେ କି ଯେବେ ଅନ୍ୟ ମୁସଲମାନ୍ ମାନେ ଆପଣଙ୍କୁ ଅଣ ମୁସ୍‌ଲିମ୍ କହୁଛନ୍ତି ସେତେବେଳେ କଣ ଆପଣ ବ୍ୟତିବ୍ୟସ୍ତ ହୋଉଛନ୍ତି କି ? ଏହାର ଉତର ହଜୁର୍ ଅ:ବ:ଅ କହିଲେ : ଏହା ତ ଇମାନ୍ ଅର୍ଥାତ୍ ବିଶ୍ୱାସର ମାମଲା ଅଟେ । ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ଭବିଷ୍ୟବାଣୀ ରହିଛି କି ଶେଷ ଯୁଗରେ ଜଣେ ବ୍ୟକ୍ତି ପ୍ରକଟ ହେବେ ଯିଏ ଇସ୍‌ଲାମ୍‌କୁ ପୁନର୍ବାର ଜୀବନ ଦେବେ । ସେହି ଅନ୍ଧକାରମୟ ଯୁଗରେ ଇସ୍‌ଲାମ୍ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ତ ଥିବ କିନ୍ତୁ ମୁସଲ୍‌ମାନ୍ ମାନେ ବାସ୍ତବିକ ଶିକ୍ଷାଠାରୁ ଦୁରେଇଯାଇଥିବେ । ଏବଂ ସେହି ଶିକ୍ଷା ମଧ୍ୟରୁ ନିଜ ନିଜର (ସ୍ୱାର୍ଥ ମୁତାବକ) ଅର୍ଥ ବାହାର କରିବେ । ତେବେ ଏପରି ଯୁଗରେ ଜଣେ ସୁଧାରକ ଜନ୍ମ ହେବେ ଏବଂ ସେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ହେବେ, ଆମେ ଏ ବିଶ୍ୱାସ ରଖିଛୁ କି ଉକ୍ତ ଭବିଷ୍ୟବାଣୀଟି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହମଦ୍‌ଙ୍କ ଅସ୍ତିତ୍ୱରେ ପୂରଣ ହୋଇଛି । କିନ୍ତୁ ଅନ୍ୟ ମୁସଲମାନ୍‌ମାନେ ଏହା ଅସ୍ୱୀକାର କରୁଛନ୍ତି । ସେମାନେ ଏକଥା କହୁଛନ୍ତି କି ଯେବେ ସ:ଆ:ସ ଆକାଶରୁ ଅବତୀର୍ଣ୍ଣ ହେବେ ତେବେ ତାଙ୍କ ପରେ ମେହେଦୀ ଆସିବେ । ଏବଂ ପୁଣି ସେମାନେ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଆଉ କେହି ନବୀ ଅର୍ଥାତ୍ ଅବତାର ଆସିବେ ନାହିଁ । ଯେବେକି ଆମେ ଏ ବିଶ୍ୱାସ ରଖିଛୁ କି ତାଙ୍କ ଅନ୍ତର୍ଗତ ନବୀ ଆସିପାରିବେ । ଯଦିଚ ନୁଆ ଶରିୟତ (ଐଶିବିଧାନ) ଆଣିଥିବା ନବୀ ଆସିପାରିବେ ନାହିଁ । ପବିତ୍ର କୋରାନ୍ ଶରିୟତର ଶେଷ ପୁସ୍ତକ ଅଟେ । ଏପରି ନବୀ ଆସିପାରିବେ ଯିଏ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଆଜ୍ଞାବହତା ସ୍ୱୀକାର କରି ତାଙ୍କ ଅନୁସରଣରେ ଆସିବ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷାକୁ ଆଗକୁ ବଢ଼ାଇବ । ପୁଣି ଅନ୍ୟ ମୁସଲ୍‌ମାନ୍ ମାନେ ଏ ବିଶ୍ୱାସ ରଖିଛନ୍ତି କି ଯେବେ ଇସା ଆ:ସ ଅବତୀର୍ଣ୍ଣ ହେବେ, ସେ ନବୀ ହେବେ । କାରଣ ନବୀର ଉପାଧୀ ପୁର୍ବରୁ ଇସା ଆ:ସଙ୍କ ନିକଟରେ ଅଛି । ତେଣୁ ତାହାର ଛିନ୍ନ ହୋଇପାରିବ ନାହିଁ । ଗୋଟିଏ ପଟେ ତ ସେମାନେ ଏକଥା କହୁଛନ୍ତି କି ନବୀ ଆସିପାରିବେ ନାହିଁ । ଏବଂ ନିଜ ବିଶ୍ୱାସ ମୁତାବକ ସେମାନେ ଜଣେ ନବୀକୁ ଅପେକ୍ଷା କରିଛନ୍ତି । କିନ୍ତୁ ଯମାତ୍‌ର ପ୍ରତିଷ୍ଠାତାଙ୍କୁ ସେମାନେ ନବୀ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି । ତେଣୁ ଏହା ବିଶ୍ୱାସର ଫରକ ଅଟେ ଯାହା ସେମାନଙ୍କୁ ଶଂକାରେ ପକାଉଛି । ଏବେ ସେମାନେ ମସିହ୍‌ଙ୍କ ପୁନଃ ଆଗମନ ଏବଂ ମେହେଦୀଙ୍କ ଆଗମନର କଥା କହିବା ପରିବର୍ତେ ଆଁ ହଜ୍‌ରତ୍ ସ:ଆ:ସଙ୍କ **ଖତ୍‌ମେ ନବୁୱତ୍** କଥା କହି ଲୋକମାନଙ୍କ ମଧ୍ୟରେ ରୋଷ ରାଗ ସୃଷ୍ଟି କରୁଛନ୍ତି । ସେମାନେ କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ କୌଣସି ନବୀ ଆସିପାରିବେ ନାହିଁ । କିନ୍ତୁ ଯେହେତୁ ଅହେମଦୀମାନେ ନିଜ ପ୍ରତିଷ୍ଠାତାଙ୍କୁ ନବୀ ରୂପେ ସମ୍ବୋଧନ କରୁଛନ୍ତି ତେଣୁ ଏମାନେ (ଅର୍ଥାତ ଅହେମଦୀମାନେ (ସେମାନଙ୍କ ଦୃଷ୍ଟିରେ ମୁରତଦ୍) ଧର୍ମଛଡ଼ା ତେଣୁ ସେମାନଙ୍କୁ ମୃତ୍ୟୁ ଦଣ୍ଡ ମିଳିବା ଉଚିତ୍ । ସେମାନଙ୍କ ମୁଣ୍ଡ କାଟିଦେବା ଉଚିତ୍ । କାରଣ ସେମାନଙ୍କ (ଅର୍ଥାତ ଅଣ ଅହେମଦୀମାନଙ୍କ) ଦୃଷ୍ଟିରେ ଜଣେ ମୁର୍‌ତଦ୍‌ର ଦଣ୍ଡ ହେଉଛି ଏହା ।

ଯେଉଁଠି ଏକଥା ଉଠୁଛି କି ଆମକୁ ଏହି ମୁଖାଲିଫତ୍ ଅର୍ଥାତ ବିରୋଧ ହେବା ଯୋଗୁଁ କିଛି ଅସୁବିଧା ହେଉଛି କି ନାହିଁ । ତେବେ ମୁଁ କହିବି କଦାପି ନୁହେଁ । ଆମେ ତ ଦିନକୁ ଦିନ ଉନ୍ନତି କରି ଚାଲିଛୁଁ । ତାଙ୍କ ପରିଧି ମଧ୍ୟରୁ ଲୋକମାନେ ବାହାରି ଆମ ଜମାଅତରେ ଦାଖଲ ଦେଉଛନ୍ତି । ପ୍ରତ୍ୟେକ ବର୍ଷ ଆମ ଯମାଅତରେ ଲକ୍ଷ ଲକ୍ଷ ଲୋକ ଦାଖଲ ହେଉଛନ୍ତି । ଆମେ ଏକ ଧାର୍ମିକ ଯମାତ ତେଣୁ ଆମେ ଏ ବିଶ୍ୱାସ ରଖିଛୁ କି ଗୋଟିଏ ଦିନ ଏପରି ଆସିବ ଯେତେବେଳେ ଆମେ ଲୋକମାନଙ୍କ ହୃଦୟ ଜିତି ସାରିଥିବୁ ଏବଂ ଇନ୍‌ଶାଅଲ୍ଲାଃ ଆମେ ସଂଖ୍ୟା ଲଘୁରୁ ବାହାରି ସଂଖ୍ୟାଗୁରୁରେ ପହଂଚିବୁ ।

ଗୋଟିଏ ପ୍ରଶ୍ନ କରାଗଲା କି ଲୋକମାନଙ୍କ ମଧ୍ୟରେ ଶାନ୍ତି, ପ୍ରେମ ଓ ଭାଇଚାରାର ପରିବେଶ କାଏମ୍ କରିବା ପାଇଁ ଅହେମାଦୀୟା ମୁସ୍‌ଲିମ୍ ଯମାତର କି ପ୍ରକାର ଭୂମିକା ଅଛି । ଏହାର ଉତରରେ ହଜୁର୍ ଅ:ବ:ଅ କହିଲେ:

ଆମେ ତ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷାକୁ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରୁଅଛୁ । ଏବଂ ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି, ପ୍ରେମ ଏବଂ ଏକତା ଆମେ ପ୍ରତ୍ୟେକ ସ୍ଥାନରେ ଶାନ୍ତି ସେମିନାର, ସିମ୍ପୋଜିୟମ୍ ଇତ୍ୟାଦି ଅନୁଷ୍ଠିତ କରିଅଛୁ । ଏଥିରେ ଅନ୍ୟ ସମସ୍ତ ଧର୍ମକୁ ସାମିଲ କରାଉଛୁ । ଏହାର ଉଦ୍ଦେଶ୍ୟ ହେଉଛି ଏହା କି ଆମେ ଏ ପୃଥିବୀରେ ଶାନ୍ତି ଓ ପ୍ରେମର ବାତାବରଣ ସ୍ଥାପନ କରିପାରିବୁ । ମୁଁ ଏହି ଉଦ୍ଦେଶ୍ୟସାଧନ ନିମନ୍ତେ ଭିନ୍ନ ଭିନ୍ନ ଦେଶକୁ ଯାତ୍ରା କରୁଛି । ମୁଁ ଏକଥା ଭାବୁଛି କି ଜଣେ ସଚ୍ଚା ମୁସଲ୍‌ମାନ୍ ନିକଟରେ ସହନଶୀଳତା, ଧୈର୍ଯ୍ୟ ଓ ସହିଷ୍ଣୁତାର ସ୍ତର ବହୁତ ଅଧିକ ହେବା ଉଚିତ । ଆମେ ଏହି ମାର୍ଗରେ ନିଜର ଭୂମିକା ନିର୍ବାହ କରୁଅଛୁ । ଏହି କନ୍‌ଫରେନ୍ସଟି ୬:୦୫ ପର୍ଯ୍ୟନ୍ତ ଜାରି ରହିଲା ।

**ହଜୁର୍ ଅନ୍‌ୱାର ଅ:ବ:ଅ ଙ୍କ ସହିତ ସିନେଟର୍ Hon.Ben cardinଙ୍କ ସାକ୍ଷାତ କାର**

ଏହାପରେ ମେରିଲ୍ୟାଣ୍ଡର ଜଣେ Hon.Ben cardin , ଯିଏ ଆଜିର ଏହି ପ୍ରୋଗ୍ରାମରେ ସାମିଲ ଥିଲେ, ସେ ହଜୁର୍ ଅ:ବ:ଅଙ୍କ ସାକ୍ଷାତ କଲେ । ସେ ମହାଶୟ ହଜୁର୍‌ଙ୍କୁ ସ୍ୱାଗତ ଜଣାଇଲେ । ଏବଂ କହିଲେ କି ଆମେ ଆପଣଙ୍କର ବହୁତ ସମ୍ମାନ କରୁଛୁ । ଆପଣଙ୍କ ଆନ୍ତର୍ଯାତୀୟ ନେତୃତ୍ୱକୁ ସମ୍ମାନ କରୁଛୁ । ଆପଣ ବିଶେଷ ରୂପେ ସ୍ୱାଧୀନତା ପ୍ରସଙ୍ଗରେ ଅଧିକାର ପ୍ରଦାନ କରାଇବା ବିଷୟରେ ଏବଂ ବିଭିନ୍ନ ସଙ୍ଗଠନ ମଧ୍ୟରେ ସୁସମ୍ପର୍କ ବଢ଼ାଇବା ଦୃଷ୍ଟିକୋଣରୁ ବହୁତ ବଡ଼ ନେତୃତ୍ୱ ନିର୍ବାହ କରିଛନ୍ତି ।

ଏଥିରେ ହଜୁର୍ ଅନ୍‌ୱର କହିଲେ : ଏହା ହିଁ ବର୍ତମାନ ଯୁଗର ସବୁଠାରୁ ବଡ଼ ସମସ୍ୟା ତେଣୁ ଆମେ ଶାନ୍ତି, ପ୍ରେମଭାବ ଓ ସୌହାର୍ଦ୍ଦ୍ୟ ପ୍ରଚାର ପ୍ରସାର କରିବା ପରିବର୍ତେ କ୍ଷିପ୍ର ଗତିରେ ଧ୍ୱଂସ ଆଡ଼କୁ ଗତି କରିଚାଲିଛେ ।

ସିନେଟର୍ ସାହେବ କହିଥିଲେ କି ଆଜିକାଲି ଅନେକ ସମସ୍ୟା ଉପୁଜିଛି । ସାଉଦି ଆରବର ଜର୍ନାଲିଷ୍ଟ୍‌ଙ୍କୁ ହତ୍ୟା କରାଯାଇଛି, ୟମନ ଓ ସିରିଆରେ ସଙ୍କଟ ଦେଖାଦେଇଛି ଭେନେନଜ୍ୱେଲା ଦେଶରେ ସମସ୍ୟା ଦେଖାଦେଇଛି । ତେଣୁ ଏଥିଯୋଗୁଁ ହଜୁର୍‌ଙ୍କ ଶାନ୍ତିବାର୍ତାର ବହୁତ ଆବଶ୍ୟକତା ରହିଛି ।

ଏଥିରେ ହଜୁର୍ ଅନୱର କହିଲେ ଏହା ବହୁତ ଦୁଃଖର କଥା କି ମୁସଲମାନ୍ ମୁସଲମାନଙ୍କୁ ହିଁ ମାରୁଛନ୍ତି ଏବଂ ବିନା ବିଚାରରେ ଆପୋଷରେ ଯୁଦ୍ଧ କରୁଅଛନ୍ତି । ପିଲାମାନଙ୍କୁ ମଧ୍ୟ ମାରିଦିଆଯାଉଛି । ଏହି ସବୁ ଅବସ୍ଥାକୁ ଦେଖି ବହୁତ୍ ଦୁଃଖ ଓ କଷ୍ଟ ମନରେ ଅନୁଭବ ହେଉଛି । ଆମେରିକାକୁ ଶାନ୍ତି ପ୍ରସଙ୍ଗରେ ଏ ମାନବଜାତିର ସେବା ନମନ୍ତେ ନିଜର ଭୁମିକା ନିର୍ବାହ କରିବା ଉଚିତ୍ ।

ଏଥିରେ ସିନେଟ୍‌ର ସାହେବ୍ କହିଲେ କି ମୁଁ ଏକଥାରେ ହଜୁର୍‌ଙ୍କ ସହିତ ଶତ ପ୍ରତିଶତ ସହମତ । ସେ ପୁଣି କହିଲେ ହଜୁର୍‌ଙ୍କ ଭାଷଣ ବହୁତ୍ ଶକ୍ତିଶାଳୀ ଥିଲା । ଆପଣଙ୍କ ପରି ବିଶେଷ ବ୍ୟକ୍ତି ବିଶେଷଙ୍କୁ ଆମେ ବାଲ୍‌ଟିମ୍ୟୁର୍‌ଠାରେ ପ୍ରଥମଥର ପାଇଁ ଆଥିତ୍ୟତା କରୁଅଛୁ । ଆମେ ହଜୁର୍‌ଙ୍କୁ ଧନ୍ୟବାଦ ଜଣାଉଛୁ କି ଆପଣ ଏଠାକୁ ଆସିଲେ ଏବଂ ଆପଣ ଏଠାରେ ମସ୍‌ଯିଦ୍ ନିର୍ମାଣ କରିଛନ୍ତି ଏବଂ ତାହାକୁ ଉଦ୍ଘାଟନ ମଧ୍ୟ କରିଛନ୍ତି । ଏଠାରେ ଆପଣଙ୍କର ଭଲ କମ୍ୟୁନିଟି ଅଛି । ସେମାନଙ୍କଠାରୁ ଆମେ ବହୁତ୍ ଖୁସିଅଛୁ ।

ଶେଷରେ ହଜୁର୍ ଅ:ବ:ଅ କହିଲେ: ଆମେ ସମସ୍ତେ ହଜ୍‌ରତ୍ ଇବ୍ରାହିମ୍ ଆ:ସ:ଙ୍କ ଅନୁସରଣକାରୀ ଏବଂ ତାକୁ ମାନିବା ବାଲା । ଇସାଇ ହୁଅନ୍ତୁ, ଇହୁଦୀ ହୁଅନ୍ତୁ ବା ମୁସଲମାନ୍

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ "ଅଖ୍‌ବାର୍ ବଦର୍" ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

ହୁଅନ୍ତୁ ଯଦି ଏହି କଥା ବୁଝିନିଆଯାଏ ତେବେ ଏ ପୃଥିବୀରେ ଶାନ୍ତି ସ୍ଥାପନ ହୋଇ ପାରିବ । ଶେଷରେ ସିନେଟର୍ ସାହେବ୍ ହଜୁର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇଲେ । ସିନେଟ୍ ସାହେବ୍ଙ୍କ ହଜୁର୍ଙ୍କ ସହିତ ଏହି ସାକ୍ଷାତ୍କାର୍ ୬:୧୫ରେ ଶେଷ ହେଲା ।

**ବାଲ୍ଟିମ୍ୟୁର୍ର ଅନ୍ୟ ସମ୍ମାନସ୍ପଦ ବ୍ୟକ୍ତି ବିଶେଷଙ୍କ ସାକ୍ଷାତ୍କାର**

ତା'ପରେ ହଜୁର୍ ଅନ୍ୱର ଅ:ବ:ଅ ହୋଟେଲ୍ର ଏକ ମିଟିଂ ରୁମ୍ରେ ପଦାର୍ପଣ କଲେ । ଯାହା black room ନାମରେ ଜଣାଯାଏ । ଏଠାରେ ନିମ୍ନଲିଖିତ ବ୍ୟକ୍ତିବିଶେଷ ହଜୁର୍ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

Hon Catherine pugh (ମେୟର୍ ଅଫ୍ ବାଲ୍ଟିମ୍ୟୁର୍ ) jill carter (ମେରିଲ୍ୟାଣ୍ଡ ଇଷ୍ଟେଟ୍ ସିନେଟର୍), James Mathias, Pamela Beidle (ମେମ୍ବର ଅଫ୍ ମେରିଲ୍ୟାଣ୍ଡ ହାଉସ୍ ଅଫ୍ ଡେଲିଗେଟ୍ସ୍)
Marilyn Mosby (ଷ୍ଟେଟ୍ ଆଟର୍ଣ୍ଣି ଫର୍ ବାଲଟିମ୍ୟୁର୍ )
John Woben Smith (ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମେରିଲ୍ୟାଣ୍ଡ)
Vicki Almond (କାଉନସିଲ୍ ୱମେନ୍ ବାଲଟିମ୍ୟୁର୍ କାଉଂଟି)
Nick Mosby (କାଉଁସିଲ୍ମ୍ୟାନ୍ ବାଲଟିମ୍ୟୁର୍ ସିଟି)
Brent Howard( ଚାମ୍ବର ଅଫ୍ କମର୍ସର ସଭାପତି)
Hon. Michel Adamo (ଗାବୁନ୍ ଦେଶର ଆମ୍ବାସଡର) କେନିୟାର ଆମ୍ବାସିର ପ୍ରତିନିଧି ଯିଏ ଆମ୍ବାସିରେ ଇକୋନୋମିକ୍ କାଉନ୍ସିଲ୍ର ଅଛନ୍ତି
Mustapha Sosseh (ଷ୍ଟେଟ୍ ଆମ୍ବାସାଡାର୍ ଗାମ୍ବିଆ)
Fred Guy (Director of university of Baltimure Philosophy Department): Major travis hord (Commanding Officer US marines). Colonel Jones (Baltimure county Police). Gary Tuggle (Commissioner of Baltimure City Police) father joseph muth (Pascher of St. Matthews Church). Rabbi Andy (Baltimure Hebrew Congregation). Christrine Spencer (Dean of Yale Gardon School of Arts Baltimure University). Anthony Day (President of Loyala High School). Natalie Eddington (Dean university of Marand school of pharmacy)

ଉପରୋକ୍ତ ଅତିଥିମାନଙ୍କୁ ସାକ୍ଷାତ୍କାର ପୂର୍ବରୁ ହଜୁର୍ ଅ:ବ:ଅ କହିଲେ କି ଏଠାକୁ ଆପଣମାନେ ଆସିଥିବାରୁ ଆପଣମାନଙ୍କୁ ଧନ୍ୟବାଦ୍ । ଆପଣମାନେ ଆମ ପ୍ରୋଗ୍ରାମ୍ ପାଇଁ ନିଜ କାର୍ଯ୍ୟ ବ୍ୟସ୍ତତାରୁ ସମୟ ବାହାର କରିଛନ୍ତି । ଆଜି ଆପଣମାନଙ୍କର ଛୁଟି ଦିନ ଅଛି । ନିଜ ପରିବାର ସହିତ ଛୁଟି କାଟିବା ପରିବର୍ତ୍ତେ ଆପଣମାନେ ଏଠାକୁ ଆସିଛନ୍ତି । ଏଥିରେ ଜଣେ ମହିଳା ଅତିଥି କହିଲେ କି ଏହା ଆମର ସୌଭାଗ୍ୟ ଯେ ଆପଣ ଏଠାକୁ ଆସିଛନ୍ତି । ଆଉ ଜଣେ ଅତିଥି କହିଲେ କି ଆପଣଙ୍କ ଶାନ୍ତି ବାର୍ତ୍ତା ଏବଂ ଆମ ପାଇଁ ଏହା ବହୁତ୍ ସମ୍ମାନର କଥା କି ଆପଣ ଆମ ସହରକୁ ଆସିଛନ୍ତି । ଆମେ ଆପଣଙ୍କୁ ୟୁ.ଏସ.ଏ ଆସିବା ଯୋଗଁ ସ୍ୱାଗତ ଜଣାଉଛୁ ଏବଂ ଧନ୍ୟବାଦ୍ ଜଣାଉଛୁ । ଆପଣଙ୍କ ଉପସ୍ଥିତି ଆମ ପାଇଁ ଗୁରୁତ୍ୱପୁର୍ଣ୍ଣ । ଆପୋଷ ଏକତା ଓ ପ୍ରେମର ଯେଉଁ ବାର୍ତ୍ତା ଆପଣ ଦେଇଛନ୍ତି ଏହା ବହୁମୁଲ୍ୟ ସଂପତି ।

ବାଲ୍ଟିମ୍ୟୁର୍ର ମେୟର କହିଲେ କି ବାଲ୍ଟିମ୍ୟୁର୍ ସମସ୍ତ ଅଧିବାସୀମାନଙ୍କ ତରଫରୁ ହଜୁର୍ ଅ:ବ:ଅ ଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି । ସେ କହିଲେ ଆମେ ଯେଉଁ ସମୟ ଦେଇ କାଳାତିପାତ କରୁଛେ ଏଥିରେ ଏହି ବାର୍ତ୍ତାର ବହୁତ ଗୁରୁତ୍ୱ ରହିଛି । ମୁଁ ଏଥିରେ ବହୁତ ପ୍ରଭାବିତ ହୋଇଛି । ଏବଂ ଆଶାକରୁଛି ଯେ ସାରା ପୃଥିବୀରେ ସବୁ ସ୍ଥାନରେ ଏହି ବାର୍ତ୍ତା ଉପରେ ଅମଳ କରାଯାଉ ଯଦ୍ୱାରା ଏ ପୃଥିବୀ ଶାନ୍ତିସ୍ତୁପ ହୋଇଯାଉ । ଆପଣ ଏଠାକୁ ଆସୁଥିବାରୁ ମୁଁ ବହୁତ ଖୁସି । ଏବଂ ଏ ଆଶା ରଖିଛି କି ଯେଉଁ ଲୋକମାନେ ଏଠାକୁ ଆସିଛନ୍ତି, ଆପଣଙ୍କ ବାର୍ତ୍ତା ନେଇଯାଇ ତା' ଉପରେ ପରିଚାଳିତ ହୁଅନ୍ତି ।

ହଜୁର୍ ଅନ୍ୱର ଅ:ବ:ଅ ତାଙ୍କୁ ଧନ୍ୟବାଦ ଜଣାଇଲେ । ତତ୍ ସହିତ କହିଲେ କି ସମୟର ଆବଶ୍ୟକତା କି ଆମେ ସମାଜରେ ଶାନ୍ତିର ବାତାବରଣ ସ୍ଥାପନ କରିବା । ଯଦି ଏ ପୃଥିବୀବାସୀ ଏହି ବାର୍ତ୍ତାକୁ ବୁଝିନିଅନ୍ତି ତେବେ ଏ ସଂସାର ବହୁତ ସୁନ୍ଦର ହୋଇଯିବ । ପୁଣି ଏକଥା ବହୁତ ଗୁରୁତ୍ୱପୁର୍ଣ୍ଣ କି ଆମେ ଆମ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା କାରଣ ଆମେ ସମସ୍ତେ ସେହି ଏକ କରୁଣାମୟ ଇଶ୍ୱରଙ୍କ ସନ୍ତାନ ଏବଂ ତାର ସୃଷ୍ଟଜ ହୋଇଥିବା ଯୋଗୁଁ ଆମକୁ ଆପୋଷରେ ଏକ ହୋଇ ପ୍ରେମର ସହିତ ରହିବାକୁ ହେବ ।

ହଜୁର୍ତ ଅ:ବ:ଅ ବାଲ୍ଟିମ୍ୟୁର୍ ମେୟରଙ୍କଠାରୁ ବାଲ୍ଟିମ୍ୟୁର୍ ବିଭିନ୍ନ ଜିଲ୍ଲା ସମ୍ବନ୍ଧରେ ପଚାରି ବୁଝିଲେ । ମେୟର କହିଲେ କି ସେ ମେୟର ବ୍ୟତିତ ସିଟିକାଉଁନସିଲର ସଭାପତି ମଧ ଅଛନ୍ତି । ବାଲ୍ଟିମ୍ୟୁରରେ ୧୪ଟି ସିଟି ଡ଼ିସ୍ଟ୍ରିକ୍ ଅଛି । ଏବଂ ସେ ସବୁର ପ୍ରତିନିଧୀ କାଉଁନ୍ସିଲ୍ ର ଅଶଂ ଅଟନ୍ତି । ମେୟର ନିଜ ସାଥିରେ ଆସିଥିବା ଜଣେ ଅଧିନସ୍ଥଙ୍କ ପରିଚୟ ପ୍ରଦାନ କଲେ । ସେ ଶାନ୍ତି ସ୍ଥାପନ ନିମନ୍ତେ ମେୟର୍ଙ୍କ ସହିତ ମିଶି କାମ କରୁଛନ୍ତି । ସେ ହଜୁର୍ଙ୍କୁ ଧନ୍ୟବାଦ ଦେଲେ ଏବଂ କହିଲେ କି ହଜୁର୍ ମୋ ମତରେ ଆମେ ବର୍ତମାନ ସମୟରେ ଯେଉଁ ଯୁଦ୍ଧ ଲଢୁଛେ, ସେଥିରେ ସମସ୍ତ ନକାରାତ୍ମକ ଶକ୍ତି ନବଯୁବକ ମାନଙ୍କ ଉପରେ ଆକ୍ରମଣ କରୁଅଛି । ଆମକୁ ଏ ପ୍ରସଙ୍ଗରେ ନବଯୁବକ ପିଢ଼ି ଉପରେ ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆମର ଏଠି ବିଗତ ଦୁଇ ବର୍ଷ ତୁଳନାରେ ଦୁଇଗୁଣର ସଂଖ୍ୟାରେ ଯୁବକମାନଙ୍କ ମଧ୍ୟରେ ହତ୍ୟା ବା ଆଟେମ୍ପ୍ଟ୍ ଟୁ ମର୍ଡ଼ର ର ମୋକଦ୍ଦମା ଲଗାଯାଇଛି । ମୋ ପାଇଁ ସମ୍ମାନର ବିଷୟ ଯେ ମୁଁ ଆପଣଙ୍କ ସହିତ ସାକ୍ଷାତ କରିପାରିଲି ଏବଂ ଆପଣଙ୍କ କଥା ଶୁଣିବାର ସୁଯୋଗ ପାଇଲି ।

ହଜୁର ଅ:ବ:ଅ କହିଲେ ଏପରି ଅବସ୍ଥାର କାରଣ କଣ ? ଏଥିରେ ସେ ମହାଶୟା କହିଲେ ମୁଁ ଯେତିକି ଅନୁଧ୍ୟାନ କରିଛି ଆମ ବାଲ୍ଟିମ୍ୟୁର ସହରରେ ଏପରି ଘଟଣା ଯୁବକମାନଙ୍କ ମଧ୍ୟରେ ନିରାଶା ବଢ଼ିବା ଯୋଗୁ ହେଉଅଛି । ଯୁବକ ମାନଙ୍କ ମଧ୍ୟରେ ନିରାଶ (Frustration) ରହିଛି । ବାଲ୍ଟିମ୍ୟୁର୍ର ୨୪ ପ୍ରତିଶତ ଲୋକ ଗରିବି ଜିବନ ବିତାଉଛନ୍ତି ଆର୍ଥିକ ସଙ୍କଟ ଏକ କାରଣ । ବେକାରୀ ସମସ୍ୟା ବଢ଼ିଚାଲିଛି ।

ହଜୁର୍ ଅ:ବ:ଅ ପଚାରିଲେ କି କଣ ବେକାରି ସମସ୍ୟା ପାଇଁ କୌଣସି ସାମାଜିକ ସାହାଯ୍ୟର ବ୍ୟବସ୍ଥା ଅଛି କି ? ଏଥିରେ ମେୟର କହିଲେ କି ଆମକୁ ଏଠାରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖିନ ହେବାକୁ ପଡୁଛି । ଆମେ ପିଲାମାନଙ୍କ ଶିକ୍ଷା ଉପରେ ବହୁତ ଜୋର ଦେଉଅଛୁ । ଛାତ୍ର ଛାତ୍ରୀମାନଙ୍କ ଡ୍ରଗ୍ସ ବ୍ୟବହାର କରିବା ସମ୍ବନ୍ଧରେ ବହୁତ କାମ କରିବାର ଆବଶ୍ୟକ ଅଛି ।

ଏଥିରେ ହଜୁର କହିଲେ ତେବେ ପୁଣି ଡ୍ରଗ୍ସ୍ ସମସ୍ୟା ଅଛି । ପୁଣି କହିଲେ ସୋଶିୟାଲ୍ ମିଡ଼ିଆ ମଧ ଅଶାନ୍ତି ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଅଛି । ପାରିବାରିକ ଷ୍ଟ୍ରକ୍ଚର ଭୂଷୁଡ଼ି ଯାଉଛି । ପ୍ରତ୍ୟେକ ନିଜନିଜ ମୋବାଇଲ୍ ଫୋନ୍ ନେଇ ବ୍ୟସ୍ତ ରହୁଛନ୍ତି ।

କେନିଆ ଆମ୍ବାସିର ଇକୋନୋମିକ୍ସ କାଉସିଲର ନିଜର ପରିଚୟ ପ୍ରଦାନ କଲେ । ହଜୁର ଅନ୍ୱର ତାଙ୍କୁ ଧନ୍ୟବାଦ ଜଣାଇଲେ ।

ଜଣେ ଅତିଥି ''ଅସ୍ସଲାମୋ ଆଲୈକୁମ ୱ ରହମ୍ତୁଲ୍ଲାହି'' କହିଲେ । ପୁଣି କହିଲେ କି ସମସ୍ତ ମୁସ୍ଲିମ୍ କମ୍ୟୁନିଟି ତରଫରୁ ମୁଁ ହଜୁରଙ୍କୁ ସ୍ୱାଗତ ଜଣାଉଛି । ଅହେମଦୀୟା ମୁସ୍ଲିମ୍ କମ୍ୟୁନିଟି ସହିତ ମୋର ଗଭୀର ସମ୍ପର୍କ ଅଛି । ସେଥିଯୋଗୁ ମୁଁ ଏଠାକୁ ଆସିଛି । ଆପଣମାନଙ୍କ ମୋଟୋ ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ'' ଅତି ସୁନ୍ଦର ବାର୍ତ୍ତା । ଯେଉଁ ଯୁଗରେ ଆମେ ବସବାସ କରୁଛେ, ସେଥିରେ ଏହା କୌଣସି ଫରକ ପଡୁନାହିଁ କି କିଏ ଅହ୍ଲେ ସୁନ୍ନତୁଲ୍ ଯମାତ, କିଏ ଅହେମଦୀ ବା କିଏ ଶିହା, ଆମେ ସବୁ ମୁସଲ୍ମାନ ଏକ । ସେହି ଅତିଥିଜଣଙ୍କ ପାର୍ସି ସମୁଦାୟର ସାହାଯ୍ୟ ପ୍ରସଙ୍ଗରେ ନିଜର ଚେଷ୍ଟା ବତାଇଲେ ଏବଂ ଏକଥା କହିଲେ କି ମୁଁ ତାଙ୍କର ସାହାଯ୍ୟ ଆର୍ଥିକ ସଂଙ୍କଟ ଖାତିର୍ କରିଛି ଏବଂ ସୋମାନଙ୍କ ସହିତ ଅତ୍ୟାଚାର ମଧ କରାଯାଇଛି । ଆମେ ଏଠାରେ ସମସ୍ତେ ଆପୋଷରେ ଏକାଠି ହୋଇଯିବା ।

ହଜୁର୍ ଅନୱର୍ ଅ:ବ:ଅ କହିଲେ; କେବଳ ଏଠାରେ ନୁହେଁ ବରଂ ସାରା ପୃଥିବୀରେ ଏହି ଏକତାର ଆବଶ୍ୟକତା ଅଛି । ମୁସଲ୍ମାନ ହେବା ଯୋଗୁଁ ଆମ ସମସ୍ତଙ୍କୁ ଏକ ହେବା ଉଚିତ୍ । ଆମେ ସମସ୍ତେ ଏକ କରୁଣାମୟ ଖୁଦାଙ୍କ ଉପରେ ବିଶ୍ୱାସ ଆଣିଛେ । ଆମ ରସୁଲ ଓ ପୁସ୍ତକ ମଧ ଗୋଟିଏ । ପବିତ୍ର କୋରାନ୍ ଅନ୍ୟ ସମସ୍ତ ଧର୍ମ ସମ୍ବନ୍ଧରେ କହୁଛି କି : ଅହ୍ଲେ କିତାବ ( ଅର୍ଥାତ ଯାହାଙ୍କ ଉପରେ ଐଶିବିଧାନ ଅବତୀର୍ଣ୍ଣ ହୋଇଛି) ଙ୍କୁ କହିଦିଅ କି ଗୋଟିଏ କଥାରେ ଏକତ୍ର ହୋଇଯାଅ କି ଆମେ ସମସ୍ତେ ଏକ ଇଶ୍ୱରଙ୍କୁ ମାନୁଛେ । ତେବେ ଯଦି ଏହି ଗୋଟିଏ କଥାରେ ଏକାଠି ହେବା ତେବେ କୌଣସି ବିଭେଦ , ଘୃଣାଭାବ କେବେ ଉପୁଜିବ ନାହିଁ । ଏବଂ ଯଦି ଆମେ ସମସ୍ତେ ମିଳିମିଶି ଶାନ୍ତିରେ ରହିବା ତେବେ ଆପୋଷରେ ମିଶି ଆସନ୍ତା ପିଢ଼ିଙ୍କ ଉନ୍ନତି ସାଧନ ନିମନ୍ତେ କାମ କରିପାରିବା ।

ଆମେ ଆମ କାମ ସାରିଛେ । ଏବେ ଆମକୁ ଦେଖାଇବାକୁ ହେବ ଯେ ଆମ ଆମ ପର ପିଢ଼ିଙ୍କ ଉନ୍ନତି ନିମନ୍ତେ କଣ କରିପାରିବା ଯଦ୍ୱାରା ସେମାନେ ଆମକୁ ଭଲ ମନରେ

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍ବାର୍ ଅଲ୍ଫଜଲ୍ ଇଂଟର୍ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ମନେପକାଇବେ । ଏପରି ନ କହନ୍ତୁ ଯେ ଏମାନେ ଏପରି ଲୋକ ଥିଲେ ଯେଉଁମାନେ ଆମକୁ ଧ୍ୱଂସ ମୁହଁରେ ଛାଡ଼ି ଚାଲିଗଲେ ।

ଜଣେ ଅତିଥି କହିଲେ କି ହଜୁର! ମୁଁ ଆଉ କିଛି ସମସ୍ୟା ସମ୍ବନ୍ଧିରେ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଅଛି । ତାହା ପାରିବାରିକ ସମସ୍ୟା ଓ ମନୁଷ୍ୟଗତ ସମସ୍ୟା । ବିଗତ ଦିନ ମୁଁ ଏପରି ଦୁଇଜଣ ପିଡ଼ିତଙ୍କ ସହିତ ସାକ୍ଷାତ କରିଥିଲି । ସେମାନେ କହୁଥିଲେ କି : ସେମାନଙ୍କୁ ଏହି କଠିନ ପରିସ୍ଥିତିରେ ଯିଏ ଆଶାର କିରଣ ଦେଇଥିଲେ ଓ ତାଙ୍କୁ ଜୀବିତ ରଖିଛନ୍ତି ସେ ହେଉଛନ୍ତି ଖୁଦା । ସେମାନେ ଏ ଆଶାରେ ଥିଲେ କି ଅବସ୍ଥା ନିଶ୍ଚିତ ରୂପେ ସୁଧୁରି ଯିବ ।

ଆଉଜଣେ ଅତିଥି କହିଲେ କି ଜଣେ ଏଜୁକେଟର୍ ଭାବେ ମୁଁ ଏକଥା ବୁଝୁଛି ଯେ ଆମେ ଆମ ପିଲାମାନଙ୍କୁ ଉତମ ଶିକ୍ଷା ଦେବା ଉଚିତ୍ । ଏଗାର ବର୍ଷରୁ ନେଇ ଅଠର ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ବିଶେଷ ଧ୍ୟାନ ଦେବାକୁ ହେବ । ଆମେ ତାକୁ ଏପରି ରୋଲ୍ ମଡ଼େଲ୍ ଦେବା ଯେପରି ଏହି ମେଜ ଉପରେ ବସିଥିବା ଲୋକମାନେ ବସିଛନ୍ତି । ତେବେ ମୁଁ ଭାବୁଛି କି ଏପରି ହେବା ଦ୍ୱାରା ବାଲ୍‌ଟିମ୍ୟୁର୍ ସମ୍ପୂର୍ଣ୍ଣ ପରିବର୍ତନ ହୋଇଯିବ । ମେୟରଙ୍କ ତରଫରୁ ଏଠାରେ ଯେଉଁ କାମ ହୋଇଛି ସେଥିରେ ମୁଁ ଭାବୁଛି କି ତାହା ବହୁତ ପ୍ରେରଣା ଦାୟକ । ଆମକୁ ନୂଆ ଯୁବକ ମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେଇ ମୁଖ୍ୟ ଧାରାକୁ ଫେରାଇ ଆଣିବାକୁ ହେବ । ଯୁବକ ମାନଙ୍କ ଉତମ ସଂସ୍କାର ଦ୍ୱାରା ବହୁ ସମସ୍ୟାର ସମାଧାନ ହୋଇପାରିବ । ପ୍ରୋଗାମର ଶେଷରେ ବାଲ୍‌ଟିମ୍ୟୁରର ଜନସାଧାରଣଙ୍କ ତରଫରୁ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ । ଆପଣଙ୍କ ଆଗମନ ଏବଂ ଶାନ୍ତି ବାର୍ତା ପାଇଁ ଧନ୍ୟବାଦ ।

ତା' ପରେ ମେୟର ଜଣଙ୍କ ହଜୁର୍‌ଙ୍କ ଠାରୁ ଉପହାର ପାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ମେୟରଙ୍କୁ ଏହି ପ୍ରୋଗାମ୍ ପରେ ନିରାଶ୍ରୟ ଲୋକମାନଙ୍କ ନିମନ୍ତେ ଅନୁଷ୍ଠିତ ହେଉଥିବା ଗୋଟିଏ ପ୍ରୋଗାମ୍‌ରେ ଯୋଗ ଦେବାକୁ ଯିବାର ଥିଲା । ଏ ପ୍ରସଙ୍ଗରେ ହଜୁର ଅ:ବ:ଅ ପଚାରିଲେ କି ନିରାଶ୍ରୟ ଲୋକ ମାନଙ୍କ ନିମନ୍ତେ ଆପଣଙ୍କ ବଜେଟ୍‌ରେ କେତେ ପ୍ରତିଶତ ଆରକ୍ଷଣ ରଖିଛନ୍ତି । ଏଥିରେ ମେୟର କହିଲେ ନିରାଶ୍ରୟ ଲୋକ ଏବଂ ଅନ୍ୟ ସାମାଜିକ ସେବା ନିମନ୍ତେ ୨୦ ରୁ ୨୫ ପ୍ରତିଶତ ବଜେଟ୍ ନିର୍ଦ୍ଧାରିତ ହୋଇଥାଏ । ଏହି ଗରମ ଋତୁରେ ଆମେ ୯ ହଜାର ଯୁବକଙ୍କ ପାଇଁ ଚାକିରି ଯୋଗାଇ ଥାଉ ।

ସାକ୍ଷାତକାରର ଏହି ପୋଗ୍ରାମ୍ ୬.୪୦ ପର୍ଯ୍ୟନ୍ତ ଜାରି ରହିଲା । ପୁଣି ପୋଗ୍ରାମ ମୁତାବକ ହଜୁର୍ ଅ:ବ:ଅ ସଭା କାର୍ଯ୍ୟ ନିମନ୍ତେ ହଲ୍ ଭିତରକୁ ପ୍ରବେଶ କଲେ ।

**ମସ୍‌ଯିଦ୍ ବଇତୁସ୍ ସମଦ୍**
**ବାଲ୍‌ଟିମ୍ୟୁର୍ ର ଉଦ୍‌ଘାଟନୀ ଉତ୍ସବ**

ପୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହାକୁ ମୋକରମ୍ ସଲ୍‌ମାନ୍ ତାରିକ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଆମେରିକା ଆବୃତି କଲେ ଓ ପରେ ତା'ର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ତା' ପରେ ନ୍ୟାଶ୍‌ନାଲ ସେକ୍ରେଟାରୀ ଉମୁରେ ଖାରଜା ମୁକରମ୍ ଅମଯଦ୍ ଖାଁ ସାହେବ ନିଜର ପରିଚୟ ପ୍ରଦାନ ମୂଳକ ଅଭିଭାଷଣ ପ୍ରଦାନ କଲେ । ଏବଂ ଆସିଥିବା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ।

ଏହାପରେ ସିନେଟ୍‌ର Ben Cardin ନିଜର ବକ୍ତବ୍ୟ ରଖିଲେ : ଓ କହିଲେ କି ମହାମହିମ୍ ଖଲିଫତୁଲ୍ ମସିହ୍! ଆମେ ଆପଣଙ୍କ ନେତୃତ୍ୱ ଦ୍ୱାରା ପ୍ରଭାବିତ । ଆପଣଙ୍କ ଯମାତ ମେରିଲ୍ୟାଣ୍ଡ, ବାଲ୍‌ଟିମ୍ୟୁର୍ ଆମେରିକାକୁ ଆହୁରି ଅଧିକ ଶାନ୍ତିମୟ କରିବାର କାରଣ ସାଜିଛି । ଆପଣଙ୍କ ଆନ୍ତର୍ଜାତୀୟ ନେତୃତ୍ୱର ଶାନ୍ତି ସ୍ଥାପନା ନିମନ୍ତେ ଆଜିକାଲି ଯେପରି ଭିଷଣ ଆବଶ୍ୟକତା ରହିଛି ସେପରି ଆବଶ୍ୟକତା ପୂର୍ବରୁ କେବେ ନ ଥିଲା । ଆପଣ ଆମକୁ ବତାଇଲେ କି ଆବେ ବାଲ୍‌ଟିମ୍ୟୁର୍‌ରେ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଆଗକୁ ଆହୁରି ଭଲକାମ କରିପାରିବୁ । ମୋ ପାଇଁ ଏହା ସମ୍ମାନର କଥା କି ମୁଁ ଏହି ମହାନ୍ ସହରରେ ଆପଣଙ୍କୁ ସ୍ୱାଗତ କରୁଅଛି । ଏବଂ ଆପଣଙ୍କର କୃତଜ୍ଞ ଯେ ଆପଣ ଆନ୍ତର୍ଯାର୍ତୀ ସ୍ତରରେ କାର୍ଯ ବସ୍ତୁତାରୁ ସମୟ କାଢ଼ି ଏଠାରୁ ଶାନ୍ତି ଏବଂ ମାନବିକତା ପାଇଁ ଆଶାର ବାର୍ତା ନେଇ ଆସିଛନ୍ତି । ଆଲ୍ଲାଃତାଲା ଆପଣଙ୍କ ଉପରେ କୃପା କରନ୍ତୁ ଅମିନ୍ ।

ତା'ପରେ john robin smith-(ଯିଏ ମେରିଲ୍ୟାଣ୍ଡର ୭୧ ତମ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଅଛନ୍ତି) ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଲେ:ମହାମହିମ ଖଲିଫତୁଲ୍ ମସିହ୍ ଏବଂ ଉପସ୍ଥିତ ସମସ୍ତ ସମ୍ମାନୀୟ ପୁରୁଷ ଏବଂ ମହିଳାମାନଙ୍କ ବହୁତ ବହୁତ ଧନ୍ୟବାଦ୍ ଗଭର୍ନର ଏବଂ ତାଙ୍କ କାର୍ଯ୍ୟାଳୟ ଅପଣମାନଙ୍କର ଏଠାକୁ ଅସିବା ଦ୍ୱାରା ବହୁତ ଖୁସିଅଛନ୍ତି ମେରିଲ୍ୟାଣ୍ଡ ରାଜ୍ୟ ବହୁତ ଗର୍ବିତ ଯେ ଏହି ଅହେମଦୀୟା ମୁସ୍‌ଲିମ୍ ଜମାତ୍ ହେଉଛି ୟୁ ଏସ୍ ଏର ହେଡ୍‌କ୍ୱାଟର । ଏଠି ବାଲ୍‌ଟିମ୍ୟୁର୍‌ରେ ମସ୍‌ଯିଦ୍‌ର ଉଦ୍‌ଘାଟନ ନିଶ୍ଚିତ ରୂପେ ଏକ ଐତିହାସିକ ଅବସର । ମ୍ୟାରିଲ୍ୟାଣ୍ଡ ବହୁଜାତୀୟ ଲୋକମାନଙ୍କ ରାଜ୍ୟ ଅଟେ ।

ଖଲିଫତୁଲ୍ ମସିହ୍ ଯାତ୍ରାକରି ବହୁତ ବ୍ୟସ୍ତ ରହୁଛନ୍ତି । ଆପଣ ବହୁତ ଗୁରୁତ୍ୱପୂର୍ଣ୍ଣ ବାର୍ତା ଦେଇଆସିଛନ୍ତି ତାହାଦ୍ୱାରା ମାନବାଧିକାର ସମ୍ମାନକୁ ବୁଝି ମନୁଷ୍ୟ ଜାତିର ସେବା କରିବା ଏବଂ ଶାନ୍ତି ସ୍ଥାପନ କରିବା । ଏହା ଆମର ଅନେକ ସମସ୍ୟାର ସମାଧାନ ପାଇଁ ଉଦ୍ଧିଷ୍ଟ । ଏହା ଏପରି ବାର୍ତା ଯାହାକୁ ଆମେ ସମସ୍ତ ମୁସଲମାନମାନେ ଅଣମୁସଲ୍‌ମାନେ ଗ୍ରହଣ କରିପାରିବା । ମୁଁ ଦେଶଭିତର ଏବଂ ବିଦେଶରେ ଅନେକ ଲୋକ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଛି । ଏବଂ ଅନେକ ସସ୍କୃତିକୁ ଦେଖିବା ପାଇଁ ସୁଯୋଗ ପାଇଛି । ସେଥିରୁ ମତେ ବହୁତ କିଛି ଶିଖିବାର ଅବସର ମିଳିଛି । ଏଠି ବାଲ୍‌ଟିମ୍ୟୁର ସହରରେ ଅନେକ ଆନ୍ତର୍ଯାତୀୟ ବ୍ୟକ୍ତି ବିଷଶଷଙ୍କୁ ସ୍ୱାଗତ ଜଣାଇବାର ସୁଯୋଗ ମିଳିଥାଏ । ମୁଁ ଆପଣ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ପୃଥିବୀରେ ସୁରକ୍ଷିତ ଯାତ୍ରା ନିମନ୍ତେ ମୁଁ ହଜୁରଙ୍କ ପାଇଁ ପ୍ରାର୍ଥନା କରୁଛି । ଅଲ୍ଲାଃତାଲା ଆପଣଙ୍କ ଉପରେ ନିଜର ବହୁତ ବହୁତ କରୁଣା ପ୍ରଦାନ କରନ୍ତୁ ।

ମୁଁ ଏ ଅବସରରେ ଆପଣମାନଙ୍କୁ ସମ୍ମୁଖରେ ଗଭର୍ନରଙ୍କ ତରଫରୁ ଜାରି କରାଯାଉଥିବା Governer citation ଉପସ୍ଥାପନ କରୁଅଛି । ସେ ମହାଶୟ ଯାହା ଇଂରାଜୀର ପଢ଼ି ଶୁଣାଇଲେ ତା'ର ଓଡ଼ିଆ ଅନୁବାଦ ନିମ୍ନରେ ଦିଆଗଲା ।

ସ୍ୱାଗତଂ! ଏହି ପ୍ରଦେଶର ଅଧିବାସୀଙ୍କ ତରଫରୁ ଏ ଘୋଷଣା କରାଯାଉଅଛି ମସ୍‌ଯିଦ୍ ବଇତୁସ୍ ସମଦର ଉଦ୍‌ଘାଟନୀ ଉତ୍ସବ ଅବସରରେ ବହୁତ ବିନମ୍ରତାର ସହିତ ଆନନ୍ଦିତ ହୋଇ ନିବେଦନ କରାଯାଉଛି । ମ୍ୟାରିଲ୍ୟାଣ୍ଡ ଅଧିବାସୀମାନେ ଆମ ସହିତ ମିଶି ଏହି ଆନନ୍ଦର ମୁହୁର୍ତରେ ନିଜନିଜର ଭାବନା ପରିପ୍ରକାଶ କରୁଛନ୍ତି । ଅଭିନନ୍ଦନ (ମୁବାରକ୍‌ବାଦ୍ ) ପେଶ୍ କରି ଆମେ ଏହି ଗଭର୍ନର ସାଇଟେଡ଼୍ ଅର୍ପଣ କରୁଅଛି । ୨୦ ଅକ୍ଟୋବର ୨୦୧୮ (ଦସ୍ତଖତ) ଗଭର୍ନର ଲାଗି ହୋଗନ୍ (ଲେଫ୍‌ଟ୍‌ନାଂଟ୍ ଗଭର୍ନର ବୋଏନ ରଦରଫୋର୍ଡ଼) ଜନ୍ ରାବିନ୍ ସ୍ମିଥ୍ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ।

ଏହାପରେ ମୋକରମ୍ ସାହାବ୍‌ଜାଦା ମିର୍ଜା ମଗ୍‌ଫୁର୍ ଅହମଦ୍ ସାହେବ୍ ଅମୀର୍ ଯମାତ୍ ୟୁ.ଏସ୍.ଏ ସଂକ୍ଷିପ୍ତରେ ହଜୁରଙ୍କ ପରିଚୟ ପ୍ରଦାନ କରି କହିଲେ ସମ୍ମାନୀୟ ପୁରୁଷ ଓ ମହିଳାମାନେ! ଆମ ପାଇଁ ଏହା ଅତି ସମ୍ମାନର ବିଷୟ ଯେ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଯିଏ ହେଉଛନ୍ତି ହଜରତ୍ ମସିଦ୍ ମଉଦ ଆ:ସ ଙ୍କ ପଂଚମ ଖଲିଫା, ସେ ଆମ ଗ୍ରହଣରେ ଉପସ୍ଥିତ ଅଛନ୍ତି । ମୁଁ ହଜ୍‌ରୁଙ୍କୁ ନିବେଦନ କରୁଛି କି ଆସନ୍ତୁ ନିଜର ଅଭିଭାଷଣ ପ୍ରଦାନ କରନ୍ତୁ ।

ହଜୁର୍ ଅନଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ "ବିସ୍‌ମିଲ୍ଲାହିର୍‌ରହମା ନିର୍ ରହିମ୍" ରୁ ଆରମ୍ଭ କଲେ । ହଜୁର୍ ଅନ୍‌ଓ୍ୱର୍ ଅ:ବ:ଅ କହିଲେ ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବକରାତୁହୁ । ଅର୍ଥାତ୍ ଅଲ୍ଲାଃଙ୍କ କରୁଣା ଓ ଆଶିର୍ବାଦ ଆପଣ ସମସ୍ତଙ୍କ ଉପରେ ଅବତୀର୍ଣ୍ଣ ହେଉ ।

ସର୍ବ ପ୍ରଥମେ ମୁଁ ସେହି ସମସ୍ତ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି । ଯେଉଁମାନେ ଆଜି ସମୟ ବାହାରକରି ଆମ ସହିତ ଏହି ଅବସରରେ ସାମିଲ ହୋଇଛନ୍ତି । ବର୍ତମାନ ପୃଥିବୀ ଯେଉଁଠି ଧର୍ମ ସମ୍ବନ୍ଧରେ ଆଗ୍ରହ ବହୁତ କମ୍ ସେଠି ଆପଣମାନଙ୍କର ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ଅତ୍ୟନ୍ତ ପ୍ରସଂସନୀୟ । ଏକଥା ଆହୁରି ଅଧିକା ଗୁରୁତ୍ୱପୂର୍ଣ୍ଣ ଅଟେ କି ଆପଣମାନେ ମୁସ୍‌ଲିମ୍ ମାନଙ୍କ ଏପରି ଗୋଟିଏ ପୋଗ୍ରମରେ ସାମିଲ ହେଉଛନ୍ତି ଯେଉଁଠି ମସ୍‌ଯିଦ୍‌ର ଉଦ୍‌ଘାଟନ ହେଉଛି । ଆପଣମାନେ ଅଣ ମୁସ୍‌ଲମାନ୍ ହେବା ସତ୍ୱେ ଏଠାରେ ଠିଆ ହୋଇଛନ୍ତି । ନିଶ୍ଚିତ ରୂପେ ଆପଣ ମାନେ ଏକଥା ଭଲଭାବେ ଜାଣିଛନ୍ତି ଆଜିକାଲି ବହୁତ ଲୋକେ ଇସ୍‌ଲାମ୍ ଏବଂ ମୁସଲ୍‌ମାନଙ୍କ ସମ୍ବନ୍ଧରେ ଭୟ ଏବଂ ଆଶଙ୍କାରେ ଅଛନ୍ତି । ତେଣୁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ମୋର କର୍ତବ୍ୟ । ମୁଁ ଏହା ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହେଁ କି ଧନ୍ୟବାଦ ଦେବାର ଏ ଭାବନା କେବଳ ଚାରିତ୍ରିକ ନୁହେଁ । ବରଂ ଇସ୍‌ଲାମ୍ ମୋ ଉପରେ ଏହି ଧାର୍ମିକ ଦାୟିତ୍ୱ ନ୍ୟସ୍ତ କରିଛି। ସେଥିପାଇଁ ମୁଁ ଆକୁ ମୋର ଧାର୍ମିକ ଦାୟିତ୍ୱ ମଣୁଛି କି ସହୃଦୟତାର ସହିତ ନିଷ୍ଠାର ସହ ଆପଣଙ୍କ କୃତଜ୍ଞତା ଜ୍ଞାପନ କରେ ।

ହଜୁର୍ ଅନଓ୍ୱର ଅ:ବ:ଅ କହିଲେ : ମୋ ମତରେ ଆପଣମାନେ ଆଜି ଏଠାରେ ଇସଲାମ ସମ୍ବନ୍ଧୀୟ ଅଧିକା କିଛି ଶିଖିବା ଆଶାରେ ଅଛନ୍ତି କି ଆମେ ଏହି ମସ୍‌ଜିଦ୍ କାହିଁକି ନିର୍ମାଣ କରିଛୁ । ଲୋକେ ଇସଲାମ୍ ସମ୍ବନ୍ଧରେ ମିଡ଼ିଆ ଯେବେ ଯାହା କିଛି ଦେଖୁଛନ୍ତି ଓ ଶୁଣୁଛନ୍ତି ସେଥିଯୋଗୁଁ ସେମାନଙ୍କ ଧ୍ୟାନ ଏଥିପ୍ରତି ଆକର୍ଷଣ ହେଉଛି କି ଇସ୍‌ଲାମ୍ ସମ୍ବନ୍ଧରେ ବାସ୍ତବିକ ସତ୍ୟକଥାକୁ ଜାଣିବା ପାଇଁ ଚେଷ୍ଟା କରାଯାଉ । ଆମେ ଯେଉଁ ପରିବେଶରେ ରହୁଛେ ସେଥିରେ ଲୋକମାନଙ୍କ ମୁଣ୍ଡରେ ମସ୍‌ଜିଦ୍ ସମ୍ବନ୍ଧରେ କିଛିଟା ଶଙ୍କା ଓ ଭୟ ରହିଛି, ନିଶ୍ଚିତ ରୂପେ ସାରା ପୃଥିବୀରେ ମୁସ୍‌ଲମାନଙ୍କ ପ୍ରତି ଥିବା ଭୟର ପ୍ରଭାବ ବଢୁଛି । ମୋଟାମୋଟି ଭାବେ ମୁସଲମାନଙ୍କୁ ବିଭ୍ରାଟ ସୃଷ୍ଟିକାରୀ ରୂପେ ବିବେଚନା କରାଯାଉଛି । ଓ ସେମାନଙ୍କୁ ଏପରି ଜାତି ରୁପେ ଅଭିହିତ କରାଯାଉଅଛି । ଯେଉଁମାନ ନା ତ ଆପୋଷରେ ଓ ନା ତ ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିପାରୁଛନ୍ତି । ପୁଣି ମସ୍‌ଜିଦର ନିର୍ମାତା ହେବା ଆହୁରି ଅଧିକ ଭୟ ସୃଷ୍ଟି କରୁଛି ଅନେକ ଲୋକ ଡ଼ରୁଛନ୍ତି କି ମସ୍‌ଜିଦ୍ ମୁସଲମାନଙ୍କୁ ବାସ୍ତବିକ ସତ୍ୟକଥାକୁ ଜାଣିବା ପାଇଁ ଚେଷ୍ଟା କରାଯାଉ । ଆମେ ଯେଉଁ ପରିବେଶରେ ରହୁଛେ ସେଥିରେ ଲୋକମାନଙ୍କ ମୁଣ୍ଡରେ ମସ୍‌ଜିଦ୍ ସମ୍ବନ୍ଧରେ କିଛିଟା ଶଙ୍କା ଓ ଭୟ ରହିଛି , ନିଶ୍ଚିତ ରୂପେ ସାରା ପୃଥିବୀରେ ମୁସ୍‌ଲମାନଙ୍କ ପ୍ରତି ଥିବା ଭୟର ପ୍ରଭାବ ବଢୁଅଛି । ମୁଁ ଏହି ଆଶଙ୍କାକୁ ଅଣ ମୁସଲିମ୍ ଦେଶ ଗୁଡ଼ିକରେ ଅନୁଭବ କରିଛି । ଦୁର୍ଭାଗ୍ୟ ବସତଃ ଏହି ଅସନ୍ତୋଷ ଓ ସନ୍ଦେହ ଇସଲାମ ଏବଂ ତାକୁ ମାନୁଥିବା ଲୋକମାନଙ୍କ ସମ୍ବନ୍ଧରେ ଅନବରତ ବଢ଼ିଚାଲିଛି ।

ହଜୁର୍ ଅନଓ୍ୱର ଅ:ବ:ଅ କହିଲେ ଏହି ସମସ୍ତ କଥା ସତ୍ୱେ ମଧ୍ୟ ସତ୍ୟ ରହିଛି ଏହା ଏବଂ ସର୍ବଦା ଏହା ରହିବ କି ଇସ୍ଲାମ ସବୁ ପ୍ରକାରର ଚରମ ପନ୍ଥୀ କାର୍ଯ୍ୟ କଳାପ , ଅତ୍ୟାଚାରକୁ ସମ୍ପୂର୍ଣ୍ଣ ରୁପେ ମନା କରୁଛି । ସେ ଏହି ସମସ୍ତ କାର୍ଯ୍ୟ କଳାପକୁ କଠୋରତାର ସହିତ ଖଣ୍ଡନ କରିଥାଏ । ଯାହାଦ୍ୱାରା ଧର୍ମୀୟ ସ୍ୱାଧିନତା ଓ ବାକ୍ ସ୍ୱାଧିନତା କ୍ଷୁର୍ଣ୍ଣ ହୋଇଥାଏ । ଇସଲାମ୍ କୌଣସି ପ୍ରକାର ବାଧ୍ୟ ବାଧକତାର ଅନୁମତି ଦିଏ ନାହିଁ । ବରଂ ଇସ୍‌ଲାମ ଏ ଶିକ୍ଷା ଦେଇ ଥାଏ କି ଧର୍ମ ହେଉଛି ମଣିଷର ମନ କଥା । ଏହା ପବିତ୍ର କୋରାନ୍‌ରେ ଲେଖା ହୋଇଛି । ତେଣୁ ମୋର ଦୃଢ଼ ବିଶ୍ୱାସ ଯେ ଅଣ ମୁସଲ୍‌ମାନଙ୍କ ମଧ୍ୟରେ ଇସ୍‌ଲାମ ସମ୍ବନ୍ଧୀୟ ଯେଉଁ ଶଙ୍କା ରହିଛି ତାହା ଭୁଲ୍ ବୁଝିବା ଦ୍ୱାରା ଆଧାରିତ ।

ହଜୁର୍ ଅନ୍‌ଓ୍ୱର୍ ଅ:ବ:ଅ କହିଲେ କୌଣସି ମସ୍‌ଯିଦ୍ ନିର୍ମାଣ ନିମନ୍ତେ ଏହା ଜରୁରୀ ଅଟେକି ଇସ୍‌ଲାମୀୟ ଶିକ୍ଷା ମୁତାବକ ତା ନିର୍ମାଣର ଉଦ୍ଦେଶ୍ୟକୁ ସମ୍ମୁଖରେ ରଖାଯାଉ । ଯେବେ ପ୍ରକୃତ ବାସ୍ତବିକ ମୁସଲମାନ ମସ୍‌ଯିଦ୍ ନିର୍ମାଣ କରିଥାନ୍ତି ତାର ଉଦ୍ଦେଶ୍ୟ କଣ ଏବଂ କଣ କାରଣ ଯେ ତାକୁ ମୁସଲମାନମାନଙ୍କ ନିମନ୍ତେ ପବିତ୍ର ମଣାଯାଉଛି ତେବେ ସେ ଏଥିରେ ଉପନୀତ ହେବ ଯେ ବାସ୍ତବିକ ଅର୍ଥାତ ପ୍ରକୃତ ମସ୍‌ଯିଦ୍‌କୁ ଡ଼ରିବାର କିଛି ଆବଶ୍ୟକତା ନାହିଁ ତେଣୁ ମୁଁ ସ୍ଥାନୀୟ ଲୋକମାନଙ୍କ ଭୟ ଦୂର କରିବା ପାଇଁ ମସ୍‌ଯିଦ୍ ନିର୍ମାଣ ହେବାର ଉଦ୍ଦେଶ୍ୟରେ କିଛି ବର୍ଣ୍ଣନା କରିବା ଯଦ୍ୱାରା ଆପଣ ଜାଣି ପାରେବେ କି ଏହି ମସ୍‌ଜିଦ୍ ଏବଂ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.4 Thursday 14 March 2019 Issue No. 11**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୨୦ ଅକ୍ଟୋବର ୨୦୧୮ (ଶୁକ୍ରବାର)

ହଜୁର୍ ଅନ୍‌ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୧୫ ରେ ମସ୍‌ଯିଦ୍ ବଇତୁଲ ଆଫିୟତ୍ ଫିଲାଡ଼େଲ୍‌ଫିୟାଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର୍ ଅ:ବ:ଅ ଚିଠିପତ୍ର ଓ ରିପୋର୍ଟସ୍ ଇତ୍ୟାଦି ତଦାରଖ କଲେ ଓ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ପୋଗ୍ରାମ୍ ମୁତାବକ ଠିକ୍ ୧୦.୦୦ ରେ ହଜୁର୍ ଅ:ବ:ଅ ମସ୍‌ଜିଦ୍‌ରେ ପୁରୁଷ ହଲ୍ ଭିତରେ ପ୍ରବେଶ କଲେ । ମସ୍‌ଯିଦ୍‌ର ମୁଖ୍ୟ ଫାଟକ ନିକଟରେ କାନାଡ଼ା ଦେଶରୁ ଆସିଥିବା ଦୁଇଜଣ ପିଲା ଅଜିଜମ୍ ଫାରାନ୍ ତାରିକ୍ ଏବଂ ଅଜିଜା ସବିକା ତାରିକ୍ ଛିଡ଼ା ହୋଇଥିଲେ । ଏ ଦୁଇଜଣ ଭାଇ ଭଉଣୀ ଥିଲେ । ସେମାନେ କହିଲେ ଆମେ ଦୁଇଜଣ ପବିତ୍ର କୋରାନ୍ ହିଫ୍‌ଜ୍ କରୁଛୁ ଅର୍ଥାତ୍ ମନେରଖୁଛୁ । ହଜୁର୍‌ଙ୍କ ପଚାରିବାରେ ପୁଅ ପିଲାଟି ବତାଇଲାକି ସେ ସାଢ଼େ ସାତ ପାରାଃ (ଅର୍ଥାତ୍ ଅଧ୍ୟାୟ) ହିଫ୍‌ଜ୍ କରିସାରିଲାଣି । ଝିଅ ପିଲାଟି କହିଲା କି ସେ ମଧ୍ୟ ଦ୍ୱିତୀୟ ପାରାଃ ହିଫ୍‌ଜ୍ କରୁଛନ୍ତି । ଦୁଇଜଣଯାକ ହଜୁର୍‌ଙ୍କ ସ୍ନେହ ପାଇଲେ ।

ଏହାପରେ ହଜୁର୍ ଅନ୍‌ୱର୍ ମସ୍‌ଯିଦ୍ ଭିତରକୁ ପ୍ରବେଶ କଲେ, ଯେଉଁଠି ଫିଲାଡ଼େଲ୍‌ଫିୟା ଯମାତ୍‌ର ମୟ୍‌ଲିସ୍ ଆମେଲାର ସମସ୍ୟ ମାନେ ହଜୁର୍ ଅନ୍‌ୱରଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଅବସରରେ ସ୍ଥାନୀୟ ଯମାତ୍‌ର କିଛି ବୟୋଜ୍ୟେଷ୍ଠ ବ୍ୟକ୍ତି ଯାହାଙ୍କ ସମ୍ବନ୍ଧ ଆଫ୍ରୀକୀୟ ଆମେରିକାନ୍ ଥିଲା, ସେମାନେ ହଜୁର୍‌ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଯେବେ ହଜୁର୍ ମସ୍‌ଜିଦ୍‌ର ଦରଜା ଦେଇ ବାହାରକୁ ଆସିଲେ ସେତେବେଳେ ଜଣେ ଯୁବକ ନିଜର ଛୋଟ ପୁଅ ପିଲାଟିକୁ ଉଠାଇ ଛିଡାହୋଇଥିଲେ । ହଜୁର୍ ଅନ୍‌ୱର୍ ପିଲାଟିକୁ ବହୁତ ସ୍ନେହ କଲେ ଏବଂ ତା ଗାଲରେ **ଆଲୈସଲ୍ଲାହୁ ବିକାଫିନ୍ ଅବ୍‌ଦହୁ** ମୁଦିଥିବା ଆଙ୍ଗୁଳିଟିକୁ ଲଗାଇଦେଲେ । ଏଥିରେ ସେହି ସୌଭାଗ୍ୟବାନ ଯୁବକ ଖୁସିରେ ଆତ୍ମହରା ହେଉଥିଲା । ଏହାପରେ ହଜୁର୍ ଅନ୍‌ୱର୍ ମସ୍‌ଯିଦ୍‌ର ବାହ୍ୟ ପ୍ରାଙ୍ଗଣ ଭିତରେ ପଦାର୍ପଣ କଲେ ଯେଉଁଠି ଯମାତ୍‌ର ସଦସ୍ୟ ଗଣ ଅର୍ଥାତ ପୁରୁଷ, ମହିଳା, ବୃଦ୍ଧ, ଯୁବକ ଏବଂ ପିଲାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଛୋଟ ଛୋଟ ଝିଅ ପିଲାମାନେ ସମବେତ କଣ୍ଠରେ ପ୍ରାର୍ଥନା ମୂଳକ କବିତା ଏବଂ ଗୀତ ପାଠ କରୁଥିଲେ । ହଜୁର ଅନ୍‌ୱର୍ ଅ:ବ:ଅ ମସ୍‌ଯିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଦୁଇଟି ଚାରା ବୃକ୍ଷ ରୋପଣ କଲେ । ଏହି କାର୍ଯ୍ୟକ୍ରମ ପରେ ହଜୁର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

### ଆମେରିକାର ପ୍ରଥମ ଅହେମଦୀଙ୍କ ଚର୍ଚ୍ଚା

ଆଜି ଫିଲାଡ଼େଲ୍‌ଫିୟା ବାଲ୍‌ଟିମ୍ୟୁର୍ ଯିବାର ଥିଲା । ସେଠାରେ ମସ୍‌ଯିଦ୍ ବୟତୁସ୍ ସମଦ୍‌ର ଉଦ୍‌ଘାଟନ ହେବା ପରେ ୱାଶିଂଟନ୍ ଗସ୍ତ କରିବାର ପୋଗ୍ରାମ ଥିଲା । ଗସ୍ତ ପୂର୍ବରୁ ଆମେରିକାର ପ୍ରଥମ ଅହେମଦୀ Dr. Anthony George Baker ଙ୍କ କବର ସ୍ଥଳୀରେ ଦୁଆ (ଅର୍ଥାତ ନୀରବ ପ୍ରାର୍ଥନା) ହେବାର ପୋଗ୍ରାମ୍ ମଧ୍ୟ ରଖାଯାଇଥିଲା । ହଜୁର୍ ଅନ୍‌ୱର୍ ସେ ମହାଶୟଙ୍କ (ଜୀବନି) ନିଜ ଖୁତ୍‌ବା ଯୁମା ପ୍ରଦତ ୧୯ ଅକ୍ଟୋବର ୨୦୧୮ ରେ କରିଥିଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁସ୍ତକ ବରାହିନେ ଅହେମଦୀୟା ପଂଚମ ଭାଗରେ ଜର୍ଜ ଏ. ବେକର୍‌ଙ୍କ ଚର୍ଚା ନିମ୍ନଲିଖିତ ଶବ୍ଦ ଦ୍ୱାରା କରିଛନ୍ତି : "ସେହିପରି ଆହୁରି ଅନେକ ଇଂଗ୍ରେଜ୍ ସେହି ଦେଶମାନଙ୍କରେ ଏହି ସମ୍ପ୍ରଦାୟର ପ୍ରଶଂସକ ଅଛନ୍ତି । ଏବଂ ଏଥିରେ ତାଙ୍କର ସହମତି ପ୍ରକାଶ କରୁଛନ୍ତି । ସୁତରାଂ ଡ଼ାଃ ବେକର୍ ଯାହାଙ୍କ ନାମ ଏ.ଜର୍ଜ ବେକର ୪୦୪ ନମ୍ବର ସେସ୍‌କୋଇହାନା ଏଭେନ୍ୟୁ (Susquehanna Avenue) ଫିଲାଡ଼େଲ୍‌ଫିୟା ଆମେରିକା, ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍‌ରେ ମୋ ନାମ ଏବଂ ମୋ ବିଷୟରେ ପଢ଼ି ନିଜ ଚିଠିରେ ଏକଥା ଲେଖଛନ୍ତି ମୁଁ ଆପଣଙ୍କ ଇମାମ୍‌ଙ୍କ କଥା ସହିତ ଏକମତ ଅଛି ସେ ଇସ୍‌ଲାମ୍‌କୁ ଠିକ୍ ସେହି ରୂପରେ ସଂସାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି ଯେଉଁରୂପରେ ହଜ୍‌ରତ୍ ନବୀ ମୁହମ୍ମଦ୍ ସ:ଆ:ସ ଉପସ୍ଥାପନ କରିଥିଲେ ।" (ରୁହାନି ଖଜାଏନ୍ ଖଣ୍ଡ-୨୧, ବାରହିନେ ଅହ୍‌ମଦିୟା ପଂଚମ ଭାଗ, ପୃଷ୍ଠା-୧୦୬)

ଅଲ୍‌ଫଜଲ୍ ଖବର କାଗଜର ୨୨ ଜୁଲାଇ ୧୯୨୦ ଅଙ୍କରେ ହଜ୍‌ରତ୍ ମୁଫ୍‌ତି ମୁହମ୍ମତ ସାଦିକ୍ ସାହେବ ର:ଅ ଙ୍କ ଦ୍ୱାରା ଆମେରିକାରୁ ପ୍ରେରଣ କରାଯାଇଥିବା ନିମ୍ନଲିଖିତ ରିପୋର୍ଟଟି ପ୍ରକାଶ ପାଇଛି ଯେଉଁଥିରେ ସେ ଫିଲାଡ଼େଲ୍‌ଫିୟାର ଡ଼ାଃ. ବେକର୍‌ଙ୍କ ଇସ୍‌ଲାମ୍ ଗ୍ରହଣ କରିବାର କଥା ଲେଖିଛନ୍ତି ।

"ଏ ଅଧମ ଲେଖକଙ୍କୁ ଏ ଦେଶରେ ପ୍ରବେଶ କରିବାର ଅଳ୍ପ ସମୟ ହୋଇଛି । ଇର୍ଶାଳୁ ଇସାଇମାନଙ୍କ ଦ୍ୱାରା ଯେଉଁ ପ୍ରତିବନ୍ଧକ ଓ ଅସୁବିଧା ଉପୁଜିଥିଲା, ସେ ସବୁ କଷ୍ଟ ଓ ପ୍ରତିବନ୍ଧକ ସତ୍ତ୍ୱେ ଅନେକ ସଫଳତା ଲାଭ ହୋଇଛି । **ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକ୍** । ବର୍ତମାନ ୨୯ ଜଣ ନୂଆ ଜେଂଟଲ୍ ମ୍ୟାନ୍ (ଭଦ୍ରଲୋକ) ଏବଂ ଭଦ୍ରମହିଳା ଏ ଅଧମର ତବ୍‌ଲିଗ୍‌ଦ୍ୱାରା ଏହି ଦୀନ୍ ରେ ଦାଖଲ ହୋଇସାରିଛନ୍ତି । ଯାହାଙ୍କ ନାମଗୁଡ଼ିକ ଇସ୍‌ଲାମୀୟ ନୂଆ ନାମ ସହିତ ନିମ୍ନରେ ଦରଜ କରାଗଲା । (୧-୨) ଡ଼ାଃ. ଜର୍ଜ ବେକର ଏବଂ ମିଷ୍ଟର୍ ଅହ୍‌ମଦ୍ ଆଣ୍ଡରସନ୍ । ଏହି ଦୁଇଜଣ ମହାଶୟ ଏ ଅଧମ ସହିତ ଚିଠିପତ୍ରର ଯୋଗାଯୋଗ ରଖିଥିଲେ । ଏବଂ ବହୁଦିନ ହେବ ମୁସଲ୍‌ମାନ ହୋଇସାରିଲେଣି । ନିଷ୍ଠାବାନ୍ ମୁସଲ୍‌ମାନ । ତେଣୁ ମୁଁ ଏହା ଜରୁରୀ ମଣୁଛି କି ସେମାନଙ୍କ ନାମ ଏହି ସୂଚୀର ସର୍ବାଗ୍ରେ ରଖାଯାଉ ।" ପରେ ସେ ତାଙ୍କ ରିପୋର୍ଟର ଅନ୍ୟ ସମସ୍ୟମାନଙ୍କ ନାମଗୁଡ଼ିକ ଉଲ୍ଲେଖ କରିଛନ୍ତି ।

ଡ଼ା. ବେକରଙ୍କ ଦେହାନ୍ତ ୧୯୧୮ ମସିହାରେ ହେଲା, ସ୍ଥାନୀୟ ଯମାତ୍ ସମ୍ବନ୍ଧିତ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏବଂ ଶହେ ବର୍ଷର ପୁରୁଣା ରେକର୍ଡ଼ ଦେଖି ତାଙ୍କ କବର ଖୋଜିପାଇଛନ୍ତି । ସେ ମହାଶୟ (ଅର୍ଥାତ୍ ଡ଼ା. ବେକର୍) ଫିଲାଡ଼େଲ୍‌ଫିୟାର ଗୋଟିଏ କବରସ୍ଥାନ Laura Hill ରେ ଦଫନ୍ ହୋଇଛନ୍ତି ।

### ହଜୁର୍ ଅନ୍‌ୱର୍‌ଙ୍କ ଫିଲାଡ଼େଲ୍‌ଫିୟାର ଗସ୍ତ ଏବଂ ଜର୍ଜ ବେକର ସାହେବଙ୍କ କବର ନିକଟରେ ଦୁଆ

ହଜୁର୍ ଅନ୍‌ୱର୍ ଅ:ବ:ଅ ଠିକ୍ ୧୧.୨୦ ମିନିଟ୍‌ରେ ନିଜ ଆବାସ ସ୍ଥଳୀରୁ ବାହାରିଲେ । ହଜୁରଙ୍କୁ ବିଦାୟ ଦେବାପାଇଁ ଯମାତର ସଦସ୍ୟମାନେ ଅର୍ଥାତ୍ ପୁରୁଷ ଓ ମହିଳାମାନେ ବହୁ ସଂଖ୍ୟାରେ ସକାଳୁ ମସ୍‌ଯିଦ୍ ବଇତୁଲ୍ ଆଫିୟତ୍‌ର ବାହ୍ୟ ପ୍ରାଙ୍ଗଣରେ ଏକାଠି ହୋଇଥିଲେ । ଛୋଟ ଛୋଟ ଝିଅ ପିଲାମାନେ ଦଳ ଦଳ ହୋଇ ସମବେତ କଣ୍ଠରେ ବିଦାୟ ମୂଳକ ଗୀତ ପାଠ କରୁଥିଲେ । ହଜୁର୍ ଅନ୍‌ୱର୍ ଦୁଆ କରାଇଥିଲେ ଏବଂ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ତତ୍ ସହିତ ଏଠାରୁ ଗସ୍ତ ଆରମ୍ଭ କଲେ । ପୋଲିସ୍ ଗାଡ଼ିଗୁଡ଼ିକ (ହଜୁରଙ୍କ) କାଫିଲାକୁ Escort କରୁଥିଲେ ।

ଠିକ୍ ୧୧.୩୫ ମିନିଟ୍‌ରେ ହଜୁର୍ ଅନ୍‌ୱର୍ କବର ସ୍ଥାନରେ ପହଂଚିଲେ ଏବଂ ମରହୁମ ଡ଼ା. ବେକର୍ ସାହେବଙ୍କ କବର ନିକଟରେ ଦୁଆ କଲେ । ଏହି ଅବସରରେ ଫିଲାଡ଼େଲ୍‌ଫିୟାର ଯମାତ୍‌ର ସଦର୍ ସାହେବ ମୋକରମ୍ ମୁଯିବୁଲ୍ଲାଃ ଚୌଧୁରୀ ସାହେବଙ୍କଠାରୁ ପଚାରିବୁଝିଲେ କି ଆପଣ ମରହୁମ୍‌ଙ୍କ କବରକୁ କିପରି ଖୋଜି ପାଇଛନ୍ତି । ଏଥିରେ ସେ ବତାଇଲେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକରେ ଯେଉଁ ସ୍ଥାନରେ ତାଙ୍କ ବିଷୟ ଉଲ୍ଲେଖ କରିଛନ୍ତି, ସେଠାରେ ତାଙ୍କ ଘରର ସମ୍ପୂର୍ଣ୍ଣ ଠିକଣା ମଧ୍ୟ ଲେଖିଛନ୍ତି ସୁତରାଂ ଏହି ଠିକଣା ଯୋଗୁଁ , ସେଠିକାର ନିକଟତମ କବରସ୍ତାନ୍ ଗୁଡ଼ିକୁ ସେଠିକାର ବ୍ୟବସ୍ଥାପିକା (ଅର୍ଥାତ୍ ସ୍ଥାନୀୟ କାର୍ଯ୍ୟାଳୟ ) ଏବଂ କାଉଂସିଲ୍ ଇତ୍ୟାଦି ସହିତ ଯୋଗାଯୋଗ କରି ଶହେ ବର୍ଷର ପୁରୁଣା ରେକର୍ଡ ବାହାରକଲୁ ଯଦ୍ୱାରା ଏ କବର ଆମକୁ ମିଳିଲା ।

ମରହୁମ୍ ଡାଃ ଜର୍ଜବେକର ସାହେବଙ୍କ ଭାବନାରେ ଏକଥା ନଥିବ କି ଯେଉଁ ମସିହ୍‌ଙ୍କୁ ସେ ଚିହ୍ନି ତାଙ୍କୁ ଗ୍ରହଣ କରିଥିଲେ, କେବେ ତାଙ୍କର ଜଣେ ଖଲିଫା ଶହେ ବର୍ଷ ପରେ ତାଙ୍କ କବର ନିକଟକୁ ଆସିବେ ଏବଂ ତାଙ୍କ ପାଇଁ ଦୁଆ କରିବେ । ୱ ଜାଲିକା ଫଜ୍‌ଲୁଲ୍ଲାହି ଯୁତିହି ମଇଁ ୟଶାଓ ।

ଦୁଆ ପରେ ସେଠାରୁ ଗସ୍ତ ଆରମ୍ଭ ହେଲା । ସହର ବାହାରକୁ ଯିବା ପାଇଁ ସେହି ମାର୍ଗକୁ ଆପଣାଗଲା ଯାହା ସମୁଦ୍ରର କୂଳେ କୂଳେ ସେହି ଭାଗଦେଇ ଯାଇଛି ଯେଉଁଠି ପାଣିଜାହାଜ ତଟରେ ଲାଗିଥାଏ । ୧୯୨୦ ମସିହାରେ ହଜରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାଦେବ୍ ର:ଅଙ୍କ ଜାହାଜଟି ସେହି ବନ୍ଦରରେ ଲାଗିଥିଲା, ଯେଉଁଠି ତାଙ୍କୁ ଜାହାଜରୁ ଓହ୍ଲାଇବା ପରେ ବନ୍ଦୀ କରାଯାଇଥିଲା । ସେଠାରେ (ହଜୁର୍) କିଛି ସମୟ ପାଇଁ ରହିଲେ । ଇନ୍ତେଯାମିୟା ଏକଥା ବତାଇଲେ କି ଏହା ହେଉଛି ସେହି ସ୍ଥାନ ଯେଉଁଠି ହଜ୍‌ରତ୍ ମୁଫ୍‌ତି ସାହେବ୍‌ଙ୍କୁ ବନ୍ଦୀ କରାଯାଇଥିଲା । ଏହା ପରେ ପୋଲିସ୍‌ଙ୍କ ତତ୍ତ୍ୱାବଧାନରେ ବାଲ୍‌ଟିମ୍ୟୁର ସହର ଆଡକୁ ଗସ୍ତ ଆରମ୍ଭ ହେଲା । ପେନ୍‌ସାଲଭାନିୟା ରାଜ୍ୟର ସୀମାରେ ସେଠିକା ପୋଲିସ୍ Escort କଲେ । ଏହା ପରେ ଯେବେ DELAWARE ରାଜ୍ୟରେ ପ୍ରବେଶ କଲେ ସେଠିକା ପୋଲିସ୍ କାଫିଲାକୁ Escort କଲା । ପୁଣି ଯେବେ MARYLAND ରାଜ୍ୟରେ ପ୍ରବେଶ କଲେ , ସେଠିକାର ପୋଲିସ କାଫିଲାକୁ Escort କଲା । ବାଲଟିମ୍ୟୁର୍ ମେରିଲ୍ୟାଣ୍ଡ ରାଜ୍ୟରେ ଅବସ୍ଥିତ । ମେରିଲ୍ୟାଣ୍ଡ ରାଜ୍ୟରେ ଯେବେ ବାଲ୍‌ଟିମ୍ୟୁର୍ ସହରର ନିକଟତମ ହେଲେ ସେତେବେଳେ ପୋଲିସ୍‌ର ଗୋଟିଏ ହେଲିକ୍ୟାପ୍‌ଟର୍ ମଧ୍ୟ ସୁରକ୍ଷା ଦେବାପାଇଁ ଡ୍ୟୁଟି କରୁଥିଲା । ଅନବରତ କାଫିଲ୍ ଉପରେ ଓ ମସ୍‌ଜିଦ୍‌ର ଇଲାକାର ଚକର୍ କାଟୁଥିଲା । ମସ୍‌ଯିଦ୍ "ବଇତୁସ୍ ସମଦ୍" ବାଲଟିମ୍ୟୁର୍ ଠାରେ ଦିନ ୧:୫୦ ମିନିଟ୍‌ରେ ହଜୁର୍ ଅ:ବ:ଅ ମସ୍‌ଜିଦ୍ "ବଇତୁସ୍‌ସମଦ୍"ରେ ପଦାର୍ପଣ କଲେ । ସର୍ବପ୍ରଥମେ ହଜୁର୍ ମିଶନ୍ ହଉସ୍‌ର ଆବାସ ସ୍ଥଳୀ ନିକଟକୁ ଗଲେ । ଏଠାରେ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ଘର ଥିଲା । ଏଠି ଅସ୍ଥାୟୀ ରୁପେ ରହିବାର ବ୍ୟବସ୍ଥା କରାଯାଇଥିଲା । ୨:୩୦ ରେ ହଜୁର୍ ଅନ୍‌ୱର ଅ:ବ:ଅ ମସ୍‌ଜିଦ୍ "ବଇତୁସ୍ ସମଦ୍" ଠାରେ ପଦାର୍ପଣ କଲେ । ଯେଉଁଠାରେ ଯମାତ୍‌ର ବହୁସଂଖ୍ୟକ ପୁରୁଷ ଏବଂ ମହିଳାମାନେ ହଜୁର୍ ଅନ୍‌ୱର ଅ:ବ:ଅଙ୍କୁ ସୁସ୍ୱାଗତ ଜଣାଇଲେ । ଉତ୍ସାହିତ ହୋଇ ନାରା (ସ୍ଲୋଗାନ) ଲଗାଇଲେ । ଛୋଟ ଛୋଟ ପୁଅ

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**